ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ମଙ୍ଗଳବାର ୧୪ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 14 JANUARY 2025
Vol.No. 36 ■ No.14 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

# ଏଲ୍‌ଏସି ସ୍ଥିତି ସମ୍ବେଦନଶୀଳ କିନ୍ତୁ ସ୍ଥିର: ସ୍ଥଳ ସେନା ମୁଖ୍ୟ



ନୂଆଦିଲ୍ଲୀ, ୧୩/୧ : ଏଲ୍‌ଏସିରେ ସ୍ଥିତି ସମ୍ବେଦନଶୀଳ କିନ୍ତୁ ସ୍ଥିର ରହିଛି। ଭାରତୀୟ ସେନା ପ୍ରତିଟି ସ୍ଥିତି ମୁକାବିଲା କରିବାକୁ ପ୍ରସ୍ତୁତ। ଭାରତ ଓ ଚୀନ୍ ସୀମା ବିବାଦକୁ ନେଇ ଆଜି ଏଭଳି କିଛି କହିଛନ୍ତି ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ। ସୀମା ବିବାଦକୁ ନେଇ ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କ ଦୀର୍ଘ ଦିନ ଧରି ତିକ୍ତ ରହିଛି। କିନ୍ତୁ ନିକଟରେ ଉଭୟ ଦେଶ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇଛନ୍ତି। ଖଇଉ ପ୍ରସଙ୍ଗ ସମ୍ବେଦନଶୀଳ କିନ୍ତୁ ସେଠାରେ ସ୍ଥିତି ସ୍ଥିର ରହିଛି। ଏହି ପ୍ରସଙ୍ଗକୁ ନେଇ ଅନେକ ସ୍ତରରେ ବୈଠକ ହୋଇଛି। ଉଭୟ ପକ୍ଷର ସେନା ପଛକୁ ହଟିଛନ୍ତି ଏବଂ ଉଭୟ ସନ୍ତୁଷ୍ଟ ଅଛନ୍ତି। ତଥାପି, କେତେକ ବିବାଦୀୟ ସ୍ଥାନରେ କୌଣସି ବଫର୍ ଜୋନ୍ ନାହିଁ। ପୂର୍ବ ଲଦାଖର ଡେପସଙ୍ଗ ଏବଂ ଡେମଚୋକର ପାରମ୍ପାରିକ ଅଞ୍ଚଳରେ ପାଟ୍ରୋଲିଂ ଏବଂ ଗୋରୁ ଚରିବା ଆରମ୍ଭ ହୋଇଛି। ଆମର ନିୟୋଜନ ସନ୍ତୁଳିତ ଏବଂ ମଜଭୁତ, ଆମେ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ସକ୍ଷମ ଅଟୁ। ଆମେ ସୀମାରେ ଭିତ୍ତିଭୂମି ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଉଛୁ ବୋଲି ସ୍ଥଳ ସେନା ମୁଖ୍ୟ କହିଛନ୍ତି ସେହିପରି ଜମ୍ମୁ କଶ୍ମୀରରେ ହ୍ରାସ ପାଇଛି ଆତଙ୍କବାଦ। ଟେରରିଜିମରୁ ଟୁରିଜମ ଆଡକୁ ଅଗ୍ରସର ହେଉଛି ଉପତ୍ୟକା। କାଶ୍ମୀରରେ ଆଜିର ସ୍ଥିତି ନେଇ ଭାରତୀୟ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏହା କହିଛନ୍ତି। ଗତ ବର୍ଷ କଶ୍ମୀରରେ ନିପାତ ହୋଇଥିବା ଆତଙ୍କବାଦୀଙ୍କ ମଧ୍ୟରୁ ୬୦% ପାକିସ୍ତାନୀ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି। ଏବେ ଉପତ୍ୟକାରେ ସକ୍ରିୟ ଆତଙ୍କୀଙ୍କ ମଧ୍ୟରୁ ୮୦% ପାକିସ୍ତାନୀ ବୋଲି କହିଛନ୍ତି ସ୍ଥଳସେନା ମୁଖ୍ୟ। ତେବେ ଆତଙ୍କୀ କାର୍ଯ୍ୟକଳାପ ଓ ସୀମାପାର ଅନୁପ୍ରବେଶ ଜାରି ରହିଛି ବୋଲି କହିଛନ୍ତି। ଗତ କିଛି ମାସ ମଧ୍ୟରେ ଉତ୍ତର କାଶ୍ମୀର ଓ ଡୋଡା-କିସ୍ତୱାଡା ଅଞ୍ଚଳରେ ଆତଙ୍କୀ କାର୍ଯ୍ୟକଳାପ ବଢିଛି। ତେବେ ହିଂସା ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଭିତରେ ଥିବା କହିଛନ୍ତି। ଅମରନାଥ ଯାତ୍ରାରେ ଏଥର ୫ ଲକ୍ଷରୁ ଅଧିକ ତୀର୍ଥଯାତ୍ରୀଙ୍କ ସମାଗମ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ଏକ ସକରାତ୍ମକ ପରିବର୍ତ୍ତନକୁ ସୂଚାଉଛି ବୋଲି ସେନା ମୁଖ୍ୟ କହିଛନ୍ତି।

# ମହାକୁମ୍ଭର ଶୁଭାରମ୍ଭ: ଦିନକରେ ଦେଢ଼ କୋଟିରୁ ଅଧିକ ଶ୍ରଦ୍ଧାଳୁଙ୍କ ଅମୃତ ସ୍ନାନ



ନୂଆଦିଲ୍ଲୀ, ୧୩/୧ : ପ୍ରୟାଗରାଜରେ ମହାକୁମ୍ଭର ମହାଶୁଭାରମ୍ଭ। ପୌଷ ପୂର୍ଣ୍ଣମୀର ଶୁଭ ଯୋଗରେ ଆଜି ଭୋରରୁ ବୁଡ଼ ପକାଇଛନ୍ତି ଦେଢ଼ କୋଟିରୁ ଅଧିକ ସାଧୁସନ୍ଥ ଓ ଶ୍ରଦ୍ଧାଳୁ। ଖାଲି ସନାତନୀ ହିନ୍ଦୁ ନୁହଁନ୍ତି, ବହୁ ବିଦେଶୀ ମଧ୍ୟ ସଂଗମରେ ସ୍ନାନ କରି ପାଇଛନ୍ତି ଅନନ୍ୟ ଅନୁଭବ। ସେପଟେ ଆସନ୍ତାକାଲି ମକର ସଂକ୍ରାନ୍ତିରେ ରହିଛି ପ୍ରଥମ ସାହି ସ୍ନାନ। ଯାହା ଭୋର ୫ଟା ୧୫ରୁ ଆରମ୍ଭ ହୋଇ ୧ ଘଣ୍ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ଗଭୀର ଆସ୍ଥା, ବିସ୍ତୃତ ଭକ୍ତି, ଆଉ ମୋକ୍ଷ ପ୍ରାପ୍ତିର ବିଶ୍ୱାସ। ଉଛୁଳିଛି ତୀର୍ଥରାଜ ପ୍ରୟାଗ, ଅମୃତର ଧାରା ପାଲଟିଛି ତ୍ରିବେଣୀ ସଂଗମ। ୧୪୪ ବର୍ଷର ପ୍ରତୀକ୍ଷା ପରେ ଗଙ୍ଗା-ଯମୁନା ଓ ସରସ୍ୱତୀ ନଦୀଙ୍କ ମିଳନ ସ୍ଥଳୀରେ ପୌଷ ପୂର୍ଣ୍ଣମୀର ବ୍ରାହ୍ମ ମୁହୂର୍ତ୍ତ ଭୋର ୫ଟା ୩ ମିନିଟରୁ ଆରମ୍ଭ ହୋଇଥିଲା ମହାବୁଡ଼। ଏଥିସହ ମହାକୁମ୍ଭ ମେଳାର ହୋଇଛି ମହା ଶୁଭାରମ୍ଭ। ରାତି ପାହିଲା ବେଳକୁ ଆକାଶ ମାର୍ଗରୁ ଉତ୍ତୋଳିତ ଚିତ୍ର ସ୍ପଷ୍ଟ ବଖାଣୁଥିଲା ସଂଗମରେ ସ୍ନାନ ପାଇଁ କେମିତି ଆତୁର ଥିଲେ ଲକ୍ଷ ଲକ୍ଷ ସାଧୁ-ସନ୍ଥଙ୍କ ସହ କୋଟି କୋଟି ଶ୍ରଦ୍ଧାଳୁ। ପୁଣ୍ୟୋଦ୍ଧୟା ତ୍ରିଧାରାଙ୍କ ମିଳନ ସ୍ଥଳୀରେ ବୁଡ଼ ପକାଇ ସମସ୍ତେ ହେଉଥିଲେ ଆନନ୍ଦିତ- କୃତ୍ୟ କୃତ୍ୟ। ଖାତିର ନଥିଲା ହାଡ଼ଭଙ୍ଗା ଶୀତ ରାତିକୁ, ଖାତିର ନଥିଲା ମାଇଲ ମାଇଲ ବାଟ ଚାଲିବାର ପାଦ ଯନ୍ତ୍ରଣାକୁ। ମହାକୁମ୍ଭର ପ୍ରଥମ ସ୍ନାନ ଯୋଗରେ ସାମିଲ ହେବାକୁ ଏମିତି ରବିବାର ରାତିରୁ ସଂଗମ ତଟ ମୁହାଁ ▶▶ପୃଷ୍ଠା ୭

# ସୀମାନ୍ତରେ ନକ୍ସଲଙ୍କ ଆଇଇଡି ବିସ୍ଫୋରଣ: ୨ ସୁରକ୍ଷାକର୍ମୀ ଆହତ

ମାଲକାନଗିରି, ୧୩/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର କୁଟ୍ରୁ ଅଞ୍ଚଳରେ ପୁଣି ମାଓବାଦୀଙ୍କ ହିଂସାକାଣ୍ଡ। ଜାଙ୍ଗଲା ନିକଟରେ ନକ୍ସଲ ଦମନ ଅପରେସନ ବେଳେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ଆଇଇଡି ବିସ୍ଫୋରଣ ହୋଇଛି। ଏଥିରେ ୨ ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ହେଲିକପ୍ଟର ଯୋଗେ ରାୟପୁର ହସ୍ପିଟାଲକୁ ପଠାଯାଇଛି। ସେହିପରି ସ୍ଥାନୀୟ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ମଧ୍ୟ ଜୋରଦାର କରାଯାଇଛି। ସ୍ଥାନୀୟ ପୁଲିସ୍ କହିଛି ଯେ ଜାଙ୍ଗାଲା ନିକଟର ଜୈଗୁର ଜଙ୍ଗଲରେ ରବିବାର ସନ୍ଧ୍ୟାରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଡିଆରଜି ଯବାନ ଓ କୁଟ୍ରୁ ପୁଲିସ୍‌ର କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ। ଏହି ସମୟରେ ନକ୍ସଲମାନେ ଆଇଡି ବିସ୍ଫୋରଣ କରିଥିଲେ। ଏଥିରେ କନଷ୍ଟେବଲ ଗଜେନ୍ଦ୍ର ସାହା ଓ ରାମସୁ ମାଜି ଗୁରୁତର ଆହତ ହୋଇଛନ୍ତି। ତେବେ ସେମାନେ ବିପଦମୁକ୍ତ ଥିବା ପୁଲିସ୍ ପକ୍ଷରୁ କୁହାଯାଇଛି। ଏହାପୂର୍ବରୁ ଜାନୁଆରୀ ୬ରେ ବିଜାପୁର ଅନ୍ତର୍ଗତ କୁଟ୍ରୁ ପୁଲିସ୍ ଷ୍ଟେସନ ଅଧୀନରେ ଥିବା ଆମ୍ବେଲି ଗାଁ ନିକଟରେ ନକ୍ସଲମାନେ ଆଇଇଡି ବିସ୍ଫୋରଣ କରିଥିଲେ। ଏଥିରେ ୯ ଜଣ ଯବାନ ସହିଦ ହୋଇଥିଲେ।

# ଶଙ୍ଖ ଭବନ ହୋଟେଲ୍‌ରେ ପରିଣତ ହୋଇଛି: ଜଗନ୍ନାଥ ପ୍ରଧାନ




ଭୁବନେଶ୍ୱର, ୧୩/୧(ନି.ପ୍ର) : ବିଜେଡି ରାଜ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନକୁ ନେଇ ସରଗରମ ହୋଇଛି ରାଜନୀତି। ମୁହାଁମୁହିଁ ହୋଇଛନ୍ତି ବିଜେପି ଓ ବିଜେଡି। ଶଙ୍ଖ ଭବନକୁ ନେଇ ବିଜେପି ନେତା ଜଗନ୍ନାଥ ପ୍ରଧାନ ଗୁରୁତର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଶଙ୍ଖ ଭବନ ହୋଟେଲ୍‌ରେ ପରିଣତ ହୋଇଛି। ବିଜେପି ନେତାଙ୍କ ଏପରି ଅଭିଯୋଗର ଜବାବ ରଖିଛନ୍ତି ବିଜେଡି ବିଧାୟକ ଅରୁଣ କୁମାର ସାହୁ। ବିଜେପି ନେତା ଜଗନ୍ନାଥ ସାହୁ କହିଛନ୍ତି, ଭାରତୀୟ ରାଜନୀତି ଇତିହାସରେ ବିରଳ ଘଟଣା ଘଟିବାକୁ ଯାଉଛି। ୨୪ ବର୍ଷ ଶାସନ କଲା ପରେ ୨୦୨୧ ମସିହାରେ ନୂତନ କାର୍ଯ୍ୟାଳୟ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ଠାରୁ ଅନୁମତି ପାଇଥିଲା ବିଜେଡି। ସେହି ଜମି ମଧ୍ୟ ବିଜେଡି କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ରହିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଥିଲା। କିନ୍ତୁ ଗଣମାଧ୍ୟମ ଖବରରୁ ଜଣାପଡ଼ିଲା ଯେ, ବିଜେଡି କାର୍ଯ୍ୟାଳୟ ହୋଟେଲରେ ପରିଣତ ହୋଇଛି। ତେବେ ଏଭଳି ଘଟଣା ରାଜ୍ୟ ରାଜନୀତିରେ କେବେ ଦେଖିବାକୁ ମିଳିନି। କୌଣସି ସ୍ଥାନରେ କେବେ ରାଜନୈତିକ ଦଳ କାର୍ଯ୍ୟାଳୟକୁ ହୋଟେଲ କରିନଥିଲେ ? ସତରେ କ'ଣ ବିଜେଡି ନିଷ୍ଚିନ୍ନ ହେବାକୁ ଯାଉଛି କି ? ଲୋକେ ଆଉ ଆସୁନାହାନ୍ତି କି ବୋଲି ପ୍ରଶ୍ନ କରିଛନ୍ତି ଜଗନ୍ନାଥ ପ୍ରଧାନ। ସେ ଆହୁରି କହିଛନ୍ତି, ▶▶ପୃଷ୍ଠା ୭

# ବାଘ ମାରି ଖାଇଥିଲେ: ବାସନ୍ଦ ହେଲେ ୪ ପରିବାର

ନୂଆପଡା, ୧୩/୧ (ନି.ପ୍ର): ବାଘ ମାରି ଖାଇଥିଲେ। ବନ ବିଭାଗ ହାତରେ ଧରାପଡ଼ି ଜେଲ୍ ଗଲେ। ହେଲେ ତାଙ୍କ ପରିବାର ଲୋକଙ୍କୁ ଛାଡ଼ିଲେନି ନିଜର ସମାଜର ଲୋକେ। ସେମାନଙ୍କୁ ବାସନ୍ଦ କରିଦେଲେ। ବାଘ ମାରି ଖାଇବା ଅଭିଯୋଗରେ ନୂଆପଡା ଜିଲ୍ଲା କୋମନା ବ୍ଲକ୍ ଦେଓଦରା ଗାଁରେ ୪ ପରିବାର ୧୩ ଜଣଙ୍କୁ ବାସନ୍ଦ କରିଛି ଚିନ୍ଦା ଭୁଞ୍ଜିଆ ଆଦିବାସୀ ସମାଜ। ୨୦୨୪ ନଭେମ୍ବର ୧୬ ତାରିଖରେ ▶▶ପୃଷ୍ଠା ୭

# ଲୋକସେବା ଭବନରୁ ମହାଠକଙ୍କୁ ଗିରଫ କଲା ପୁଲିସ୍: ମିଳିଲା ନକଲି ପରିଚୟପତ୍ର



ଭୁବନେଶ୍ୱର, ୧୩/୧(ନି.ପ୍ର) : ଲୋକସେବା ଭବନରୁ ଜଣେ ଦଲାଲକୁ ଗିରଫ କରିଛି କମିଶନରେଟ ପୁଲିସ୍। କ୍ୟାପିଟାଲ ଥାନା ପୁଲିସ୍ ଦଲାଲ ବ୍ୟାସଦେବ ରଣାକୁ ଗିରଫ କରିଛି। ବ୍ୟାସଦେବ ନିଜକୁ ପଞ୍ଚାୟତି ରାଜ ବିଭାଗର ଜଣେ ସେକ୍ସନ ଅଫିସର ଭାବେ ପରିଚୟ ଦେଇ ଲୋକଙ୍କୁ ଠକି ଚାଲିଥିଲା। ଏହିକ୍ରମରେ ସେ ଜଣଙ୍କ ଠାରୁ ଚାକିରି କରାଇ ଦେବା ନାଁରେ ପ୍ରାୟ ୨୦ ଲକ୍ଷ ଟଙ୍କା ନେଇ ଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଧାରରେ ପୁଲିସ୍ ତା'କୁ ଗିରଫ କରିଛି। ▶▶ପୃଷ୍ଠା ୭

# ଟାଟା ଏସିଇକୁ ପିଟିଲା କାର: ୨ ମୃତ

ଭୁବନେଶ୍ୱର, ୧୩/୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଝାଁଲା ଫାଣ୍ଡି ସାମ୍ନାରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଟାଟା ଏସିଇକୁ ଏକ କାର୍ ଧକ୍କା ଦେଇଛି । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ଏହା ସହିତ ଜଣେ ଗୁରୁତର ଆହତ ହୋଇଛନ୍ତି । ରୋଡ୍ ଡିଭାଇଡର ଭାଙ୍ଗି ବିପରୀତ ରାସ୍ତାରୁ ଆସି କାର୍ ଟାଟା ଏସିଇକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ।

# ବିଏସକେୱାଇକୁ ବିଦାୟ: ଏଣିକି ଓଡ଼ିଶାରେ ଆୟୁଷ୍ମାନ ଭାରତରେ ସ୍ୱାସ୍ଥ୍ୟସେବା




ନୂଆଦିଲ୍ଲୀ/ଭୁବନେଶ୍ୱର, ୧୩/୧ : ଆଉ ବିଏସକେୱାଇ ନୁହେଁ ଏଣିକି ଆୟୁଷ୍ମାନ ଭାରତରେ ସ୍ୱାସ୍ଥ୍ୟସେବା ପାଇବେ ଓଡ଼ିଶାବାସୀ । ଏହି ବହୁ ପ୍ରତୀକ୍ଷିତ ଯୋଜନା ପାଇଁ ଆଜି ଦିଲ୍ଲୀରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଭିତରେ ସ୍ୱାକ୍ଷର ହୋଇଛି ଗଣ୍ଟ । ଖୁବ୍ ଶୀଘ୍ର ଉଭୟ ରାଜ୍ୟ ଏବଂ କେନ୍ଦ୍ର ଯୋଜନାକୁ ମିଶାଇ ଗୋଟିଏ କାର୍ଡ ତିଆରି କରି ହିତାଧିକାରୀଙ୍କୁ ବଣ୍ଟାଯିବ । ଫେବ୍ରୁଆରୀରେ ଯୋଜନା କାର୍ଯ୍ୟକାରୀ ହୋଇପାରିବ ବୋଲି ଆଶା କରାଯାଉଛି। ଯୋଜନାରେ ରାଜ୍ୟର ପ୍ରାୟ ସାଢେ ୩ କୋଟି ଲୋକ ଉପକୃତ ହେବେ । ଓଡ଼ିଶାକୁ ମିଳିଲା ବହୁ ପ୍ରତୀକ୍ଷିତ ଆୟୁଷ୍ମାନ ଭାରତ ଯୋଜନା। ଖୁବ୍ ଶୀଘ୍ର ଇଝକଣ ବଦଳରେ ▶▶ପୃଷ୍ଠା ୭

# ଓଡ଼ିଶାର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୩/୧ : ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶା ସାମିଲ ହେବା ପରେ ରାଜ୍ୟର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସୋଶାଲ୍ ମିଡିଆ 'ଢ' ରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ଏହା ବାସ୍ତବରେ ଏକ ବିଡ଼ମ୍ବନା ଯେ ଓଡ଼ିଶାର ମୋର ଭଉଣୀ ଓ ଭାଇମାନେ ପୂର୍ବ ସରକାର ଦ୍ୱାରା ଆୟୁଷ୍ମାନ ଭାରତର ଲାଭରୁ ବଞ୍ଚିତ ହୋଇଥିଲେ। ଏହି ଯୋଜନା ଉଚ୍ଚ ମାନର ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବ। ଏହା ବିଶେଷ କରି ଓଡ଼ିଶାର ନାରୀ ଶକ୍ତି ଓ ବୟସ୍କମାନଙ୍କୁ ଲାଭାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ ଲେଖିଛନ୍ତି।

# ୧୫ ତାରିଖରେ ହେବାକୁ ଥିବା ୟୁଜିସି-ନେଟ୍ ପରୀକ୍ଷା ସ୍ଥଗିତ



ନୂଆଦିଲ୍ଲୀ, ୧୩/୧ : ଜାନୁଆରୀ ୧୫ତାରିଖରେ ହେବାକୁ ଥିବା ନେଟ୍ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ପୋଙ୍ଗଲ, ମକର ସଂକ୍ରାନ୍ତି ଏବଂ ଏହି ତାରିଖରେ ପାଳନ ହେବାକୁ ଥିବା ଅନ୍ୟାନ୍ୟ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନେଇଛି ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି। ପରୀକ୍ଷା ସ୍ଥଗିତ ରଖାଯିବା ସମ୍ପର୍କରେ ଏନଟିଏ ଆଧିକାରୀକ ୱେବସାଇଟ୍, ugcnet.nta.ac.in ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଜାନୁଆରୀ ୧୫ତାରିଖରେ ଗଣଯୋଗାଯୋଗର ନେଟ୍ ପରୀକ୍ଷା ହେବାକୁ ପୂର୍ବରୁ ସୂଚୀ ପ୍ରକାଶ ପାଇଥିଲା। ଯାହାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଖୁବଶୀଘ୍ର ଏହି ପରୀକ୍ଷାର ନୂଆ ତାରିଖ ଘୋଷଣା କରାଯିବ। ଅନ୍ୟପଟେ ଜାନୁଆରୀ ୧୬ ତାରିଖରେ ହେବାକୁ ଥିବା ପରୀକ୍ଷା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ଏନଟିଏ ଏହାର ଆଧିକାରୀକ ୱେବସାଇଟରେ ଜାରି କରିଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ ପୋଙ୍ଗଲ, ▶▶ପୃଷ୍ଠା ୭

# ଆପ୍ ଉପରେ ବର୍ଷିଲେ ରାହୁଲ: କହିଲେ ମୋଦି-କେଜ୍ରିୱାଲ ସମାନ



ନୂଆଦିଲ୍ଲୀ, ୧୩/୧ : ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ସରଗରମ ହେଲାଣି ପ୍ରଚାର ମୈଦାନ। ଏହି କ୍ରମରେ ଆଜି କଂଗ୍ରେସର ପ୍ରଚାର ମଙ୍ଗ ଧରି ଆମ୍ ଆଦମୀ ପାର୍ଟିକୁ ଟାର୍ଗେଟ କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ଇଣ୍ଡିଆ ମେଣ୍ଟର ସହଯୋଗୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତୁଳନା କରି ଉଭୟ କେବଳ ମିଛ ପ୍ରତିଶ୍ରୁତି ଦିଅନ୍ତି ବୋଲି କହିଛନ୍ତି। ଉତ୍ତର-ପୂର୍ବ ଦିଲ୍ଲୀର ସୀଲମପୁରରେ ଏକ ଜନସଭାକୁ ସମ୍ବୋଧନ କରି ରାହୁଲ ଦେଶବ୍ୟାପୀ ଜାତି ଜନଗଣନା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ ଆପଣ କେଜ୍ରିୱାଲଙ୍କୁ ପଚାରନ୍ତୁ ସେ ଜାତି ଜନଗଣନା ଓ ପଛୁଆ ବର୍ଗଙ୍କୁ ଆରକ୍ଷଣ ଚାହୁଁଛନ୍ତି କି ନାହିଁ। ଯେତେବେଳେ ମୁଁ ଜାତି ଜନଗଣନା କଥା କହୁଛି, ଉଭୟ ପ୍ରଧାନମନ୍ତ୍ରୀ ମୋଦି କିମ୍ବା କେଜ୍ରିୱାଲଙ୍କ ମୁହଁରୁ ଗୋଟିଏ ବି ଶବ୍ଦ ଶୁଣିବାକୁ ମିଳୁନି। ସେମାନଙ୍କ ମଧ୍ୟରେ କିଛି ବି ଫରକ ନାହିଁ। ଉଭୟ କେବଳ ମିଛ ପ୍ରତିଶ୍ରୁତି ଦିଅନ୍ତି। ରାହୁଲ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ଏବଂ କେଜ୍ରିୱାଲ ମୁଦ୍ରାସ୍ଫୀତି ହ୍ରାସ କରିବାର ପ୍ରତିଶ୍ରୁତି ଦେବା ସତ୍ତ୍ୱେ ସେଥିରେ ବିଫଳ ହୋଇଛନ୍ତି। ଭାରତରେ ଗରିବମାନେ ଆହୁରି ଗରିବ ଏବଂ ଧନୀମାନେ ଅଧିକ ଧନୀ ହେବାରେ ଲାଗିଛନ୍ତି ବୋଲି ରାହୁଲ ଦାବି କରିଛନ୍ତି। କେଜ୍ରିୱାଲଙ୍କୁ ସମାଲୋଚନା କରି ରାହୁଲ କହିଛନ୍ତି ଯେ ସେ ଜାତୀୟ ରାଜଧାନୀକୁ ▶▶ପୃଷ୍ଠା ୭

# ଭାଷା ଆନ୍ଦୋଳନର ଅନ୍ୟତମ ବିନ୍ଧାଣୀ : ଫକୀରମୋହନ ସେନାପତି



ଡ଼ଃ.ଅରୁନ୍ଧତୀ ଦେବୀ



୧୮୪୩ ମସିହା ପବିତ୍ର ମକର ସଂକ୍ରାନ୍ତି ଅବସରରେ ଜନ୍ମ ଗ୍ରହଣ କରିଥିଲେ ଓଡ଼ିଶା ମାଟିର ଅନ୍ୟତମ ବରପୁତ୍ର ଫକୀର ମୋହନ ସେନାପତି । ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ଗାଁର ଲକ୍ଷଣ ଚରଣ ସେନାପତି ଓ ତୁଳସୀ ଦେବୀଙ୍କ ଔରସରୁ ଜନ୍ମିତ ଫକୀର ମୋହନ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଦେଇ ଯାଇଥିବା ଅବଦାନ ଚିରସ୍ମରଣୀୟ । ଓଡ଼ିଆ ଭାଷା ଅସ୍ତିତ୍ୱ ରକ୍ଷା କରିବା ଲାଗି ସଂଘର୍ଷ କରୁଥିବାବେଳେ ନିଜର ଅମର ଲେଖନୀ ଚାଳନା କରି ଫକୀର ମୋହନ ଭାଷା ଓ ଜାତିର ଉଦ୍ଧାର କରିଥିଲେ । ମଧୁବାବୁ, ଗୋପବନ୍ଧୁ ଓ କବିବରଙ୍କ ସହ ମିଶି ସେ ଓଡ଼ିଆ ଭାଷା ଆନ୍ଦୋଳନକୁ ସଫଳ କରାଇପାରିଥିଲେ । ଫକୀର ମୋହନ ଥିଲେ ପ୍ରଥମ ଓଡ଼ିଆ କ୍ଷୁଦ୍ର ଗଳ୍ପ 'ରେବତୀ'ର ଲେଖକ । ଖୁବ୍ ପିଲାବେଳୁ ପିତାମାତାଙ୍କୁ ହରାଇଥିବା ଫକୀରମୋହନ ଅର୍ଥାଭାବାରୁ ଅଧାରୁ ପାଠ ପଢ଼ା ଛାଡ଼ିଥିଲେ । ତାଙ୍କ ଶରୀର ସବୁବେଳେ ଅସୁସ୍ଥ ରହୁଥିଲା । ଜେଜେମା'ଙ୍କ ଲାଳନପାଳନରେ ତାଙ୍କର ପିଲା ଦିନ କଟିଥିଲା । ମାଇନର ପାସ୍ କରି ବାଲେଶ୍ୱରର ବାରବାଟୀ ସ୍କୁଲରେ ପାଠ ପଢ଼ା ଜାରି ରଖିଥିବାବେଳେ ତାଙ୍କୁ ଅଧାରୁ ପାଠ ପଢ଼ା ଛାଡ଼ିବାକୁ ପଡ଼ିଥିଲା । ତେବେ ନିଜ ଅସାଧାରଣ ପ୍ରତିଭା ଯୋଗୁଁ ଫକୀରମୋହନଙ୍କୁ ସେହି ସ୍କୁଲରେ ମାସିକ ୨ଟଙ୍କା ୫୦ ପଇସା ଦରମାରେ ଚାକିରି କରିବାର ସୁଯୋଗ ମିଳିଲା । ଓଡ଼ିଆ, ବଙ୍ଗଳା, ଇଂରାଜୀ ଭାଷାରେ ଅସାଧାରଣ ଦକ୍ଷତା ଥିବା ଫକୀର ମୋହନ 'ଛମାଣ ଆଠ ଗୁଣ୍ଠ', 'ମାମୁଁ', 'ଲଛମା' ଭଳି କାଳଜୟୀ ଉପନ୍ୟାସ ରଚନା କରି ଯାଇଛନ୍ତି । 'ପେଟେଣ୍ଟ ମେଡ଼ିସିନ୍', 'ଡାକ୍ ମୁନସୀ', 'ରାଣ୍ଡି ପୁଅ ଅନନ୍ତା' ଭଳି କ୍ଷୁଦ୍ର ଗଳ୍ପ ତାଙ୍କ ଅମର କୀର୍ତ୍ତିର ଗାଥା ବହନ କରିଥାଏ । ବାଲେଶ୍ୱରସ୍ଥିତ ବାରବାଟୀ ସ୍କୁଲରେ ତାଙ୍କ ଅଧ୍ୟୟନ ଆରମ୍ଭ ହୋଇଥିଲା । କିନ୍ତୁ ଆର୍ଥିକ ଦୂରାବସ୍ଥା ଯୋଗୁଁ ପଢ଼ା ଛାଡ଼ି ସେହି ସ୍କୁଲରେ ମାସିକ ୨ଟଙ୍କା ୫୦ ପଇସା ଦରମାରେ ଶିକ୍ଷକତା କରିଥିଲେ । ପରେ ବାଲେଶ୍ୱର ମିସନ୍ ସ୍କୁଲରେ ଶିକ୍ଷକତା କରିଥିଲେ । ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ବଙ୍ଗଳା ଭାଷାରେ ଦକ୍ଷତା ଯୋଗୁଁ ବୁଦ୍ଧିଜୀବୀ ମହଲରେ ସେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ । ୧୮୯୬ ରୁ ୧୯୦୫ ପର୍ଯ୍ୟନ୍ତ କଟକର ବିଭିନ୍ନ ସାହିତ୍ୟିକ ଅନୁଷ୍ଠାନରେ ଫକୀରମୋହନ ଅଂଶଗ୍ରହଣ କରିଥିଲେ । ତାଙ୍କ ପାରିବାରିକ ଜୀବନ ଅତ୍ୟନ୍ତ କଷ୍ଟଦାୟକ ଥିଲା । ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ସେ ପୁନର୍ବାର ବିବାହ କରିଥିଲେ । ତାଙ୍କୁ ଓଡ଼ିଆ ଉପନ୍ୟାସ ସାହିତ୍ୟର ସ୍ରଷ୍ଟା କୁହାଯାଏ । ୧୯୧୮ ଜୁନ୍ ୧୪ରେ ଏହି ସାରସ୍ୱତ ସ୍ରଷ୍ଟାଙ୍କ ପରଲୋକ ହୋଇଥିଲା । ୧୮୬୮ରେ ସେ ନିଜସ୍ୱ ଚେଷ୍ଟା ବଳରେ ଉତ୍କଳ ପ୍ରେସ୍ ନାମକ ଛାପାଖାନା ବାଲେଶ୍ୱରରେ ପ୍ରତିଷ୍ଠା କରିଥିଲେ । 'ବୋଧଦାୟିନୀ. 'ନବସମ୍ବାଦ', 'ସମ୍ବାଦବାହିକା' ଭଳି ପତ୍ରିକା ପ୍ରକାଶିତ କରି ସେ ଜାତୀୟତା ଏବଂ ଭାଷା ଆନ୍ଦୋଳନକୁ ଉଜ୍ଜିବୀତ କରି ରଖିଥିଲେ । ୧୮୬୮ରେ ବାଲେଶ୍ୱର ଠାରେ ଉତ୍କଳ ପ୍ରେସ୍ ନାମରେ ଏକ ଛାପାଖାନା ପ୍ରତିଷ୍ଠା କରିଥିଲେ । ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁରସ୍ଥିତ ଏକ ଖଣ୍ଡାୟତ ପରିବାରରେ ୧୮୪୩ ପବିତ୍ର ମକର ସଂକ୍ରାନ୍ତି ତିଥିରେ ଜନ୍ମ ଗ୍ରହଣ କରିଥିଲେ ଫକୀରମୋହନ ସେନାପତି । ସେଥିପାଇଁ ତାଙ୍କୁ ସଂକ୍ରାନ୍ତି ପୁରୁଷ କୁହାଯାଏ ।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

# ସଂକ୍ରାନ୍ତି ପୁରୁଷ ଫକୀର ମୋହନ

ରାଜସ୍ମିତା ବାରିକ୍



ଉତ୍କଳ ସାହିତ୍ୟ ଆକାଶ ରେ ଓଡିଆ ସାହିତ୍ୟ ରେ ଯେଉଁ ମହାନ ବ୍ୟକ୍ତିତ୍ୱ ଦେଖାଯାଆନ୍ତି ସେଥିମଧ୍ୟରୁ ଫକୀର ମୋହନ ସେନାପତି ଅନ୍ୟତମ । ଓଡ଼ିଆ ସାହିତ୍ୟକୁ ଆଗକୁ ନେବାରେ ତାଙ୍କର ପ୍ରଚେଷ୍ଟା ଓ ଉଦ୍ୟମ ପାଇଁ ଆଜି ସେ ଜନମାନସ ରେ ପରିଚିତ । ନିଜର ଲେଖାରେ ସେତେବେଳେ ସମାଜ ରେ ଥିବା ଅନ୍ଧ ବିଶ୍ୱାସ କୁସଂସ୍କାରକୁ ସୁନ୍ଦର ଭାବରେ ପ୍ରତିପାଦିତ କରିଛନ୍ତି । ଫକୀର ମୋହନ ସେନାପତି ଏକାଧାରରେ ଜଣେ କବି , ଲେଖକ, ଗାଳ୍ପିକ, ଔପନ୍ୟାସିକ ଏବଂ ସମାଜ ସଂସ୍କାରକ ଥିଲେ । ସେହି ମହାନ୍ ବ୍ୟକ୍ତିତ୍ୱ ଙ୍କର ଜନ୍ମ ୧୩ ଜାନୁଆରୀ ୧୮୪୩ ରେ ମକର ସଂକ୍ରାନ୍ତି ଦିନ ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ପିତା ଲକ୍ଷ୍ମଣ ଚରଣ ସେନାପତି ଓ ମାତା ସ୍ୱର୍ଣ୍ଣ ଗର୍ଭା ତୁଳସୀ ଦେବୀଙ୍କର ପୁତ୍ର ଥିଲେ । ସେ ଯେତେବେଳେ ଏକ ବର୍ଷ ପାଞ୍ଚ ମାସ ବୟସ ରେ ଥିଲେ ତାଙ୍କ ପିତା ଙ୍କର ମୃତ୍ୟୁ ହୋଇଥିଲା । ଏହାର ମାତ୍ର ୧୪ ମାସ ପରେ ତାଙ୍କ ମାତାଙ୍କର ମଧ୍ୟ ମୃତ୍ୟ ହୋଇଥିଲା । ପିତା ମାତାଙ୍କ ମୃତ୍ୟ ପରେ ତାଙ୍କର ଲାଳନପାଳନ ତାଙ୍କ ଜେଜେମା କରିଥିଲେ । ଫକୀର ମୋହନଙ୍କ ଜନ୍ମ ଏବଂ ମୃତ୍ୟ ଏକ ଦିବ୍ୟ ସଂଯୋଗ ରେ ହୋଇଥିଲା । ମକର ସଂକ୍ରାନ୍ତିରେ ଜନ୍ମ ହୋଇଥିଲେ ମୃତ୍ୟୁ ମଧ୍ୟ ରଜ ସଂକ୍ରାନ୍ତି ହୋଇଥଲା । ସେଥି ପାଇଁ ତାଙ୍କୁ ସଂକ୍ରାନ୍ତି ପୁରୁଷ ବୋଲି କୁହାଯାଏ ।

ତାଙ୍କର ଉପନ୍ୟାସ ମାନଙ୍କ ମଧ୍ୟରେ 'ଛ' ମାଣ ଆଠ ଗୁଣ୍ଠ', 'ମାମୁଁ', 'ପ୍ରାୟଶ୍ଚିତ' ଓ 'ଲଛମା' ଇତ୍ୟାଦି । ଏହି ଉପନ୍ୟାସ ମାନଙ୍କରେ ଫକୀର ମୋହନ ସେତେବେଳେ ଓଡ଼ିଶାର ସାମାଜିକ ଅବସ୍ଥାକୁ ନିଛକ ଭାବରେ ବର୍ଣ୍ଣନା କରିଛନ୍ତି । ଛ' ମାଣ ଆଠ ଗୁଣ୍ଠ ଉପନ୍ୟାସରେ ଜମିଦାର ମାନଙ୍କ ଦ୍ୱାରା ଗରିବ ଚାଷୀମାନଙ୍କର ଶୋଷଣର କାହାଣୀ ବର୍ଣ୍ଣିତ ହୋଇଛି । ତାଙ୍କର ଗଳ୍ପ ମାନଙ୍କ ମଧ୍ୟରେ ରେବତୀ ହିଁ ପ୍ରଥମ ଓଡ଼ିଆ କ୍ଷୁଦ୍ରଗଳ୍ପର ମାନ୍ୟତା ଲାଭ କରିଥିଲା । ସେହି ଗଳ୍ପଟି ରେ ଗୋଟିଏ ଛୋଟ ଝିଅ ରେବତୀର ପାଠ ପଢ଼ିବାର ପ୍ରବଳ ଇଛା ଓ ଏଥିରେ ବାଧକ ସାଜୁଥିଲା ଗ୍ରାମୀଣ ସମାଜର ଅନ୍ଧବିଶ୍ୱାସ ପୂର୍ଣ୍ଣ କଥା । ପରେ ଯେବେ ଗାଁରେ ମହାମାରୀ ବ୍ୟାପିଛି ଏଥିପାଇଁ ତା'ର ବିଦ୍ୟା ଅଧ୍ୟୟନକୁ ଦାୟୀ କରାଯାଇଛି । 'ରେବତୀ', 'ପରି ତାଙ୍କର ଅନ୍ୟ ଗଳ୍ପ ଗୁଡିକ ହେଉଛି ରାଣ୍ଡି ପୁଅ ଅନନ୍ତା', 'ଡାକମୁନସୀ' ଆଦି ଗଳ୍ପ ଚିର ସ୍ମରଣୀୟ । ତାଙ୍କର ଗଳ୍ପ ରେ ସମାଜ ରେ ଅନ୍ଧବିଶ୍ୱାସ ଓ କୁସଂସ୍କାର କୁ ବର୍ଣ୍ଣନା କରିଛନ୍ତି ।ତାଙ୍କ ଲେଖା ରେ ସେ ସବୁ ଚରିତ୍ରକୁ ଜୀବନ୍ତ ଭାବରେ ବର୍ଣ୍ଣନା କରୁଥିଲେ ।

ତାଙ୍କୁ ଓଡିଆ ସାହିତ୍ୟ ର ପିତା ବୋଲି କୁହାଯାଏ । ଓଡ଼ିଆ ଭାଷାକୁ ଆଗକୁ ନେବାରେ ତାଙ୍କର ପ୍ରଚେଷ୍ଟା ଆଜିବି ଚିରସ୍ମରଣୀୟ । ପିଲାଟି ଦିନରୁ ଫକୀର ମୋହନ ମଧ୍ୟ ପାଠ ପଢ଼ିବାର ଅନୁମତି ପାଇ ନଥିଲେ । ବାଲ୍ୟକାଳ ରେ ବହୁତ ଅସୁସ୍ଥ ରହୁଥିଲେ ବୋଲି ବିଳମ୍ବ ରେ ପଢ଼ା ଆରମ୍ଭ କଲେ । ତାଙ୍କ ପାଖରେ ପଢ଼ିବାରେ ମଧ୍ୟ ଅର୍ଥ ବାଧକ ସାଜିଥିଲା । ସେ ଯେତେ ବିଦ୍ୟା ଅଧ୍ୟୟନ କଲେ ମଧ୍ୟ ସନ୍ତୁଷ୍ଟ ହେଉନଥିଲେ । ଆହୁରି ଆଧିକ ଜ୍ଞାନ ପ୍ରାପ୍ତ କରିବାରେ ଲାଗୁଥିଲେ । ନିଜ ମାତୃଭାଷାରେ ପଢିବା ସହିତ ସେ ପାର୍ସୀ ଭାଷା ମଧ୍ୟ ଶିକ୍ଷା କରିଥିଲେ । ପିଲାଦିନେ ସେ ଶ୍ରମିକ ଭାବରେ ବାଲେଶ୍ୱରରେ ଥିବା ବନ୍ଦରରେ କାର୍ଯ୍ୟ କରୁଥିଲେ । ସେଠାରେ ସେ ବଙ୍ଗାଳୀ ଓ ସଂସ୍କୃତ ଭାଷା ମଧ୍ୟ ଶିଖିଥିଲେ । ବିଦ୍ୟା ଅଧ୍ୟୟନ ତାଙ୍କର ଏପରି ନିଶା ଥିଲା ତାଙ୍କଠାରେ ବହୁତ୍ ଅଭାବ ପରିସ୍ଥିତି ମଧ୍ୟ ଜିତି ପାରିନଥିଲା । ମୃତ୍ୟ ତାଙ୍କ ଶରୀରକୁ ଜୟ କରିଛି କିନ୍ତୁ ତାଙ୍କ କର୍ମକୁ ନୁହଁ । ଆଜି ସେଇ ଯୁଗଜନ୍ମା ପୁରୁଷ ସମଗ୍ର ଓଡ଼ିଆ ଜାତି ନିକଟ ରେ ଅମର ହୋଇ ରହିଯାଇଛନ୍ତି ।



+ନୀଳଗିରି, ବାଲେଶ୍ୱର

# ଭାଷା ଆନ୍ଦୋଳନର ଅନ୍ୟତମ ବିନ୍ଧାଣୀ : ଫକୀରମୋହନ ସେନାପତି

ଶ୍ୟାମ ସୁନ୍ଦର ସାମଲ

୧୮୪୩ ମସିହା ପବିତ୍ର ମକର ସଂକ୍ରାନ୍ତି ଅବସରରେ ଜନ୍ମ ଗ୍ରହଣ କରିଥିଲେ ଓଡ଼ିଶା ମାଟିର ଅନ୍ୟତମ ବରପୁତ୍ର ଫକୀର ମୋହନ ସେନାପତି । ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ଗାଁର ଲକ୍ଷଣ ଚରଣ ସେନାପତି ଓ ତୁଳସୀ



ଦେବୀଙ୍କ ଔରସରୁ ଜନ୍ମିତ ଫକୀର ମୋହନ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଦେଇ ଯାଇଥିବା ଅବଦାନ ଚିରସ୍ମରଣୀୟ । ଓଡ଼ିଆ ଭାଷା ଅସ୍ତିତ୍ୱ ରକ୍ଷା କରିବା ଲାଗି ସଂଘର୍ଷ କରୁଥିବାବେଳେ ନିଜର ଅମର ଲେଖନୀ ଚାଳନା କରି ଫକୀର ମୋହନ ଭାଷା ଓ ଜାତିର ଉଦ୍ଧାର କରିଥିଲେ । ମଧୁବାବୁ, ଗୋପବନ୍ଧୁ ଓ କବିବରଙ୍କ ସହ ମିଶି ସେ ଓଡ଼ିଆ ଭାଷା ଆନ୍ଦୋଳନକୁ ସଫଳ କରାଇପାରିଥିଲେ । ଫକୀର ମୋହନ ଥିଲେ ପ୍ରଥମ ଓଡ଼ିଆ କ୍ଷୁଦ୍ର ଗଳ୍ପ 'ରେବତୀ'ର ଲେଖକ । ଖୁବ୍ ପିଲାବେଳୁ ପିତାମାତାଙ୍କୁ ହରାଇଥିବା ଫକୀରମୋହନ ଅର୍ଥାଭାବାରୁ ଅଧାରୁ ପାଠ ପଢ଼ା ଛାଡ଼ିଥିଲେ । ତାଙ୍କ ଶରୀର ସବୁବେଳେ ଅସୁସ୍ଥ ରହୁଥିଲା । ଜେଜେମା'ଙ୍କ ଲାଳନପାଳନରେ ତାଙ୍କର ପିଲା ଦିନ କଟିଥିଲା । ମାଇନର ପାସ୍ କରି ବାଲେଶ୍ୱରର ବାରବାଟୀ ସ୍କୁଲରେ ପାଠ ପଢ଼ା ଜାରି ରଖିଥିବାବେଳେ ତାଙ୍କୁ ଅଧାରୁ ପାଠ ପଢ଼ା ଛାଡ଼ିବାକୁ ପଡ଼ିଥିଲା । ତେବେ ନିଜ ଅସାଧାରଣ ପ୍ରତିଭା ଯୋଗୁଁ ଫକୀରମୋହନଙ୍କୁ ସେହି ସ୍କୁଲରେ ମାସିକ ୨ଟଙ୍କା ୫୦ ପଇସା ଦରମାରେ ଚାକିରି କରିବାର ସୁଯୋଗ ମିଳିଲା । ଓଡ଼ିଆ, ବଙ୍ଗଳା, ଇଂରାଜୀ ଭାଷାରେ ଅସାଧାରଣ ଦକ୍ଷତା ଥିବା ଫକୀର ମୋହନ 'ଛମାଣ ଆଠ ଗୁଣ୍ଠ', 'ମାମୁଁ', 'ଲଛମା' ଭଳି କାଳଜୟୀ ଉପନ୍ୟାସ ରଚନା କରି ଯାଇଛନ୍ତି । 'ପେଟେଣ୍ଟ ମେଡ଼ିସିନ୍', 'ଡାକ୍ ମୁନସୀ', 'ରାଣ୍ଡି ପୁଅ ଅନନ୍ତା' ଭଳି କ୍ଷୁଦ୍ର ଗଳ୍ପ ତାଙ୍କ ଅମର କୀର୍ତ୍ତିର ଗାଥା ବହନ କରିଥାଏ । ୧୮୬୮ରେ ସେ ନିଜସ୍ୱ ଚେଷ୍ଟା ବଳରେ ଉତ୍କଳ ପ୍ରେସ୍ ନାମକ ଛାପାଖାନା ବାଲେଶ୍ୱରରେ ପ୍ରତିଷ୍ଠା କରିଥିଲେ । 'ବୋଧଦାୟିନୀ. 'ନବସମ୍ବାଦ', 'ସମ୍ବାଦବାହିକା' ଭଳି ପତ୍ରିକା ପ୍ରକାଶିତ କରି ସେ ଜାତୀୟତା ଏବଂ ଭାଷା ଆନ୍ଦୋଳନକୁ ଉଜ୍ଜିବୀତ କରି ରଖିଥିଲେ ।

+ବିଡ଼ାନାସୀ ବନ୍ଧଛକ, କଟକ,
ମୋ : ୯୭୭୮୬୩୫୯୨୬

# ମକର ସଂକ୍ରାନ୍ତି : ଆରମ୍ଭ ହେଲା ଦେବତାଙ୍କ ଦିନ

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ସଂସାରର ସବୁ ସଂସ୍କୃତିରେ ସୂର୍ଯ୍ୟଙ୍କୁ ଆଲୋକ ଓ ଶକ୍ତିର ଦେବତା ଭାବରେ ଗ୍ରହଣ କରାଯାଏ । ଧର୍ମ ଓ ବିଜ୍ଞାନ ଉଭୟ ସୂର୍ଯ୍ୟଙ୍କ ମହତ୍ତ୍ୱକୁ ସ୍ୱୀକାର କରନ୍ତି । ମକର ସଂକ୍ରାନ୍ତିରେ ପ୍ରୟାଗର ତ୍ରିବେଣୀ ସଙ୍ଗମ ଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ସ୍ନାନ କରି ଅନୁଚିତ ଚିନ୍ତା ଛାଡ଼ି ସତ୍‌ମାର୍ଗରେ ଚାଲିବାର ସଂକଳ୍ପ ନିଅନ୍ତି । ବିଶ୍ୱାସ କରାଯାଏ, ଏହି ଦିନ ଠାରୁ ପୃଥିବୀର ସବୁ ତୀର୍ଥ ପ୍ରୟାଗ ଆସନ୍ତି । ଉତ୍ତରାୟଣ ସୂର୍ଯ୍ୟ ଆମକୁ ଦୃଢ଼ ସଂକଳ୍ପବାନ ଓ କର୍ମଯୋଗୀ ହେବାର ପ୍ରେରଣା ଦିଅନ୍ତି । ଧର୍ମଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟ ଦକ୍ଷିଣାୟନ ହେଲେ ସବୁ ଶୁଭ କାର୍ଯ୍ୟ ବର୍ଜିତ ହୁଏ । ଉତ୍ତରାୟଣ ଠାରୁ ସବୁ ଶୁଭ କାର୍ଯ୍ୟ ଆରମ୍ଭ ହେବ । ଏ ବର୍ଷ ସୂର୍ଯ୍ୟ ଉତ୍ତରାୟଣ ହେବା ପରେ ଦେଶ ଦୁନିଆ ଉପରେ ସୂର୍ଯ୍ୟଙ୍କର ଶୁଭ ପ୍ରଭାବ ପଡ଼ିବ । ସୂର୍ଯ୍ୟଙ୍କର ଶୁଭ ପ୍ରଭାବରେ ଦେଶର ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ଦେଶର ଅଗ୍ରଗତି ହେବ । ମୂଲ୍ୟବାନ ଧାତୁର ଚାହିଦା ବଢ଼ିବ । ବ୍ୟବସାୟ ବାଣିଜ୍ୟ ବଢ଼ିବ, କେତେକ ଦେଶରେ କ୍ଷମତା ପରିବର୍ତ୍ତନ ହୋଇପାରେ । ଅଧିକାଂଶ ଶୁଭଫଳ ପ୍ରଦାନ କରିବ । ତେବେ ସରକାର, ପ୍ରଶାସନ ଏବଂ ଜନତା ମଧ୍ୟରେ ବିରୋଧ ବଢ଼ିବାରେ ସମ୍ଭାବନା ରହିଛି । ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ । ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ । ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି । ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ଯୋଗୁଁ ମନୁଷ୍ୟ ମନରେ ମଧ୍ୟ ପରିବର୍ତ୍ତନ ଆସେ । ସମସ୍ତେ ମିଳିମିଶି ରୁହନ୍ତୁ, ସମସ୍ତଙ୍କ ଜୀବିକା ନିର୍ବିଘ୍ନରେ ଚାଲୁ, ସମସ୍ତେ ଶକ୍ତିମାନ ହୁଅନ୍ତୁ, ସତ୍‌କର୍ମରୁ ଆମକୁ ଶକ୍ତି ମିଳୁ - ଏହା ମକର ସଂକ୍ରାନ୍ତିର ସନ୍ଦେଶ ।

ମକର ସଂକ୍ରାନ୍ତିର ଗୋଟିଏ ଦିନ ପୂର୍ବରୁ ବସନ୍ତ ପୂର୍ବର ଉତ୍ସବ ଲୋହଡି ଉତ୍ତର-ଭାରତ ବିଶେଷକରି ପଞ୍ଜାବରେ ପାଳନ କରାଯାଏ । ମକର ସଂକ୍ରାନ୍ତି ଦିନ ତାମିଲ ହିନ୍ଦୁମାନେ ପୋଙ୍ଗଲ ପର୍ବ ମନାନ୍ତି । ସମଗ୍ର ଦକ୍ଷିଣ ଭାରତୀୟଙ୍କ ପାଇଁ ଏହା ସବୁଠାରୁ ବଡ଼ ପର୍ବ । ଆସାମରେ ବିହୁ ଭାବରେ ପାଳନ କରାଯାଏ ମକର ସଂକ୍ରାନ୍ତି । ଭାରତର ବିଭିନ୍ନ ପ୍ରଦେଶରେ ମକର ସଂକ୍ରାନ୍ତି, ଏହାର ପର୍ବ ଓ ପରଦିନରେ ନାନା ପର୍ବ ପାଳନ କରାଯାଏ । ସୂର୍ଯ୍ୟଙ୍କ ଗତି ସହ ସମ୍ପର୍କ ଥିବା ଯୋଗୁଁ ଏହି ପର୍ବ ଋତୁଚକ୍ର ଓ ଫସଲ ସହ ଜଡ଼ିତ । ସାରା ଭାରତରେ ଏହା ବିଭିନ୍ନ ରୂପରେ ମନାଯାଏ । ଦକ୍ଷିଣାୟନକୁ ଦେବତା ମାନଙ୍କ ରାତି ଅର୍ଥାତ୍ ନକାରାତ୍ମକତା ଓ ଉତ୍ତରାୟଣକୁ ଦେବତାମାନଙ୍କ ଦିନ ଅର୍ଥାତ୍ ସକାରାତ୍ମକତାର ପ୍ରତୀକ ଭାବରେ ଗ୍ରହଣ କରାଯାଏ । ଅନ୍ୟ ଅର୍ଥରେ କୁହାଯାଇପାରେ ଦକ୍ଷିଣାୟନରେ



ରାତି ସୁଖଦ ହୁଏ, ଉତ୍ତରାୟଣରେ ଦିନ ଭଲ ହୁଏ । ବୈଦିକ ଯୁଗରେ ଉତ୍ତରାୟଣକୁ ଦେବାୟନ ଓ ଦକ୍ଷିଣାୟନକୁ ପିତୃୟାନ କୁହାଯାଉଥିଲା । ବିଶ୍ୱାସ କରାଯାଏ ପୁଣ୍ୟବାନ ଆତ୍ମାମାନେ ସ୍ୱର୍ଗରେ ମଧ୍ୟ ଏହି ଦିନରେ ପ୍ରବେଶ କରନ୍ତି । ତେଣୁ ଏହା ଆଲୋକର ପର୍ବ । ମକର ସଂକ୍ରାନ୍ତି ଦିନ ସାରା ଦେଶରେ ଗୁଡ଼ିଉଡା ଆରମ୍ଭ କରାଯାଏ । ଭାରତୀୟ ସଂସ୍କୃତି ପଞ୍ଚଦେବତାଙ୍କ ପୂଜାକୁ ଗୁରୁତ୍ୱ ଦିଆଯାଏ । ଶିବ, ବିଷ୍ଣୁ, ଗଣପତି, ଆଦ୍ୟାଶକ୍ତି ଓ ସୂର୍ଯ୍ୟ ଏହି ପଞ୍ଚଦେବତା । ପଞ୍ଚଦେବତାଙ୍କ ପୂଜା, ଉପାସନା, ଆରାଧନା ଓ ଜପ ଦ୍ୱାରା ସାଧକଙ୍କୁ ଲୌକିକ - ପରଲୌକିକ, ନୈତିକ - ଆଧ୍ୟାତ୍ମିକ ସମସ୍ତ ପ୍ରକାର ଲାଭ ମିଳେ । ମକର ସଂକ୍ରାନ୍ତିରେ ନୂତନ ସଂକଳ୍ପ ମଧ୍ୟ ନିଆଯାଏ । ମହାଭାରତ ଯୁଦ୍ଧ ପରେ ପିତାମହ ଭୀଷ୍ମ ଶରଶଯ୍ୟାରେ ରହି ୫୮ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ ଉତ୍ତରାୟଣକୁ ଅପେକ୍ଷା କରିଥିଲେ । ସୂର୍ଯ୍ୟ ଆତ୍ମଦେବର ପ୍ରତୀକ ଅର୍ଥାତ୍ ଆମ ଆତ୍ମାର ଯେଉଁ ଦେବତ୍ୱ ନିହିତ ଅଛି ତାହାର ପ୍ରତୀକ । ସୂର୍ଯ୍ୟ ଜ୍ଞାନଶକ୍ତି ଓ ତେଜର ପ୍ରତୀକ । ସେ ସାରା ସଂସାରକୁ ପ୍ରକାଶିତ କରନ୍ତି । ମକର ସଂକ୍ରାନ୍ତି ନିଜ ଭିତରେ ଏହି ଚେତନାକୁ ବିକଶିତ କରିବାର ପର୍ବ । ଆମ ଭିତରେ, ଆମ ଆତ୍ମାରେ ଯେଉଁ ସୂର୍ଯ୍ୟ ଅଛନ୍ତି, ତାଙ୍କ ତେଜ ପ୍ରଖର କରିବାର ଏହା ପର୍ବ । ସୂର୍ଯ୍ୟ ଯେମିତି ବାଦଲରେ ଢ଼ାଙ୍କି ହୋଇଯାଆନ୍ତି, ସେମିତି ଆମର ଆତ୍ମା ମଧ୍ୟ କାମ, କ୍ରୋଧ ଓ ଅହଂକାରରୂପୀ ବାଦଲରେ ଆଚ୍ଛାଦିତ ହୋଇ ରୁହେ । ସୂର୍ଯ୍ୟ ବାଦଲ ମଧ୍ୟରୁ ପୁନଃ ପ୍ରକାଶିତ ହେବା ପରି ଆମେ ନିଜ ଆତ୍ମାର ତେଜ ବିକାଶ କରିବା ଉଚିତ । ଯେମିତିକି ନିରାଶଜନକଙ୍କ ମନରେ ମଧ୍ୟ ଉତ୍ସାହ ଓ ଆନନ୍ଦ ଭରିଯିବ । ତେଣୁ ମନକୁ ବିକାରମୁକ୍ତ କରିବା ପାଇଁ ଆମେ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରିବା ଉଚିତ ।

ଭାରତୀୟ ପରମ୍ପରା ମହାନ ପର୍ବ ହେଉଛି ମକର ସଂକ୍ରାନ୍ତି । ଦେଶର ବିଭିନ୍ନ ପ୍ରାନ୍ତରେ ଏହି ପର୍ବକୁ ଭିନ୍ନ ଭିନ୍ନ ଢ଼ଙ୍ଗରେ ପାଳନ କରାଯାଇଥାଏ । ପୌଷ ମାସର ଏହି ସଂକ୍ରାନ୍ତି ତିଥିରେ ସୂର୍ଯ୍ୟ ଉତ୍ତରାୟଣ ହୋଇ ମକର ରାଶିରେ ପ୍ରବେଶ କରିଥାନ୍ତି । ଏଥି ସହିତ ଦେବତା ମାନଙ୍କ ଦିନ ଏବଂ ପିତୃପୁରୁଷଙ୍କ ରାତ୍ରି ଆରମ୍ଭ ହୋଇଥାଏ । ମକର ସଂକ୍ରାନ୍ତି ପରଠାରୁ ସମସ୍ତ ପ୍ରକାରର ମାଙ୍ଗଳିକ କାର୍ଯ୍ୟ, ଯଜ୍ଞୋପବୀତ, ବିବାହବ୍ରତ, ଗୃହପ୍ରବେଶ ଆଦି ଅନୁଷ୍ଠିତ ହୋଇଥାଏ । ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ପୃଥିବୀବାସୀଙ୍କ ପାଇଁ ବରଦାନ ସଦୃଶ । ସମସ୍ତ ଦେବୀ ଦେବତା, ଯକ୍ଷ, ଗନ୍ଧର୍ବ, ନାଗ, କିନ୍ନର ଆଦି ଏହି ଅବଧିରେ ତୀର୍ଥରାଜ ପ୍ରୟାଗରେ ଏକତ୍ରିତ ହେବା ସହ ସଂଗମ ତଟରେ ସ୍ନାନ କରିଥାନ୍ତି । ଏହି ସମୟରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ସେମାନଙ୍କୁ ମୁକ୍ତି ମିଳିଥାଏ । ପ୍ରାତଃ କାଳରୁ ଉଠି ସ୍ନାନ କରିବା ସହ ସୂର୍ଯ୍ୟ ଦେବଙ୍କ ପୂଜା କଲେ ମନୁଷ୍ୟର ସମସ୍ତ ଗ୍ରହ ଦୋଷ ଖଣ୍ଡିତ ହୋଇଥାଏ । ମକର ସଂକ୍ରାନ୍ତିର ପର୍ବକୁ ଭାରତର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ଢ଼ଙ୍ଗରେ ପାଳନ କରାଯାଉଥିଲେ ମଧ୍ୟ ସବୁଆଡ଼େ ଗୋଟିଏ ଉଦ୍ଦେଶ୍ୟ ନେଇ ଏହି ପର୍ବ ପାଳିତ ହୁଏ । ଆସାମରେ ଲୋକମାନେ ଏହି ଦିନକୁ ମାଘ ବିହୁ କୁହନ୍ତି । ପଞ୍ଜାବ, ହରିଆନା, ହିମାଚଳ ପ୍ରଦେଶରେ ମାଘି ନାମରେ ଏହି ପର୍ବ ପାଳିତ ହୁଏ । ସାରା ଦେଶରେ ଏହା ମକର ସଂକ୍ରାନ୍ତି ନାମରେ ପାଳିତ ହେଉଥିବାବେଳେ ଉତ୍ତରାଖଣ୍ଡ, ଗୁଜୁରାଟ ଓ ରାଜସ୍ଥାନ ଏହାକୁ ଉତ୍ତରାୟଣ ନାମରେ ପାଳନ କରାଯାଇଥାଏ । ଦକ୍ଷିଣ ଭାରତରେ ଏହି ପୋଙ୍ଗଲ ନାମରେ ପ୍ରସିଦ୍ଧ । ତାମିଲ ନୂଆ ବର୍ଷ ପୋଙ୍ଗଲ ଠାରୁ ଆରମ୍ଭ ହୋଇଥାଏ । ଦେଶବ୍ୟାପୀ ଗୁଡ଼ି ଉଡା ଉତ୍ସବ ମଧ୍ୟ ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇଥାଏ । ସେହି ଅନୁଯାୟୀ ଆମ ଦେଶରେ ମକର ସଂକ୍ରାନ୍ତି ଅବସରରେ ପିତା ମାତା ଏବଂ ଗୁରୁଜନଙ୍କ ପୂଜା କରାଯାଇଥାଏ । ମକର ସଂକ୍ରାନ୍ତିରେ ଧାର୍ମିକ ଏବଂ ସାମାଜିକ କର୍ମର ବିଶେଷ ମହତ୍ତ୍ୱ ରହିଛି । ସ୍ନାନ, ଦାନ ଆଦି କାର୍ଯ୍ୟ ପାଇଁ ଏହି ତିଥି ପରମ ଲାଭକାରୀ ।

+ସହ-ପ୍ରତିରକ୍ଷିକ ଓ
ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ କଟକ,
ମୋ : ୯୪୩୭୦୫୧୯୫୭

# ସଂକ୍ରାନ୍ତି

## ମକର ପରବ

### ସୁନନ୍ଦା ମହାନ୍ତି

ମକର ଚାଉଳ ପାଇଁ
ଛେନା ନଡ଼ିଆ କଦଳୀ ଖଇ
ଗୁଜୁରାତି ଅଳେଇଚ କର୍ପୁର ଥୋଇ
ଅରୁଆ ଚାଉଳ ବାଟି ଏସବୁ ମିଶାଇ
ଚିନି ଗୋଲମରିଚ ଗୁଣ୍ଡ କମଳା ଦେଇ
ସେ ପୁର ମିଶ୍ରଣ ମକର ଚାଉଳ ବୋଲାଇ
ଶିବ ଓ ଶିବାଙ୍କ ପାଖେ ଓ
ହରି ହରେ ଭୋଗ ହୋଇ
ସାକ୍ଷୀଗୋପୀନାଥ ସବୁ ଦିନ ଗହମ ଖାଇ
ଗହମ ପ୍ରସ୍ତୁତ କେଳି ଡାଲିମ୍ଭ ବଲ୍ଲଭ
ସରପୁଳି କାକେରା ଗୋପାଳବଲ୍ଲବ
ଖାଇଥାଇ ଭୋଗ ହୋଇ ଭକ୍ତ ପାଇ
ଗୋଟିଏ ଦିନ ଏ ମକର ସଂକ୍ରାନ୍ତି
ଚାଉଳ ପ୍ରସ୍ତୁତ ମକର ଚାଉଳ କହି
ଭୋଗ ଲାଗି ହୋଇ ସାକ୍ଷୀଗୋପୀନାଥ ପାଇ
ଏମିତି ଅନେକ ବିଧି ଓ ବିଧାନ ଠାକୁ ଠାଇ
ଜଗନ୍ନାଥ ସେଦିନ ମକର ଚାଉଳ ଖାଇ
ଓଢଣ ଖୋଲି ଥୋଇ ଦେଇ
ରାତି ହେବ ଛୋଟ ଦିନ ହେବ ବଡ଼
ବିଜ୍ଞାନ ସମ୍ମତ ଅଟଇ ଯାହା କହିଛନ୍ତି ସାଇଁ
କାଲିଜାଇ ପୀଠ, ଅତ୍ରି ପିଠେ
ମକର ମେଳା ଜମଇ
ମକର ପାଇଁ ଗଙ୍ଗାସ୍ନାନ କଲିକତା ଯାଇ
ଚାଲ ଚାଲ ଯେତେ ଭଉଣୀ ଭାଇ
ମକର ଚାଉଳ ଖାଇ ସୁଆଦ ପାଇ
ଗୁଡ଼ି ଉଡେଇ ଆକାଶେ ପୋଲଙ୍ଗ ପର୍ବ କହି
ଝିଅ ବୋହୁ ମିଶି ଖିଆଖୋଇ ହୋଇ
ମକର ବସଇ ମକର ଚାଉଳ ଖାଇ ।

ସାକ୍ଷୀଗୋପାଳ,
ପୁରୀ
ମୋ: ୯୦୪୦୯୭୭୩୨୭

## ଓଡ଼ିଆ ପରମ୍ପରାରେ ମକର ସଂକ୍ରାନ୍ତି

### ବିକ୍ରମ ମହାପାତ୍ର



ସଂସାରର ସବୁ ସଂସ୍କୃତିରେ ସୂର୍ଯ୍ୟଙ୍କୁ ଆଲୋକ ଓ ଶକ୍ତିର ଦେବତା ଭାବରେ ଗ୍ରହଣ କରାଯାଏ। ଧର୍ମ ଓ ବିଜ୍ଞାନ ଉଭୟ ସୂର୍ଯ୍ୟଙ୍କ ମହତ୍ତ୍ୱକୁ ସ୍ୱୀକାର କରନ୍ତି। ମକର ସଂକ୍ରାନ୍ତିରେ ପ୍ରୟାଗର ତ୍ରିବେଣୀ ସଙ୍ଗମ ଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ସ୍ନାନ କରି ଅନୁଚିତ ଚିନ୍ତା ଛାଡ଼ି ସତ୍‌ମାର୍ଗରେ ଚାଲିବାର ସଂକଳ୍ପ ନିଅନ୍ତି। ବିଶ୍ୱାସ କରାଯାଏ, ଏହି ଦିନ ଠାରୁ ପୃଥିବୀର ସବୁ ତୀର୍ଥ ପ୍ରୟାଗ ଆସନ୍ତି। ଉତ୍ତରାୟଣ ସୂର୍ଯ୍ୟ ଆମକୁ ଦୃଢ଼ ସଂକଳ୍ପବାନ ଓ କର୍ମଯୋଗୀ ହେବାର ପ୍ରେରଣା ଦିଅନ୍ତି। ଧର୍ମଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟ ଦକ୍ଷିଣାୟନ ହେଲେ ସବୁ ଶୁଭ କାର୍ଯ୍ୟ ବର୍ଜିତ ହୁଏ। ଉତ୍ତରାୟଣ ଠାରୁ ସବୁ ଶୁଭ କାର୍ଯ୍ୟ ଆରମ୍ଭ ହେବ। ଏ ବର୍ଷ ସୂର୍ଯ୍ୟ ଉତ୍ତରାୟଣ ହେବା ପରେ ଦେଶ ଦୁନିଆ ଉପରେ ସୂର୍ଯ୍ୟଙ୍କର ଶୁଭ ପ୍ରଭାବ ପଡ଼ିବ। ସୂର୍ଯ୍ୟଙ୍କର ଶୁଭ ପ୍ରଭାବରେ ଦେଶର ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ଦେଶର ଅଗ୍ରଗତି ହେବ। ମୂଲ୍ୟବାନ ଧାତୁର ଚାହିଦା ବଢ଼ିବ। ବ୍ୟବସାୟ ବାଣିଜ୍ୟ ବଢ଼ିବ, କେତେକ ଦେଶରେ କ୍ଷମତା ପରିବର୍ତ୍ତନ ହୋଇପାରେ। ଅଧିକାଂଶ ଶୁଭଫଳ ପ୍ରଦାନ କରିବ। ତେବେ ସରକାର, ପ୍ରଶାସନ ଏବଂ ଜନତା ମଧ୍ୟରେ ବିରୋଧ ବଢ଼ିବାରେ ସମ୍ଭାବନା ରହିଛି। ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ। ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ଯୋଗୁଁ ମନୁଷ୍ୟ ମନରେ ମଧ୍ୟ ପରିବର୍ତ୍ତନ ଆସେ। ସମସ୍ତେ ମିଳିମିଶି ରୁହନ୍ତୁ, ସମସ୍ତଙ୍କ ଜୀବିକା ନିର୍ବିଘ୍ନରେ ଚାଲୁ, ସମସ୍ତେ ଶକ୍ତିମାନ ହୁଅନ୍ତୁ, ସତ୍‌କର୍ମରୁ ଆମକୁ ଶକ୍ତି ମିଳୁ - ଏହା ମକର ସଂକ୍ରାନ୍ତିର ସନ୍ଦେଶ। ମକର ସଂକ୍ରାନ୍ତି ବେଳକୁ ଓଡ଼ିଶାରେ ଧାନ, ଆଖୁ ଆଦି ନୂଆ ଫସଲ ଅମଳ ହୋଇଥାଏ। ତେଣୁ ଏହି ଦିନ ନୂଆ ଧାନରୁ ପ୍ରସ୍ତୁତ ଅରୁଆ ଚାଉଳ, ନୂଆ ଗୁଡ଼, ଛେନା, ନଡ଼ିଆ ଆଦି ମିଶାଇ ଗୋଟିଏ ସୁମିଷ୍ଟ ଭୋଗ ପ୍ରସ୍ତୁତ କରି ଦେବୀ ଦେବତା ଓ ଧାନ ଖଳାରେ ଭୋଗ ଲଗାଯାଏ। ଏହି ଭୋଗ ମକର ଚାଉଳ ଭାବେ ପରିଚିତ। କେତେକ ଅଞ୍ଚଳରେ ନୂଆଧାନର ଚାଉଳ ପ୍ରସ୍ତୁତ ପୋଡ଼ ପିଠା ସହ ଗୁଡ଼, କଦଳୀ, ନଡ଼ିଆ ଓ ଅରୁଆ ଚାଉଳରେ ଭୋଗ ଲଗାଯାଇ ଦେବାଦେବୀଙ୍କ ପାଖରେ ଦିଆଯାଏ। ସୂର୍ଯ୍ୟଙ୍କ ଯୋଗୁଁ କୃଷି କ୍ଷେତ୍ରରେ ଶସ୍ୟ ଉତ୍ପନ୍ନ ହେଉଥିବାରୁ କୃଷକମାନେ ମକର ସଂକ୍ରାନ୍ତିର ପୂଣ୍ୟକାଳରେ ସୂର୍ଯ୍ୟଙ୍କୁ ନୂତନ ଶସ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥାନ୍ତି। ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର ଆଦି ଉତ୍ତରାଞ୍ଚଳ ଜିଲ୍ଲାରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଏହି ମକର ପର୍ବ ପାଳିଥାନ୍ତି। ଏହାକୁ ଟୁସୁ ପର୍ବ ଭାବେ ମଧ୍ୟ ପାଳନ କରାଯାଇଥାଏ।

ଓଡ଼ିଆରେ କଥାନିକାଟି ଅଛି ମକର ଠାରୁ ଦିନ ହୁଏ ବକର। ଅର୍ଥାତ୍ ମକର ସଂକ୍ରାନ୍ତିରୁ ଦିନର ଅବଧି କ୍ରମଶଃ ବୃଦ୍ଧି ପାଏ। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଯାଉଥିବାରୁ ଖରା ଧୀରେ ଧୀରେ ପ୍ରଖର ହୁଏ। ମକର ଦିନ ଠାରୁ ସୂର୍ଯ୍ୟ ଉତ୍ତର ଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ ଶୁଭକର୍ମ ଅନୁଷ୍ଠିତ ହୋଇଥାଏ। ଖାଲି ସେତିକି ନୁହେଁ, ମକର ସଂକ୍ରାନ୍ତି ଓଡ଼ିଆ ମାନଙ୍କ ପାଇଁ ବନ୍ଧୁତ୍ୱର ଦିନ। ଏହି ଦିନ ବନ୍ଧୁକୁ ମକର ଚାଉଳ ଖୁଆଇ ଓଡ଼ିଆମାନେ ମକର ବସିଥାନ୍ତି। କେବଳ ମକର କାହିଁକି, ଓଡ଼ିଶାରେ ପ୍ରତିଟି ପବିତ୍ର ଦ୍ରବ୍ୟ ଓ ନୈବେଦ୍ୟକୁ ନେଇ ସମ୍ପର୍କର ସୂତ୍ର ଯୋଡ଼ିବାର ପରମ୍ପରା ବହୁ ପ୍ରାଚୀନ।

ମକର ସଂକ୍ରାନ୍ତିରୁ ଉତ୍ତରାୟଣ ପର୍ବ ଆରମ୍ଭ ହୁଏ। ଏହା ଦେବତା ମାନଙ୍କ ଦିନ ହୋଇଥିବା ଯୋଗୁଁ ଏହି ଦିନ ଜପ, ତପ, ଦାନ, ସ୍ନାନ, ଶ୍ରାଦ୍ଧ, ତର୍ପଣ ଆଦି ଧାର୍ମିକ କାର୍ଯ୍ୟର ବିଶେଷ ମହତ୍ୱ ରହିଛି। ଏହିଦିନ ଠାରୁ ଦିନ ବଡ଼ ହେବାକୁ ଲାଗେ ଏବଂ ରାତି ଛୋଟ ହେବାକୁ ଲାଗେ। ଦିନ ବଡ଼ ହେବା ଯୋଗୁଁ ଅଧିକ ଆଲୋକ ମିଳେ। ଫଳରେ ତାପମାତ୍ରା କମେ। ଅର୍ଥାତ୍ ମକର ସଂକ୍ରାନ୍ତି ଠାରୁ ଶୀତର ପ୍ରକୋପ କମ୍ ହୋଇଯାଏ। ଅଧିକ ଆଲୋକ ଯୋଗୁଁ ମନୁଷ୍ୟର ଚେତନା ଓ କାର୍ଯ୍ୟଶକ୍ତି ବୃଦ୍ଧି ପାଏ। ଏହି ଦିନ ସୂର୍ଯ୍ୟଙ୍କ ରାଶିରେ ହୋଇଥିବା ପରିବର୍ତ୍ତନକୁ ଅନ୍ଧକାରରୁ ଆଲୋକ ଆଡ଼କୁ ଅଗ୍ରସର ହେବାର ପ୍ରତୀକ ଭାବରେ ବିବେଚନା କରାଯାଏ। ଏହି ଦିନ ରାଶି ଲଡୁ ଭୋଗ କରାଯାଏ। ଏହା ପଛରେ ବୈଜ୍ଞାନିକ କାରଣ ରହିଛି। ଶୀତଦିନେ ଶରୀରକୁ ଉତ୍ତାପର ଆବଶ୍ୟକତା ଥାଏ। ଗୁଡ଼ ଓ ରାଶି ଶରୀରକୁ ଆବଶ୍ୟକ ଉତ୍ତାପ ପ୍ରଦାନ କରନ୍ତି। ରାଶିକୁ ପ୍ରଚୁର ପରିମାଣରେ ତେଲ ଆମ ଶରୀରକୁ ଯାଏ। ଏହା ଶରୀରର ଆବଶ୍ୟକ ଉତ୍ତାପ ରକ୍ଷା କରେ। ସାରା ଭାରତରେ ମକର ସଂକ୍ରାନ୍ତି ଦିନ ଗୁଡ଼ିଉଡା ପର୍ବ ଆରମ୍ଭ ହୁଏ। ମକର ସଂକ୍ରାନ୍ତିରେ ଗୁଡ଼ି ଉଡାଇବା ପଛରେ କୌଣସି ଧାର୍ମିକ କାରଣ ନାହିଁ। କିନ୍ତୁ ଏହାର ମନୋବୈଜ୍ଞାନିକ କାରଣ ରହିଛି। ପୌଷ ମାସରେ ଅଧିକ ଥଣ୍ଡା ଯୋଗୁଁ ଆମ ଶରୀରରେ ଅନେକ ରୋଗ ସୃଷ୍ଟି ହୋଇଥାଏ। ଏହି ଦିନରେ ତ୍ୱଚା ମଧ୍ୟ ଶୁଷ୍କ ହୋଇଯାଏ। ସୂର୍ଯ୍ୟ ଉତ୍ତରାୟଣ ହେଲେ ତାଙ୍କ କିରଣ ଆମ ଶରୀର ପାଇଁ ଔଷଧ ପରି କାମ ଦିଏ। ଗୁଡ଼ି ଉଡାଇବା ସମୟରେ ଆମ ଶରୀର ସିଧାସଳଖ ସୂର୍ଯ୍ୟଙ୍କ କିରଣ ପାଏ। ଏହାଦ୍ୱାରା ଶୀତରୁ ସୃଷ୍ଟି ହୋଇଥିବା ଅନେକ ଶାରୀରିକ ରୋଗ ମନକୁ ମନ ଭଲ ହୋଇଯାଏ। ଆସାମରେ ବିହୁ : ମକର ସଂକ୍ରାନ୍ତି ଅବସରରେ ଆସାମରେ ବିହୁ ଉତ୍ସବ ପାଳନ କରାଯାଏ। ଏହାକୁ ମାଘ ବିହୁ ମଧ୍ୟ କହନ୍ତି। ଆସାମରେ ଏହା ଏକ ବଡ଼ ପର୍ବ। ଫସଲ ପାଚିବା ଖୁସିରେ ଏହା ପାଳନ କରାଯାଏ। ମାଘ ବିହୁର ପୂର୍ବ ଦିନକୁ ଉରୁକା କୁହାଯାଏ। ଏହି ଦିନ ଲୋକମାନେ ନଦୀକୂଳରେ କିମ୍ବା ଖୋଲା ଜାଗାରେ ନଡ଼ାରେ ଅସ୍ଥାୟୀ ଛାଉଣୀ ବନାନ୍ତି। ରାତିରେ ଗାଁ ଲୋକେ ସମସ୍ତେ ଏଠାରେ ମିଳିମିଶି ଭୋଜି କରନ୍ତି। ଏହି ଛାଉଣୀ ପାଖରେ ରାତିରେ ୪ଟି ବାଉଁଶ ବାନ୍ଧି ନଡ଼ା ଏବଂ କାଠରେ ଉଚ୍ଚ ଖମ୍ବ ତିଆରି କରନ୍ତି ଏହାକୁ ମେଜି କୁହାଯାଏ। ଓଡ଼ିଆ ଆଧାତ୍ମିକ ଓ ଜନଜୀବନ ଚେତନାରେ ମକର ସଂକ୍ରାନ୍ତିର ସ୍ଥାନ ସ୍ୱତନ୍ତ୍ର ଏବଂ ଏହି ଦିନଟି ଓଡ଼ିଆ ପରମ୍ପରାରେ ଘରେ ଘରେ ସମ୍ପର୍କ ସୁଦୃଢ଼ କରିବା ପାଇଁ ଯୁଗବତ୍ ଯେଉଁ ପରମ୍ପରା ରହିଆସିଛି ତାହା ମଧ୍ୟ ସ୍ମରଣୀୟ।

+'ଆନନ୍ଦ ଜ୍ୟୋତ୍ସ୍ନା', ଚଣ୍ଡୀମନ୍ଦିର
ମାର୍ଗ, ଚଣ୍ଡୀଛକ, କଟକ

## ମକର ସଂକ୍ରାନ୍ତି

### ଗୋଲୋକ ବିହାରୀ ବେହେରା

ବାରଟି ମାସରେ ବାରଟି ସଂକ୍ରାନ୍ତି
ମକର ଅଟେ ପ୍ରଧାନ,
ସାରା ଭାରତରେ ଏ ପର୍ବ ପାଳନ
କରନ୍ତି ଭକତ ଜନ ।
ଦକ୍ଷିଣ ଭାରତେ'ପୋଙ୍ଗଲ' ନାମରେ
ଅଟେ ଏହା ଜଣାଶୁଣା,
ମୟୂରଭଞ୍ଜରେ 'ଟିସୁ' ପର୍ବ ଏହା
ଶୀତ ବିଦାୟ ସୂଚନା ।
ଜୁଆଙ୍ଗମାନଙ୍କ ମୁଖ୍ୟ ପର୍ବ ଏହା
କରି ' ସିନାବେଙ୍ଗା' ପୂଜା,
ପିଠାପଣା ଖାଇ ନାଚ ଗୀତ ଗାଇ
ପରବେ ମାରନ୍ତି ମଜା ।
ଏହି ଦିନ ମାତା ଲକ୍ଷ୍ମୀ ଠାକୁରାଣୀ
ବାପଘର ତ୍ୟାଗ କରି ,
ଶୀରି ମନ୍ଦିରକୁ ଫେରି ଆସିଥାନ୍ତି
ବେଢ଼ା ପରିକ୍ରମା କରି।
ମକର ରାଶିକୁ ସୂର୍ଯ୍ୟଙ୍କ ଗମନ
ହୁଅନ୍ତି ଉତ୍ତରାୟଣ ,
ଏ ସମୟେ ଜନ ପରଲୋକ ଗଲେ
ସ୍ୱର୍ଗପ୍ରାପ୍ତି ହୁଏ ଜାଣ।
ନଡ଼ିଆ କଦଳୀ ଅରୁଆ ଚାଉଳ
ସାକର ରାଶି ମିଶାଇ,
ପ୍ରଭୁଙ୍କ ନିକଟେ ଭୋଗ ଲଗା ପରେ
ସାଙ୍ଗ ସାଥୀ ବାଣ୍ଟିଦେଇ।
ଭକତି ଭାବରେ ପୂଜା ଶେଷ ପରେ
ମକର ଚାଉଳ ନେଇ,
'ମକର' ବସନ୍ତି ବଂଧୁଙ୍କୁ ଖୁଆଇ
ଉତ୍ତମ ମିତ୍ରତା ପାଇଁ।
ଏହି ସଂକ୍ରାନ୍ତିରେ ପୁରପଲ୍ଲୀଠାରୁ
ସହର ନଗର ଯାଏ,
ଆନନ୍ଦ ଉଲ୍ଲାସେ ଦେବଦେବୀ ପୂଜା
ମୁଖରିତ ହୋଇଥାଏ ।

+ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ: ୯୯୩୮୩୦୩୦୪୬

## ମକର ସଂକ୍ରାନ୍ତି



### ସୁଧାଂଶୁ ଶେଖର ଦ୍ୱିବେଦୀ



ମକର ସଂକ୍ରାନ୍ତି ଦିନ ଗ୍ରହମାନଙ୍କର ରାଜା ସୂର୍ଯ୍ୟଦେବ ଧନୁ ରାଶି ରୁ ବାହାରି ମକର ରାଶିରେ ପ୍ରବେଶ କରନ୍ତି ।ସୂର୍ଯ୍ୟ ଗୋଟେ ରାଶି ରୁ ବାହାରି ଆଉ ଗୋଟେ ରାଶିରେ ପ୍ରବେଶ କରିବା ସମୟକୁ ସଂକ୍ରାନ୍ତି କୁହାଯାଏ ।ଗୋଟେ ସଂକ୍ରାନ୍ତିରୁ ଆଉ ଗୋଟେ ସଂକ୍ରାନ୍ତିର ମଧ୍ୟବର୍ତ୍ତୀ ସମୟକୁ ସୌରମାସ ବୋଲି ଗଣନା କରାଯାଏ ।ପୂରା ବର୍ଷର ୧୨ ମାସରେ ୧୨ଟି ସଂକ୍ରାନ୍ତି ପଡେ ।କିନ୍ତୁ ପୌରାଣିକ/ଧାର୍ମିକ ମାନ୍ୟତା ଅନୁସାରେ ମକର ସଂକ୍ରାନ୍ତି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ ।ପୌଷମାସ ଶେଷରେ ଯେବେ ସୂର୍ଯ୍ୟଦେବ ଉତ୍ତରାୟଣ ହୋଇ ମକର ରାଶିରେ ପ୍ରବେଶ କରନ୍ତି ଉକ୍ତ ଅବସରକୁ ଦେଶର ବିଭିନ୍ନ ରାଜ୍ୟର ଅଲଗା ଅଲଗା ନମକରଣ ରେ ମକର ସଂକ୍ରାନ୍ତି ଉତ୍ସବ ପାଳନ କରିଥାନ୍ତି ।

ସାମାନ୍ୟତଃ ଭାରତୀୟ ପଞ୍ଜିକାରେ ସମସ୍ତ ତିଥି ଚନ୍ଦ୍ରମାର ଗତିକୁ ଆଧାର ମାନି ନିର୍ଦ୍ଧାରିତ କରା ହୋଇଥାଏ, ମାତ୍ର ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କ ଗତି ଦ୍ୱାରା ତିଥି ନିର୍ଦ୍ଧାରିତ ହୋଇଥାଏ ।ମକର ସଂକ୍ରାନ୍ତର ଅନେକ ପ୍ରକାର ଧାର୍ମିକ ମହତ୍ତ୍ୱ ଅଛି ।ଏହି ଦିନ କୌଣସି ପବିତ୍ର ନଦୀରେ ସ୍ନାନ ସାରି ଦୀନଜନଙ୍କୁ ଦାନ କଲେ ଶୁଭ ଫଳ ପ୍ରାପ୍ତି ହୁଏ ।ମକର ସଂକ୍ରାନ୍ତି ଦିନ ସମସ୍ତ ଖରମାସ ସମାପ୍ତ ହୋଇ ଯାଏ ଏବଂ ଯେଉଁସବୁ ଶୁଭ କାର୍ଯ୍ୟ ଅଟକି ରହିଥାଏ ସେସବୁ ପୁଣିଥରେ ଆରମ୍ଭ ହୋଇଥାଏ । ମକର ସଂକ୍ରାନ୍ତି କେବଳ ଧାର୍ମିକ ବିଷୟବସ୍ତୁ ନୁହେଁ ବିଜ୍ଞାନରେ ମଧ ଅନେକ ମହତ୍ତ୍ୱ ରଖିଥାଏ। ଗ୍ରହଙ୍କରାଜା ସୂର୍ଯ୍ୟଦେ୍ୱ ସମସ୍ତ ୧୨ଟି ରାଶିକୁ ପ୍ରଭାବିତ କରିଥାନ୍ତି। ହେଲେ କର୍କଟ ଏବଂ ମକର ରାଶିରେ ତାଙ୍କର ପ୍ରବେଶ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ ।ଏହି ଦୁଇଟି ରାଶିରେ ସୂର୍ଯ୍ୟଦେବଙ୍କ ପ୍ରବେଶ ୬ ମାସ ଅନ୍ତରାଳରେ ହୁଏ ।ବୈଜ୍ଞାନିକଙ୍କ ମତରେ ପୃଥିବୀର ଅକ୍ଷ ୨୩.୫ ଡିଗ୍ରୀ ଢଳି ରହିଥିବା କାରଣରୁ ସୂର୍ଯ୍ୟ ୬ ମାସ ଉତ୍ତର ଗୋଲାର୍ଦ୍ଧ ନିକଟବର୍ତ୍ତିରେ ରୁହନ୍ତି ଏବଂ ଶେଷ ୬ ମାସ ଦକ୍ଷିଣ ଗୋଲାର୍ଦ୍ଧ ନିକଟରେ ଥାଆନ୍ତି ।ମକର ସଂକ୍ରାନ୍ତି ପୂର୍ବରୁ ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧ ନିକଟରେ ଥାଆନ୍ତି ଅର୍ଥାତ ଉତ୍ତର ଗୋଲାର୍ଦ୍ଧଠାରୁ ଅପେକ୍ଷାକୃତ ଦୂରରେ, ଯେଉଁଥିପାଇଁ ଉତ୍ତର ଗୋଲାର୍ଦ୍ଧରେ ରାତି ବଡ଼ ଏବଂ ଦିନ ସାନ ହୋଇଥାଏ ତଥା ଏହି ସମୟ ଶରତ,ଶୀତ ଋତୁ ହୋଇଥାଏ ।ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧକୁ ଚାଲି ଯାଆନ୍ତି। ତେଣୁ ସେହିଦିନଠାରୁ ରାତି ସାନ ଏବଂ ଦିନ ବଡ଼ ହୋଇ ଯାଏ ଏବଂ ତାହା ଗ୍ରୀଷ୍ମ ଓ ବର୍ଷା ଦିନ ରୂପେ ବିଦିତ।

ମକର ସଂକ୍ରାନ୍ତି ଦିନ ପବିତ୍ର ନଦୀରେ ସ୍ନାନ,ସୂର୍ଯ୍ୟ ଉପାସନା ଏବଂ ଦାନ ଦେବା ବିଶେଷ ପୁଣ୍ୟ ଅର୍ଜନ ପ୍ରାପ୍ତ ହୋଇଥାଏ ।ଏହି ଦିନରେ ଦିଆହେଉଥିବା ଦାନର ପୁଣ୍ୟ ଶହେ ଗୁଣ ଅଧିକ ମିଳିଥାଏ ।ମକର ସଂକ୍ରାନ୍ତିରେ କଳା ଖସା ମଧ ଖୁବ ମହତ୍ତ୍ୱପୂର୍ଣ୍ଣ ବିବେଚନା ହୁଏ ।କଳା ଖସା ମିଶ୍ରିତ ଜଳ,ଶରୀରରେ ଖସା ତେଲ ଲଗେଇ ସ୍ନାନ କଲେ ପୁଣ୍ୟ ଫଳ ହୋଇଥାଏ ।ଏହିଦିନ ଚାଉଳ,ଖସା ଏବଂ ଗୁଡ଼ ରେ ତିଆରି ତିଳଉ ସେବନ କଲେ ସ୍ୱାସ୍ଥ୍ୟ ଓ ମନ ପ୍ରଫୁଲ୍ଲ ହେବା ସହ ଜୀବନୀ ଶକ୍ତି ମଜବୁତ ହୋଇଥାଏ।

+ବିସି-୭୪, ସଲ୍ଟ ଲେକ୍,
କଲକାତା-୬୪
ମୋ-୯୬୮୧୩୭୩୫୧୨

## ପୋଙ୍ଗଲ

### ମହେଶ୍ୱର ରାଓ

ପୋଙ୍ଗଲ ବା ଥାଇ ପୋଙ୍ଗଲ ହେଉଛି ଦକ୍ଷିଣ ଭାରତର ଏକ କୃଷିଭିତ୍ତିକ ପର୍ବ। ବିଶେଷତଃ ତାମିଲ ଭାଷାଭାଷୀ ଲୋକମାନେ ଏହି ପର୍ବ ପାଳିଥାନ୍ତି । ଦକ୍ଷିଣ ଭାରତରେ ଏହା ଗଣପର୍ବର ମାନ୍ୟତା ପାଇଛି । ତାମିଲ ମାସ ମାର୍ଗାଝି ର ଶେଷ ଦିନ ଠାରୁ ଆରମ୍ଭ ହୋଇ ଥାଇ ମାସର ପ୍ରଥମ ତିନି ଦିନ ପର୍ଯ୍ୟନ୍ତ ୪ ଦିନ ଧରି ପୋଙ୍ଗଲ ପାଳିତ ହୋଇଥାଏ । ତାମିଲନାଡୁ, ପୁଡୁଚେରୀ ସମେତ ଶ୍ରୀଲଙ୍କା, ମାଲେସିଆ, ମରିସସ୍ ଆଦି ସ୍ଥାନରେ ରହୁଥିବା ତାମିଲମାନେ ବେଶ୍ ଉତ୍ସାହର ସହ ପୋଙ୍ଗଲ ପର୍ବ ପାଳିଥାନ୍ତି। ଏହି ପର୍ବର ତୁଳନା ନବାନ୍ନ ସହ କରାଯାଇଥାଏ । ଫସଲ ଅମଳ ସମୟରେ ସାଧାରଣତଃ ଏହି ପର୍ବ ପାଳିତ ହୋଇଥାଏ । ପୋଙ୍ଗଲର ଅର୍ଥ ହେଉଛି ବିପ୍ଲବ । ପାରମ୍ପରିକ ଭାବେ ଏହି ପର୍ବ ସମୃଦ୍ଧି ଆଣିବା ଉଦ୍ଦେଶ୍ୟରେ ପାଳିତ ହୁଏ । ଏହି ଦିନରେ ବର୍ଷା, ଖରା, ଭୂମି ଏବଂ କୃଷି ସହ ଜଡ଼ିତ ସମସ୍ତ ଉପକରଣର ପୂଜାର୍ଚ୍ଚନା କରାଯାଇଥାଏ। ପୋଙ୍ଗଲ ପର୍ବ ପାଳନର ପରମ୍ପରା ହଜାର ହଜାର ବର୍ଷ ପୁରୁଣା । ଏହି ପର୍ବର ମୂଳଭିତ୍ତି ହେଉଛି ପୂର୍ବପୁରୁଷଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇ ଭଲ ଜୀବନ ଓ ଏକ ଯଥାର୍ଥ ଗୃହସ୍ଥ ଜୀବନ ସହ



ଜନକଲ୍ୟାଣର ବ୍ରତୀ ହେବା। ପୋଙ୍ଗଲ ଦିବସରେ ତେଲଗୁ ଓ ତାମିଲ ଭାଷାଭାଷୀମାନେ ଆନନ୍ଦ ଉଲ୍ଲାସ ଭିତରେ ଜନ ସେବାରେ ନିଜକୁ ନିୟୋଜିତ ରଖନ୍ତି। ପାରିବାରିକ ଖୁସି, ସୁଖ, ଆନନ୍ଦ ଭିତରେ ପାରମ୍ପରିକ ପୋଙ୍ଗଲ ଭାଇଚାରା ବନ୍ଧନକୁ ସୁଦୃଢ଼ କରିଥାଏ। କେବଳ ସେତିକି ନୁହେଁ ସମାଜ ଓ ଦେଶକୁ ଭଲପାଇବା ସହ ସେମାନଙ୍କ ଉନ୍ନତିକଳ୍ପେ ନିଜକୁ ଉତ୍ସର୍ଗୀକୃତ କରିବାର ମହାପାର୍ବଣ ହେଉଛି ପୋଙ୍ଗଲ। ପୋଙ୍ଗଲର ଆଧାତ୍ମିକ, ନୈତିକ ଓ ସାମାଜିକ ଜୀବନାଦର୍ଶ ଆମ ସମସ୍ତଙ୍କୁ ସତକର୍ମ ପାଇଁ ଅନୁପ୍ରେରଣା ଯୋଗାଉ ଏହା ହିଁ କାମନା।

ଓଡ଼ିଆ ବଜାର, ତନ୍ତୀ ସାହି, କଟକ,
ମୋ : ୯୦୪୦୨୨୮୪୯୧

## ମକର ସଂକ୍ରାନ୍ତି

### ନିରଞ୍ଜନ ସାହୁ

ପୃଥିବୀର ପରିକ୍ରମଣରେ ସୂର୍ଯ୍ୟ
ଅବସ୍ଥାନ ରାଶି ମକର
ଆଜିଠୁଁ ଦକ୍ଷିଣାୟନ ଶେଷ ହେଲା
ସୂର୍ଯ୍ୟ ଗତି ହେଲା ବକର ।

ମକର ସଂକ୍ରାନ୍ତି ହୋଇବା ଫଳରେ
ଏଣିକି ଦିନଟା ବଢ଼ିବ
ସୂର୍ଯ୍ୟଙ୍କର ରଥ ଦକ୍ଷିଣେ ନ ଯାଇ
ଉତ୍ତରାୟଣରେ ଗଡିବ
ଖରାର ପ୍ରଭାବ ଧୀରେଧୀରେ ବଢ଼ି
ଶୀତ ସାଥେ ଦେବ ଟକ୍କର ।

ମକର ଚାଉଳ ଭୋଗ ଲଗାଯିବ
ଦିଅଁଦେବତାଙ୍କ ପାଖରେ
ମାଘ ମାସ ଏବେ ଆରମ୍ଭ ହୋଇଲା
ଶୀତ ମାଘମାସ କାଖରେ
ଆଦିବାସୀଙ୍କର ମୁଖ୍ୟ ପର୍ବ ଏହା
କହେ ଗଞ୍ଜା ଡାକି କକର ।

ଫସଲ ଅମଳ ପରବ ଏ ଅଟେ
ବିହୁ ଓ ପୋଙ୍ଗଲ ନାମରେ
ସାରା ଭାରତର ପବିତ୍ର ଦିବସ
ଭାରି ଭିଡ଼ ଚାରିଧାମରେ
ଗୁଡ଼ି ଉଡାଇବା ଶରଧାରେ ଆମେ
ଗୁଡ଼ି ମାରୁଥିବ ଚକ୍କର ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ପବିତ୍ର ଉତ୍ତରାୟଣ...

### ରାମଚନ୍ଦ୍ର ବେହେରା

ପ୍ରକାଶ ଦେବତା ରୋଗମୁକ୍ତି ଦାତା
ସହର୍ଷେ ଛାଡିଲେ ଧନୁକୁ
ମକର ଆତିଥ୍ୟ ସ୍ୱୀକାରି ଭାସ୍କର
ଫେରିଲେ ଉତ୍ତର ଦିଶାକୁ
ଉଷ୍ମ ଦୀପ୍ତି ଦେଲେ ବିଛୁରି
ଶୀତର ପ୍ରକୋପ କମି କମି ଗଲା
ମନକୁ ମୋହିଲା ସବୁରି।
ଉତ୍ତରର ଜନେ ଗଂଗା ସ୍ନାନକରି
ସୂର୍ଯ୍ୟ ଉପାସନା କରିଲେ
ଦକ୍ଷିଣ ରାଇଜେ ପବିତ୍ର ପୋଂଗଲ
ଶ୍ରଦ୍ଧାରେ ସଭିଏଁ ପାଳିଲେ
ପଂଜାବୀ ପାଳିଲେ ଲୋହଡି
ସଂଗୀତର ସୁରେ ଭାଂଗରା ନୃତ୍ୟରେ
ରାଇଜ ପଡିଲା ଉଛୁଳି।
ସାରା ଭାରତର ନୀଳ ଆକାଶରେ
ଦିଶିଲା ଗୁଡିର ଝଲକ
ମକର ସଂକ୍ରାନ୍ତି ଶୁଭ ଅବସରେ
ହସିଲା ଉତ୍କଳ ମୂଲକ
ନାନା ଜାତି ପୁଷ୍ପ ଗହଣେ
ଛିଟ ଶାଢୀ ପିନ୍ଧି ପବିତ୍ର ଧରଣୀ
ଖୁସି ଭରିଦେଲା ପରାଣେ।
ଆମ ଭାରତର ଭିନ୍ନ ଭିନ୍ନ ପ୍ରାନ୍ତେ
ଭିନ୍ନ ନାମେ ଏହି ପରବ
ହର୍ଷ ଉଲ୍ଲାସରେ ସଭିଏଁ ପାଳନ୍ତି
ଦେଶ ପାଇଁ ଏହା ଗୌରବ
ଉତ୍ତରାୟଣର ପରଶେ
ଆସ ସର୍ବେ ମିଳି ପ୍ରଭୁ ତପନଂକୁ
ଆଶିଷ ମାଗିବା ହରଷେ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୫୩୪୬

## ମକର ସଂକ୍ରାନ୍ତି ଆସିଲା

### ଜୟନ୍ତ କୁମାର ମଲ୍ଲିକ୍

ଶୀତେ ଥରି ଥରି କୁହୁଡ଼ିକୁ ଧରି
ମକର ସଂକ୍ରାନ୍ତି ଆସିଲା
ପ୍ରତି ଘରେ ଘରେ ମକର ଚାଉଳ
ସାଥେ ପୋଡ଼ପିଠା ବାସିଲା ।
ଦେବା ଦେବୀ ପିଠେ ଲୋକ ମାନଙ୍କର
ଭିଡ଼ ଆସ୍ତେ ଆସ୍ତେ ଜମିଲା
ଆଜି ଠାରୁ ସୂର୍ଯ୍ୟ ତାପ ଯେ ବଢ଼ିଲା
ଶୀତର ପ୍ରକୋପ କମିଲା ।
ବରୁଣେଶ୍ୱରଙ୍କ ପିଠେ ଆଜି ଠାରୁ
ମକର ମେଳାତ ଲାଗିଲା
ସଭିଙ୍କ ମନରେ ବୁଲା ବୁଲି ପାଇଁ
ନୂଆ ଆଶାଟିଏ ଜାଗିଲା ।
ଗୁଡ଼ି ଉଡ଼ାଇବା ପାଇଁ ଏ ସମୟେ
ପ୍ରତିଯୋଗିତା ଯେ ହୋଇଲା
ବୁଲା କୁଡି ଦେଖ ଛୁଆକୁ ଧରିକି
ଚୁଲି ମୂଳେ ଯାଇ ଶୋଇଲା ।
ଫକୀରମୋହନ ଙ୍କର ଜନ୍ମଦିନ
ସ୍ଥାନେ ସ୍ଥାନେ ହେଲା ପାଳିତ
ମାଆ ମଲାପରେ ମାଉସୀଙ୍କ ଦ୍ୱାରା
ହୋଇଥିଲେ ସିଏ ଲାଳିତ ।

ଶୂରଡିହ, ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ: ୯୪୩୭୮୬୫୭୨୭

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୪ ଜାନୁଆରୀ ୨୦୨୫, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଧାରଣକ୍ଷମ କୃଷିପଦ୍ଧତିର ଆବଶ୍ୟକତା

ଦେଶ ସମ୍ମୁଖୀନ ହେଉଥିବା ଦୁଇଟି ପ୍ରମୁଖ ଆହ୍ୱାନ ହେଉଛି କୃଷି କ୍ଷେତ୍ରରେ ସ୍ଥିରତା ଓ ଖାଦ୍ୟ ନିରାପତ୍ତା। ଜଳବାୟୁ ପରିବର୍ତ୍ତନ, ଜନସଂଖ୍ୟା ବୃଦ୍ଧି, ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣ, କୃଷି ସମ୍ବଳର ସଂକୋଚନ ଓ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଆଳରେ ପ୍ରକୃତିର ସୁରକ୍ଷା ପ୍ରତି ଆନ୍ତରିକହୀନତା ଏହି ସମସ୍ୟାକୁ ଆହୁରି ଉତ୍କଟ କରୁଛି। ବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଚାହିଦା ପୂରଣ ପାଇଁ ଅଧିକ ଅମଳକ୍ଷମ ଓ ସଙ୍କରକିସମ ବିହନ ବ୍ୟବହାର ସହିତ ଆଗ୍ରୋ-କେମିକାଲ୍ସ ଏବଂ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରିବା ଉପରେ ମତ ପ୍ରକାଶ ପାଉଛି ଏବଂ ଏହାକୁ ଅଗ୍ରାଧିକାର ମଧ୍ୟ ଦିଆଯାଉଛି। କିନ୍ତୁ ଏହାଦ୍ୱାରା ପରିବେଶ ଏବଂ ମାନବ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି, ଯାହା ପରୋକ୍ଷରେ କୃଷି ଉତ୍ପାଦନକୁ ପ୍ରଭାବିତ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ଏପରି ଏକ ବିକଳ୍ପ କୃଷିର ଆବଶ୍ୟକତା ଅଛି, ଯାହାକି ଧାରଣକ୍ଷମ ହୋଇପାରିବ। ଏହି କୃଷିପଦ୍ଧତିଗୁଡ଼ିକ ସାମ୍ପ୍ରତିକ ପିଢ଼ିର ଖାଦ୍ୟ, ବସ୍ତ୍ର, ଶିଳ୍ପ ଚାହିଦା ପୂରଣ କରିବା ସହିତ ଭବିଷ୍ୟତ ପିଢ଼ି ନିମନ୍ତେ କୃଷି ସମ୍ବଳ ଓ ପରିବେଶକୁ ଅକ୍ଷୁଣ୍ଣ ରଖିପାରିବ। ଏପରି ଧାରଣକ୍ଷମ ବା ପ୍ରତିପାଳନକ୍ଷମ କୃଷି ମାନବ ଓ ପ୍ରାଣିଜଗତ ପାଇଁ ମଙ୍ଗଳକାରୀ ହେବା ସହିତ ମୃତ୍ତିକା ଓ ପରିବେଶ ପାଇଁ କଲ୍ୟାଣକାରୀ ସାବ୍ୟସ୍ତ ହେବ। ପାରମ୍ପରିକ କୃଷି ବା ଔଦ୍ୟୋଗିକ କୃଷି ସିନ୍ଥେଟିକ୍ କୀଟନାଶକ, ରାସାୟନିକ ସାର ଏବଂ ଅନ୍ୟାନ୍ୟ ଅଭିବୃଦ୍ଧି ପ୍ରୋତ୍ସାହକ ଉପାଦାନ ଉପରେ ଅଧିକ ନିର୍ଭର କରେ, ଯାହା କୃଷି ଚକ୍ର, ପରିବେଶ ଓ ଜୀବଜଗତ ଉପରେ କୁପ୍ରଭାବକୁ ଅଣଦେଖା କରିଥାଏ। କିନ୍ତୁ ସରକାରୀ ପ୍ରୋତ୍ସାହନ ଏବଂ ସହଜରେ ଅମଳ ବୃଦ୍ଧି କରିପାରୁଥିବା ଏହି କୃଷିକୌଶଳ ହିଁ ଚାଷୀମାନଙ୍କ ଦ୍ୱାରା ବିଶେଷ ଆଦୃତ ହେବାରେ ଲାଗିଲା। ଫଳରେ କୃଷି କ୍ଷେତ୍ରରେ ଅସ୍ଥିରତା ଲାଗି ରହିଲା। ଅଧିକ ପୁଞ୍ଜି ବିନିଯୋଗ କରି ଚାଷୀମାନେ ଏପରି ଆଧୁନିକ କୃଷିପଦ୍ଧତି ଅନୁସରଣ କଲା ବେଳେ କୌଣସି କାରଣରୁ ଯଦି ପାଣିପାଗ ଦାଉ ସାଧିଲା କିମ୍ବା କୃଷି ଉତ୍ପାଦ ଅମଳ ପରେ ଅଭାବୀ ବିକ୍ରିବଟାର ସମ୍ମୁଖୀନ ହେଲା ତେବେ ଚାଷୀ ଋଣଗ୍ରସ୍ତ ହୋଇ ଆତ୍ମହତ୍ୟା ପରି ଏକ ଦୁଃଖଦ ପନ୍ଥାକୁ ବାଛିନେଲା। ତେଣୁ ଅତ୍ୟାଧୁନିକ କୃଷିର ପ୍ରତିକୂଳ ପ୍ରଭାବକୁ ଲାଘବ କରିବା ପାଇଁ ବୈଜ୍ଞାନିକମାନେ କେତେକ ବିକଳ୍ପ ଉଦ୍‌ଭାବନ କରିବାକୁ ଚେଷ୍ଟା କଲେ। ଏହି କୌଶଳଗୁଡ଼ିକ ହେଲା ଫସଲ ପର୍ଯ୍ୟାୟ ଅନୁସରଣ, ଆବରଣୀ ଫସଲ ଚାଷ, ଫସଲ ବିବିଧିକରଣ, ମିଶ୍ରିତ ଓ ଅନ୍ତଃଫସଲ ଚାଷ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଉତ୍ତମ ଜଳ ପରିଚାଳନା, ପ୍ରାକୃତିକ କୀଟନାଶକ ନିୟନ୍ତ୍ରଣ ଏବଂ ଏକୀକୃତ କୀଟନାଶକ ପରିଚାଳନା, କୃଷି ବନୀକରଣ ଓ ସମନ୍ୱିତ କୃଷିପଦ୍ଧତି ଅନୁସରଣ। ଗୋଟିଏ ଫସଲ ଜମିରେ ବାରମ୍ବାର ଚାଷ କଲେ ମୃତ୍ତିକାର ସ୍ୱାସ୍ଥ୍ୟ ହାନି ହୁଏ ଏବଂ ଅଧିକ ରୋଗପୋକ ଆକ୍ରମଣ ଯୋଗୁଁ ଫସଲ ଅମଳ ବ୍ୟାହତ ହୁଏ। ଏହି ସମସ୍ୟାର ସମାଧାନ ପାଇଁ ଏକ ଘୂର୍ଣ୍ଣନ ପ୍ରକ୍ରିୟାରେ ବିଭିନ୍ନ ଫସଲ ଜମିରେ ଚାଷ କରାଯାଏ। ଏହା କୀଟ ଓ ରୋଗ ସମସ୍ୟାର ମୁକାବିଲା କରିବାରେ ସାହାଯ୍ୟ କରିଥାଏ ଏବଂ ଉଦ୍ଭିଦ ପୁଷ୍ଟିପୂରଣ କରି ମୃତ୍ତିକାର ସ୍ୱାସ୍ଥ୍ୟ ସନ୍ତୁଳନ ରକ୍ଷା କରେ। ମିଶ୍ରିତ ଫସଲ ଓ ଅନ୍ତଃଫସଲ ଚାଷରେ ଏକକ ଫସଲ ଅପେକ୍ଷା ଅଧିକ ଉପକାର ମିଳେ। ଏହାଦ୍ୱାରା ମୃତ୍ତିକାର ବିଭିନ୍ନ ସ୍ତରରୁ ଜଳ ଓ ପୋଷକ ବିନିଯୋଗ ହୁଏ। ଏହି ଫସଲ ପ୍ରଣାଳୀ ଜଳବାୟୁ ପରିବର୍ତ୍ତନକୁ ସହ୍ୟ କରେ। ମୁଖ୍ୟ ଫସଲ ବାଧାପ୍ରାପ୍ତ ହେଲେ ମଧ୍ୟ ସହଚର ଫସଲ ଅମଳ ଦିଏ। ମୃତ୍ତିକାରେ ଖଣିଜ ପଦାର୍ଥ, ଛିଦ୍ର ଅଂଶ, ବାୟୁ, ଜଳ, ଜୈବିକ ପଦାର୍ଥ ସହିତ ବହୁ ଉପକାରୀ ଅଣୁଜୀବ ରହିଥା'ନ୍ତି। ସୁସ୍ଥ ମାଟି ଏହିପରି ଜୀବନ୍ତ ଅଣୁଜୀବ ପରିପୂର୍ଣ୍ଣ, ଯାହା ଅଧିକ ସାର ଓ କୀଟନାଶକର ଅତ୍ୟଧିକ ବ୍ୟବହାର ଦ୍ୱାରା ନଷ୍ଟ ହୋଇପାରେ ଏବଂ ମୃତ୍ତିକାର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିପାରେ। ଏହାର ସମାଧାନ ପାଇଁ ଫସଲ ଅମଳ ପରେ କ୍ଷେତରେ ଫସଲ ଅବଶିଷ୍ଟାଂଶ ଛାଡ଼ି ଦିଆଯାଏ ଏବଂ ଚାଷକରି ମାଟିରେ ମିଶାଇ ଦିଆଯାଏ। ମାଟିରେ ଯଥେଷ୍ଟ ପରିମାଣରେ ଜୈବୀକୃତ ସବୁଜ ସାର, ପିଡ଼ିଆ, ଜିଆଖତ, ଜୈବ ସାର ପ୍ରୟୋଗ ସହିତ ସମନ୍ୱିତ ପୋଷକ ଯୋଗାଣ ପଦ୍ଧତି ଅନୁସରଣ କରିବା ଦ୍ୱାରା ଏହି ସମସ୍ୟା ରହେ ନାହିଁ। ସୁସ୍ଥ ମୃତ୍ତିକାର ଭୌତିକ, ରାସାୟନିକ ଓ ଜୈବିକ ଗୁଣ ଠିକ୍ ରହିବା ସୁସ୍ଥ ଲକ୍ଷଣ। କୃଷି ପରିସଂସ୍ଥାରେ ପରଜୀବୀ ଓ ଶିକାରୀଜୀବୀ ପରି ବହୁ ପ୍ରାକୃତିକ ପ୍ରତିରକ୍ଷକ ରହି କ୍ଷତିକାରକ କୀଟମାନଙ୍କୁ ନିୟନ୍ତ୍ରଣ କରିଥାଏ। ଯେପରିକି ବୁଢ଼ିଆଣୀ, କଙ୍କି, କାଇଁଚ ପୋକ, ପାଣି ଡଗରା, ଶାଗୁଆ ଶୁଣ୍ଢା ପୋକ ବହୁ ଅପକାରୀ କୀଟମାନଙ୍କୁ ଖାଇ ଦିଅନ୍ତି। ଏକ ଫଳପ୍ରଦ କୀଟନିୟନ୍ତ୍ରଣ ପାଇଁ ଏହି ପ୍ରାକୃତିକ ରକ୍ଷାକାରୀଙ୍କ ଜନସଂଖ୍ୟାକୁ ଉତ୍ସାହିତ କରିବା ପାଇଁ ଅନୁକୂଳ ଚାଷ ପରିଚାଳନା ଆବଶ୍ୟକ। ଫସଲରେ ରୋଗ ପୋକ ନିୟନ୍ତ୍ରଣ ପାଇଁ ରାସାୟନିକ ବିଷ ବ୍ୟବହାର ପରିବର୍ତ୍ତେ ରୋଗ ପୋକ ସହନଶୀଳ ବିହନ ବ୍ୟବହାର, ଭୌତିକ ଓ ଦୈହିକ ନିୟନ୍ତ୍ରଣ, ଉନ୍ନତ ଚାଷ କୌଶଳ ଅନୁସରଣ ଏବଂ ଜୈବ ନିୟନ୍ତ୍ରଣ ପଦ୍ଧତିଗୁଡ଼ିକର ସମନ୍ୱିତ ପ୍ରୟୋଗ ଅଧିକ ଫଳପ୍ରଦ ଓ ନିରାପଦ। ବିଭିନ୍ନ ଫସଲ ଜୀବନକାଳ ମଧ୍ୟରେ ବିଭିନ୍ନ ପରିମାଣର ଜଳ ଆବଶ୍ୟକ କରେ। ଧାନ ଫସଲ କିସମ ଅନୁସାରେ ୮୦୦ ରୁ ୧୨୦୦ ମିଲିମିଟର ଜଳ ଆବଶ୍ୟକ କଲା ବେଳେ ଆଖୁ ୧୫୦୦ ରୁ ୨୫୦୦ ମିଲିମିଟର ଜଳ ଆବଶ୍ୟକ କରେ।

## ପରିବର୍ତ୍ତନର ବାର୍ତ୍ତାବହଙ୍କ ସ୍ୱପ୍ନର ସମାଧି



### ପୁଷ୍ପମିତ୍ର ମହାପାତ୍ର

ଜୀବନର ଅର୍ଥ କ'ଣ? କହିବାକୁଗଲେ ଜୀବନ କ'ଣ ଅର୍ଥପୂର୍ଣ୍ଣ ନା ଅର୍ଥହୀନ। ଏହିପରି ଅନେକ ପ୍ରଶ୍ନ ସ୍ୱାଭାବିକ ଭାବରେ ଆମ୍ଭ ମାନଙ୍କର ଜୀବନରେ ଅନୁଚରିତ ଭାବେ ଆସିଥାଏ। ବିଶାଳ ଭାରତ ବର୍ଷରେ ବଡ଼ ସଂଖ୍ୟା ହେଉଛନ୍ତି ନିମ୍ନ ମଧ୍ୟବିତ୍ତ ବର୍ଗ ଯେଉଁମାନେ ନିଜର ଉପାର୍ଜନକୁ ଯେତେ ଚାହିଁଲେ ବି ପ୍ରାୟତଃ ସେପରି ନା ସଞ୍ଚୟ କରିପାରନ୍ତି ନା ଜୀବନରେ ସେମାନଙ୍କର ସ୍ୱପ୍ନ କିଛି ସାକାର ହୋଇଥାଏ। ପ୍ରାୟତଃ ନିମ୍ନ ମଧ୍ୟବିତ୍ତଙ୍କ ସଂଖ୍ୟା ଜନସଂଖ୍ୟାର ଏକ ବଡ଼ ସଂଖ୍ୟାରେ ଥିବା ଭିତରେ ସେମାନଙ୍କ ସ୍ୱପ୍ନ ଅନେକ ସମୟରେ ସମାଧି ପାଇଯାଏ। ପ୍ରାୟତଃ ଦୁଇଟି ପିଲାଙ୍କୁ ନେଇ ଛୋଟିଆ ପରିବାର କଥା ଉଠିଲେ ସେମାନଙ୍କୁ ଯୋଗ୍ୟ କରିବା ନିମିତ୍ତ ଆଉ ଅଭିଳାଷ ପୂରଣ ପାଇଁ କେତେ ଖର୍ଚ୍ଚ କରିବାକୁ ପଡ଼ିଥାଏ ତାହା ଅନେକ ଜାଣିଥିଲେ ମଧ୍ୟ ହିସାବ ରଖି ନଥାନ୍ତି। ସରକାରୀ ଶିକ୍ଷାନୁଷ୍ଠାନ ଠାରୁ ପିଲାମାନଙ୍କୁ ଉଚ୍ଚଶିକ୍ଷା ଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ନିମିତ୍ତ ବ୍ୟୟବହୁଳ ପବ୍ଲିକ ସ୍କୁଲରେ ପଢ଼ାଇବା ପାଇଁ ପ୍ରାୟତଃ ଭାରତୀୟ ପିତାମାତାମାନେ ବାଧ ହୋଇଥାନ୍ତି। ଏପଟେ ମେଧାବୀ ପିଲା ପାଇଁ ଉଚ୍ଚଶିକ୍ଷାର ସୁଯୋଗ ପ୍ରଦାନ କେବଳ ଯେ ଷ୍ଟଡିଲୋନ ଉପରେ ନିର୍ଭରଶୀଳ ଏହାକୁ ଚିନ୍ତା କରି ଅଭିଭାବକମାନେ ହାତ ବାନ୍ଧି ବସି ପାରିନଥାନ୍ତି। କହିବାକୁଗଲେ ମୁଣ୍ଡ ଉପରେ ଗୋଟିଏ ଛାତର ସ୍ୱପ୍ନ, ସମ୍ଭାବନା, ଆକାଂକ୍ଷା ପୂରଣ କରିବା ମଧ୍ୟ ଢ଼େର କଷ୍ଟ ସାଧ ହୋଇପଡ଼ିଥାଏ। ଏପରି ଦୋଛକି ସମୟରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ସ୍ୱପ୍ନ ଭଙ୍ଗ ମଣିଷଟି ରାଷ୍ଟ୍ର ଗଠନ ଭଳି ଦାୟିତ୍ୱରେ କିପରି ସାମିଲ ହୋଇପାରିବ? ତା ସାମ୍ନାରେ ସେ ଭଲ ଭାବେ ଦେଖୁଛି ତାର ତଳ ପାହାଚରେ ଥିବା ସଂଖ୍ୟା ବା ବର୍ଗ ତା ଠାରୁ ଢ଼େର ସକ୍ଷମ, ଢ଼େର ସ୍ୱଚ୍ଛଳ ଆଉ କହିବାକୁଗଲେ ସାମାଜିକ ଭାବେ ଢ଼େର ଆଗୁଆ। ସରକାରଙ୍କ ସମସ୍ତ ସୁବିଧା ସୁଯୋଗ, ପ୍ରୋତ୍ସାହନ ସବୁ କିଛି ମୁଣ୍ଡ ଉପରେ ଅଜାଡ଼ି ହେଉଥିବାବେଳେ ପରିବାରର ଅଗ୍ରାଧିକାର ବ୍ୟୟ ଭାର ନିକଟରେ ସ୍ୱାସ୍ଥ୍ୟ ବୀମା ହାସଲ କରିବା ମଧ୍ୟ ଏତେଟା ସହଜ ନୁହେଁ। ସରକାରୀ ହସ୍ପିଟାଲ ଉପରେ ସ୍ୱାସ୍ଥ୍ୟ ସୁବିଧା ହାସଲ ପାଇଁ ନିର୍ଭର କରିବାକୁ ପଡୁଥିବାବେଳେ ଗରିବ ପରିବାର ହାତରେ ରହିଛି ସରକାରଙ୍କ ଠାରୁ ପାଇଥିବା ସ୍ୱାସ୍ଥ୍ୟବୀମା କାର୍ଡ଼ ଯାହା ତାଙ୍କୁ କର୍ପୋରେଟ ହସ୍ପିଟାଲ ହେଉ କି ଘରୋଇ ନର୍ସିଂହୋମ।

ନିକଟରେ କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରାଳୟ ଓ ଏସବିଆଇ ରିସର୍ଚ୍ଚ ଟିମର ବିଶ୍ଳେଷଣ ଓ ତଥ୍ୟ ଅନୁଶୀଳନ ସାପେକ୍ଷ। ଦେଶରେ ଦାରିଦ୍ର୍ୟ ହାର ସାଢ଼େ ୪ରୁ ୫ ପ୍ରତିଶତ ମଧ୍ୟରେ ସୀମିତ। ଏପରିକି ଉତ୍କଟ ଦାରିଦ୍ର୍ୟ ନଗଣ୍ୟ ସ୍ଥିତିରେ ରହିଛି। ସହର ଓ ଗ୍ରାମାଞ୍ଚଳରେ କ୍ରମାଗତ ଦାରିଦ୍ର୍ୟ ହ୍ରାସ ପାଉଛି। ଏହାକୁ ସରକାରଙ୍କ ଉପଯୋଗିତା ବ୍ୟୟ ସର୍ବେକ୍ଷଣ ତଥା ସମର୍ଥନ ଦେଇଛି। ସରକାରୀ ପରିସଂଖ୍ୟାନ ଦାବି କରେ ଯେ ୨୦୧୧-୧୨ରେ ଗ୍ରାମାଞ୍ଚଳରେ ଦରିଦ୍ର୍ୟ ହାର ୨୫.୭ ପ୍ରତିଶତ ଥିବାବେଳେ ତାହା ଏବେ ୪.୮୬ ପ୍ରତିଶତକୁ ହ୍ରାସ ପାଇଛି। ସହରାଞ୍ଚଳରେ ଏହି ହାର ୧୩.୭ରୁ ୪.୦୯ ପ୍ରତିଶତକୁ କମିଛି। ଏଥିରୁ ମନେ ହେଉଛି ଗତ ୧୨ ବର୍ଷ ମଧ୍ୟରେ ଦେଶରୁ ଦାରିଦ୍ର୍ୟ ଏକ ପ୍ରକାର ନିଶୁନ ହେବାକୁ ବସିଲାଣି। ଏହି ସମୟ ଅବଧିର ଆଉ ଏକ ପରିସଂଖ୍ୟାନ କୁହେ ଯେ ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ଖର୍ଚ୍ଚ ହାର ୧୪୩୦ ଟଙ୍କାରୁ ବୃଦ୍ଧି ପାଇ ୪୧୨୨ ଟଙ୍କା ଏବଂ ସହରାଞ୍ଚଳରେ ଏହି ହାର ୨୬୩୦ ଟଙ୍କାରୁ ୬୯୯୬ ଟଙ୍କାକୁ ବଢ଼ିଛି। ବର୍ଦ୍ଧିତ ମୁଦ୍ରାସ୍ଫୀତି ଓ ଖର୍ଚ୍ଚ ପରିସର ଏହି ସମୟ ମଧ୍ୟରେ ଯେଉଁ ଅନୁପାତରେ ବଢ଼ିଛି, ତାହାର ତୁଳନାତ୍ମକ ବିଚାର କଲେ ଯେଉଁ ଖର୍ଚ୍ଚ ହାର ବୃଦ୍ଧି ଦର୍ଶାଯାଇଛି ତାହା କ'ଣ ସତରେ ପର୍ଯ୍ୟାପ୍ତ ଏବଂ ସରକାର ଆତ୍ମସନ୍ତୋଷ ଲାଭ କରିବା ସକାଶେ ଯଥେଷ୍ଟ? ଏହି ପ୍ରଶ୍ନର ଉତ୍ତର କେବଳ ବର୍ଦ୍ଧିତ ବ୍ୟୟହାରରେ ଭାରାକ୍ରାନ୍ତ ହୋଇପଡ଼ିଥିବା ନିମ୍ନ ମଧ୍ୟବିତ୍ତ ବର୍ଗ ଦେଇପାରିବ। ଏସବୁ ସତ୍ତ୍ୱେ ସରକାର ଦେଶର ୮୧.୩ କୋଟି ଲୋକଙ୍କୁ ବିନା ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇ ଚାଲିଛନ୍ତି।

ଆପଣ ଟିକିଏ ଭଲ ଭାବେ ମୋ ଆଲୋଚନାର ଭିତରକୁ ଆସନ୍ତୁ। ଭାରତର ସବୁଠାରୁ ବିଶାଳ ଅଂଶ କୁହାଯାଉଥିବା ନିମ୍ନ ମଧ୍ୟବିତ୍ତ ବର୍ଗଟି କେବେ ଚାହିଁନଥାଏ ସେ କୋଟିପତି ହୋଇଯିବ। ଆଉ ଯେଉଁମାନେ ବି ଉପରୋକ୍ତ ଘାତ ପ୍ରତିଘାତକୁ ଡେ଼ଇଁ ଟିକିଏ ଉପରକୁ ଉଠିଛନ୍ତି ସେମାନଙ୍କର ଅର୍ଥରାଶି ଘର ହେଉ ବା ଗାଡ଼ି ନିର୍ଦ୍ଦିଷ୍ଟ ଇଏମଆଇ ପରିଶୋଧରେ ଦେଲାବେଳକୁ ଘରେ ପୁରାପୁରି ଟଣାଟଣି ଅବସ୍ଥା। ବର୍ଦ୍ଧିତ ମୁଦ୍ରାସ୍ଫୀତି ଓ ଅପରିବର୍ଦ୍ଧିତ ସୁଧ ହାରର କଷଣରେ ଦିନକୁ ଦିନ ପରିବାରର ଖର୍ଚ୍ଚ ଭାର ଆହୁରି ବଢ଼ିଯାଉଛି। ଗୋଟିଏ ଛୋଟିଆ ଆର୍ଥିକ ସ୍ଥିତିର ବିଶ୍ଳେଷଣଟି ରଖୁଛି। ୨୦୦୮-୦୯ ବେଳକୁ ଯେଉଁ ବ୍ୟକ୍ତି ଜଣଙ୍କ ମାସିକ ବେତନ ୧ଲକ୍ଷ ଟଙ୍କା ପାଉଥିଲେ ବର୍ତ୍ତମାନର ମୂଲ୍ୟସୂଚୀରେ ତାହା ୪୦ ହଜାର ଭିତରରେ ରହିଯାଇଛି। ବାସ୍ତବରେ ତା ବେତନର ହାର କ'ଣ ସେଇ ଅନୁପାତରେ କ'ଣ ବଢ଼ି ପାରିଛି ନା ପରିସ୍ଥିତିକୁ ସାମ୍ନା କରିବା ପାଇଁ ବ୍ୟୟ ସଙ୍କୋଚନ କରିବାକୁ ସେ ବାଧ ହୋଇପାରିଥାନ୍ତି।

ଭାରତର ବିଶାଳ ଜନସଂଖ୍ୟାର ତଥାକଥିତ ସଂଖ୍ୟା ଗଣିତରେ ଏହି ନିମ୍ନ ମଧ୍ୟବିତ୍ତ ବର୍ଗଙ୍କ ସଂଖ୍ୟା ଢ଼େର ଥିଲେ ମଧ୍ୟ ବାସ୍ତବରେ ନିଜ ଅଭାବ, ପରିବାରର ଟଣାଟଣି ପରିସ୍ଥିତିର ଦୁଃଖକୁ ହଜମ କରିବାର କଳା ସେମାନେ ଜାଣିଛନ୍ତି। ନିଜ ଅକୁହା ଦୁଃଖଟିକୁ ନିଜ ଜ୍ଞାତି ପରିଜନ, ବନ୍ଧୁବର୍ଗ ଏପରିକି ପଡ଼ୋଶୀ ଜଣଙ୍କୁ ମଧ୍ୟ କହିପାରି ନଥାନ୍ତି। କହିଦେଲେ ଯେ ସମସ୍ତେ ସାହାଯ୍ୟର ହାତ ବଢ଼ାଇ ଦେବେ ତାହା ବଡ଼କଥା ନୁହେଁ ତେବେ ସେମାନଙ୍କର ବି ପୁଣି ଅଭାବ, ଦାୟିତ୍ୱ ଓ ପରିବାରର ଚିନ୍ତା ରହିଛି। ଏହି ଭାବନା କୋହବ୍ୟକ୍ତ କଥାଟିକୁ ପଛେଇ ନେଇଯାଏ। ଏହିପରି କ୍ଷେତ୍ରରେ ଅନେକ ସମୟରେ ଦେଖାଯାଏ ପରିବାରର ରୋଜଗାରକ୍ଷମ ମୁରବୀଟି ଯିଏ ଦିନେ ଚଳଚଞ୍ଚଳ ହୋଇ ପରିବାରକୁ ଚଳାଉଥିଲା ସେ ବାଧ ହୋଇଥାଏ ଏ ଦୁନିଆ ଛାଡ଼ି ଚାଲିଯିବା ପାଇଁ। ଆତ୍ମହତ୍ୟା ପ୍ରବଣତା ତା ସାମ୍ନାରେ ଏକ ନିରୁତ୍ତା ଉତ୍ତର ହିଁ ପାଲଟିଥାଏ। ସେହିପରି ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାଟି ନିଜ ବିଫଳତାକୁ ହଜମ କରିନପାରି ଆତ୍ମହତ୍ୟା କରିବା ପଛରେ ଥାଏ ପରିବାରର ଆର୍ଥିକ ଅନଟନ ଓ ଟଣାଟଣି ପରିସ୍ଥିତି। ପରିସଂଖ୍ୟନର ଚିତ୍ର ଯାହା ଜଣାଯାଏ ଅଧିକାଂଶ ନିମ୍ନ ମଧ୍ୟବିତ୍ତ ପରିବାରର ସଦସ୍ୟ ସେହି ରାସ୍ତା ହିଁ ଆପଣାଇ ଥାନ୍ତି। ମନେପକାନ୍ତୁ ଭାରତର ଏହି ବର୍ଗଙ୍କୁ ବେଶ ଆଡ଼ମ୍ବର ଓ ବଡ଼କଥାର ଭାଷାରେ 'ଓପିନିୟନ ମେକର' ବା ପରିବର୍ତ୍ତନର ବାର୍ତ୍ତାବହ କୁହାଯାଏ। ଭାବନ୍ତୁ ଏହି ପରିବର୍ତ୍ତନର ବାର୍ତ୍ତାବହ ମାନଙ୍କୁ ସ୍ୱତନ୍ତ୍ର ସାମାଜିକ ମର୍ଯ୍ୟାଦା ନିଶ୍ଚିନ୍ତ ଦରକାର ପଡୁଥିଲେ ବି ସେମାନଙ୍କ କୋହ ଓ କଥା ସବୁବେଳେ ଅବହେଳିତ। ସମାଜରେ କର୍ପୋରେଟ ଲବି ଓ ବଡ଼ ବାବୁ ମାନଙ୍କ ପ୍ରାଧାନ୍ୟ ଭିତରେ ଏବେ ବି ଅଶିକ୍ଷାର ଅମା ଅନ୍ଧାର ଭିତରେ ଅନେକ ଭାରତୀୟ ରହିଛନ୍ତି। ନିର୍ବାଚନ ସମୟରେ ଏହି ବର୍ଗଙ୍କୁ ହିଁ ଖୋଜା ପଡ଼ିଥାଏ। ନିମ୍ନ ମଧ୍ୟବିତ୍ତ ବର୍ଗ କେବଳ ସମାଜରେ ସାମାନ୍ୟ ଭାବେ ମୁଣ୍ଡ ଟେକି ଚାଲିବା ପାଇଁ ଅହର୍ନିଶ ସଂଗ୍ରାମ କରୁଛନ୍ତି, ଲଢୁଛନ୍ତି ଜୀବନ ସହ ଆଉ ସେମାନଙ୍କ ହାତରେ ଏହି ରାଜନୀତି ପାଇଁ ସମୟ ହିଁ ନଥାଏ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ସେକ୍ଟର-୯, ସିଡିଏ, କଟକ,
ମୋ : ୯୪୩୭୨୨୫୬୮୯


## ସମୃଦ୍ଧ ଓଡ଼ିଶାରେ ଆମ ଧର୍ମପଦ ସମୃଦ୍ଧ ସମ୍ଭାବନାରେ ପ୍ରତିବିମ୍ବ ଓଡ଼ିଶା



### ଡାକ୍ତର ସମ୍ରାଟ କର

ବିଶାଳ ପ୍ରାକୃତିକ ବିଭବ ଠାରୁ ଗୌରବପୂର୍ଣ୍ଣ ସଂସ୍କୃତି, କଳା, ଐତିହ୍ୟ ଓ ନିଜର ଦୀପ୍ତିମାନ ପରିଚୟକୁ ନେଇ ସମୃଦ୍ଧ ଆମ ଓଡ଼ିଶାରେ ଆୟୋଜିତ ହେଉଛି ପ୍ରବାସୀ ଭାରତୀୟ ସମ୍ମିଳନୀ। ଏଠାରେ ସୂଚନାଥାଉକି ଭାଷାକୁ ନେଇ ତିଆରି ହୋଇଥିବା ସ୍ୱତନ୍ତ୍ର ପ୍ରଦେଶଟି ଆଜି ଶତବାର୍ଷିକ ପାଳନ କରିବାକୁ ଯାଉଥିବାବେଳେ ଏହି ପ୍ରବାସୀ ସମ୍ମିଳନୀ ଆମ ରାଜ୍ୟର ସାମଗ୍ରିକ ପ୍ରଗତି ପାଇଁ ନିଶ୍ଚିନ୍ତ ଭାବେ ସମପଯୋଗୀ। ଏହା ପୂର୍ବରୁ ଓଡ଼ିଶା ୨୦୧୮ ଓ ୨୦୨୩ରେ ହକି ବିଶ୍ୱକପକୁ ବେଶ ସଫଳ ଓ ନିଖୁଣ ଭାବରେ ଆୟୋଜିତ କରି ସଫଳତା ଓ ପ୍ରଶଂସା ସାଉଁଟି ଥିବାପରେ ଭୁବନେଶ୍ୱରରେ ଏପରି ଏକ ବୈଷୟିକ ସମ୍ମିଳନୀ ନିଶ୍ଚିନ୍ତ ଭାବରେ ଆମ ଓଡ଼ିଶା ପାଇଁ ଗର୍ବ ଗୌରବ ନୁହେଁ ବରଂ ଆମ ଜାତିର ନୂଆ କୀର୍ତ୍ତିମାନ ମାଇଲ ଖୁଣ୍ଟ। ଓଡ଼ିଶା ଆଜି ସମଗ୍ର ବିଶ୍ୱରେ ନିଜକୁ ଗୌରବ ମଣ୍ଡିତ କରିବାରେ ସଫଳ ହୋଇଛି ଏବଂ ରାଜ୍ୟର ପ୍ରାକୃତିକ ପର୍ଯ୍ୟଟନ, କଳା ସଂସ୍କୃତି, ଭାସ୍କର୍ଯ୍ୟ ଓ ସୌନ୍ଦର୍ଯ୍ୟ ପ୍ରଦର୍ଶନ ଜରିଆରେ ପ୍ରବାସୀ ଭାରତୀୟଙ୍କୁ କୃତାର୍ଥ କରି ନିଜ ଉଦାର ଓ ଆତିଥ୍ୟତାର ଗୌରବକୁ ସାର୍ଥକ ମନେ କରୁଛି। ଆଜି ଆନ୍ତର୍ଜାତିକ ଶ୍ରୀ ଜଗନ୍ନାଥ ଚେତନା ମହୋତ୍ସବ ହେଉ ବା ଆଦିବାସୀ ମେଳା, ଏକାମ୍ର ମହୋତ୍ସବ ହେଉ ବା ପୁଷ୍ପ ପ୍ରଦର୍ଶନୀ, ଚିଲିକାରେ ଜାତୀୟ ବିହଙ୍ଗ ଉତ୍ସବ ହେଉ ବା ରାଜାରାଣୀ ସଂଗୀତ ନୃତ୍ୟ ମହୋତ୍ସବ ସବୁଠି ଆଉ ସବୁ କ୍ଷେତ୍ରରେ ଓଡ଼ିଶାର ମହାନ ସାଂସ୍କୃତିକ ଚେତନା, ହସ୍ତ ଓ କୁଟୀର ଶିଳ୍ପ, ପାରମ୍ପରିକ ଖାଦ୍ୟ, କଳା ନୈପୁଣ୍ୟ, ପୋଷାକ, ପରିଧାନ, ଆଭୂଷଣ ଆଦି ସମସ୍ତର ସବିଶେଷ ଝଲକ ପ୍ରବାସୀ ଭାରତୀୟଙ୍କୁ ଦେବା ପାଇଁ ରାଜ୍ୟ ସରକାର ନିଜ ଶ୍ରେଷ୍ଠତାର ସାଧୁ ଉଦ୍ୟମ କରିଛନ୍ତି। ଯାହାଦ୍ୱାରା ବଣ ମଲ୍ଲୀ ପରି ଲୋକଲୋଚନର ପଛ ପଟେ ରହିଯାଉଥିବା ଆମ ମହାନ ଉତ୍କଳୀୟ ଉତ୍କର୍ଷ ଓ ଆଦିବାସୀ କଳା ସଂସ୍କୃତି ବିଶ୍ୱ ଦରବାରରେ ନିଜ ସ୍ୱତନ୍ତ୍ରତା ପ୍ରତିପାଦିତ କରି ସମ୍ଭାବନାର ନୂଆ ଉଜ୍ଜ୍ୱଳତା ସୃଷ୍ଟି କରିବେ।

ଓଡ଼ିଶାର ଅର୍ଥନୀତି ଭାରତର ସବୁଠୁ ଦ୍ରୁତଗତିରେ ବଢୁଥିବା ଅର୍ଥନୀତି। ଅର୍ଥନୀତି ଅଭିବୃଦ୍ଧି ହାର ୧୦% ଉପରେ ଅଛି। ଆମେ ବକ୍ସାଇଟ, କ୍ରୋମାଇଟ, ଆଲୁମିନିୟମ, ନିକେଲ, ବିରଳ ମୃତ୍ତିକା, କୋଇଲା ଉତ୍ପାଦନରେ ଭାରତରେ ପ୍ରଥମ ସ୍ଥାନରେ ଅଛୁ। ଖାଦ୍ୟ ପ୍ରକ୍ରିୟାକରଣରେ ଓଡ଼ିଶା ପୂର୍ବ ଭାରତର ହବ୍। ଓଡ଼ିଶାରେ ଦକ୍ଷତା ବିକାଶ ଏକ ବ୍ରାଣ୍ଡ ପାଲଟିଛି। କେବଳ ଏତିକି ନୁହେଁ ଓଡ଼ିଶା ସରକାର ବଦଳିଛି। ଡବଲ ଇଞ୍ଜିନ ସରକାର ଆସିଛି। ଓଡ଼ିଶାରେ ଯାହା ହେବ ସେଥିରେ ଭାରତ ସରକାରଙ୍କ ସହଯୋଗ ରହିବ। ପୂର୍ବ ଓ ଉତ୍ତର ଭାରତରେ ଦେଶର ଏକ ତୃତୀୟାଂଶ ଲୋକ ରହୁଥିବାବେଳେ ଏହି ବଜାର ପାଇଁ ଓଡ଼ିଶା ପ୍ରବେଶ ଦ୍ୱାର ହେବ। ଓଡ଼ିଶାର ଭୌଗୋଳିକ ସ୍ଥିତି, ସାମୁଦ୍ରିକ ବେଳାଭୂମି, ବିମାନ, ରେଳ, ବନ୍ଦର, ସଡ଼କ ଭିତ୍ତିଭୂମି ପୂର୍ବ ଭାରତରେ ସବୁଠୁ ଶ୍ରେଷ୍ଠ। ତେଣୁ ଓଡ଼ିଶାରେ ହିଁ ନିବେଶ ପାଇଁ ପୁଞ୍ଜିପତିମାନେ ଏହି ରାଜ୍ୟକୁ ପସନ୍ଦ କରି ସେମାନେ ଭଲ ଭାବେ ବୁଝିଲେଣି ଯେ ଓଡ଼ିଶାରେ ନିବେଶ ମାନେ ଭବିଷ୍ୟତ ପାଇଁ ନିବେଶ।

ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଯୋଜନାରେ ପୂର୍ବୋଦୟକୁ ଫୋକସ କରାଯାଉଛି। ଏଥିରେ ଓଡ଼ିଶା ଆଗରେ ଅଛି। ଓଡ଼ିଶାକୁ କାହିଁକି ପୁଞ୍ଜିନିବେଶ ପାଇଁ ପସନ୍ଦ କରିବେ ଦର୍ଶାଇବାକୁ ଯାଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ଯାହା କହିଥିଲେ, ତାହା ହେଉଛି 'ଓଡ଼ିଶା ଦେଶର ଦ୍ୱିତୀୟ ଖଣିଜ ପଦାର୍ଥ ବହୁଳ ରାଜ୍ୟ। ଆଇନ ଶୃଙ୍ଖଳା ଦୃଷ୍ଟିରୁ ଓଡ଼ିଶା ସମ୍ଭବତଃ ଦେଶର ସବୁଠୁ ଶାନ୍ତ ରାଜ୍ୟ, ଅଶାନ୍ତ ସୃଷ୍ଟି କରିବାକୁ କୌଣସି ସାମାଜିକ ଦୃଶ୍ୟପଟ୍ଟ ନାହିଁ, ସ୍ଥିର ସରକାର ଦେବାରେ ଓଡ଼ିଶାର ଇତିହାସ ଅଛି, ଯୋଗାଯୋଗ ଦୃଷ୍ଟିରୁ ଓଡ଼ିଶାରେ ଆକର୍ଷଣୀୟ ଭିତ୍ତିଭୂମି ଅଛି। ରେଳ, ବନ୍ଦର, ବିମାନ, ସଡ଼କ ଭିତ୍ତିଭୂମି ପର୍ଯ୍ୟାପ୍ତ ଅଛି। ଦକ୍ଷ ମାନବ ସମ୍ବଳ ବିଶେଷକରି ଶିଳ୍ପ ଉପଯୋଗୀ କୁଶଳୀ ଓ ଅଣକୁଶଳୀ ସମ୍ବଳ ଅଛି। ଆପଣମାନେ ଶିଳ୍ପ ପ୍ରତିଷ୍ଠା କରିବାକୁ ବା ପୁଞ୍ଜି ନିବେଶ କରିବାକୁ ଯେଉ ସବୁ ଆବଶ୍ୟକତା ଅଛି ବୋଲି ଭାବୁଛନ୍ତି ତାହା ଏଥିରେ ପୂରଣ ହେଉଥିବ ବୋଲି ଭାବୁଛି। ସେହିପରି ଭାରତ ବିଶ୍ୱରେ ପଞ୍ଚମ ସର୍ବବୃହତ ଅର୍ଥନୀତି ହୋଇଥିବାବେଳେ ଓଡ଼ିଶା ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ (୧ଲକ୍ଷ ୫୦ ହଜାର) ଡଲାର ଅର୍ଥନୀତିରେ ପହଞ୍ଚିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଏବେଠୁ ମୂଳଦୁଆ ପଡ଼ିବ। ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ଆମେ ସବୁ ପ୍ରକାରର ପ୍ରସ୍ତୁତି ଆରମ୍ଭ କରିଦେଇଛୁ। ତେଣୁ ଓଡ଼ିଶାରେ ପୁଞ୍ଜିନିବେଶ କରିବା ଅର୍ଥ ଭବିଷ୍ୟତ ପାଇଁ ନିବେଶ ହେବ।'

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟ୍ରେଡ ବାଣିଜ୍ୟ, ଟେକ୍ନୋଲୋଜି ଓ ଟୁରିଜିମ ଉପରେ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାରେ ଶିଳ୍ପ, ବାଣିଜ୍ୟ, ପରିବହନ, ନିଯୁକ୍ତି ଆଦି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ନିମନ୍ତେ ଏପରି ଆୟୋଜନ ନିଶ୍ଚିତ ସହାୟକ ହେବ। ଓଡ଼ିଶାର ଯୁବଶକ୍ତିଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରାଯାଇପାରିବ। କେନ୍ଦ୍ର ସରକାରଙ୍କର ପୂର୍ବୋଦୟ ଅଭିଯାନରେ ଓଡ଼ିଶାର ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ସମଗ୍ର ବିକାଶ ଓ ବିପୁଳ ନିଯୁକ୍ତି ପାଇଁ ଲାଭଦାୟକ ହେବ। କୌଣସି ଦେଶ ଏକାକୀ ବିକଶିତ ହୋଇନି। ସବୁ ଦେଶ ବିକାଶ ପାଇଁ ଅନ୍ୟର ସହଯୋଗ ଲୋଡ଼ିଛନ୍ତି। ଓଡ଼ିଶାରେ ବ୍ୟାପକ ପୁଞ୍ଜିନିବେଶ ଓ ଶିଳ୍ପାୟନ ଜରିଆରେ ରାଜ୍ୟର ବିଶେଷକରି ଯୁବ ବର୍ଗ ସ୍ୱାବଲମ୍ବୀ ହୋଇ ନୂଆ ଓଡ଼ିଶା ଗଠନ କରିବାକୁ ସମର୍ଥ ହେବେ। ଆଲୁମିନିୟମ ହେଉ ବା ଆଇଟି ଶିଳ୍ପ, ଇସ୍ପାତ ଠାରୁ କ୍ରୋମ ସବୁ କ୍ଷେତ୍ରରେ ବିଶ୍ୱରେ ଓଡ଼ିଶା ନିଜ ସ୍ୱତନ୍ତ୍ରତା ରଖିବା ପରେ ଏବେ ସେମିକଣ୍ଡକ୍ଟର ଶିଳ୍ପର ଭିତ୍ତିଭୂମି ବିକାଶରେ ବ୍ରତୀ ହୋଇଛି। ଉତ୍କର୍ଷର ଭୂମି କୁହାଯାଉଥିବା ଆମ ମହାନ ଉତ୍କଳର ଯେଉଁ ନିଖୁଣ କାରୁକାର୍ଯ୍ୟ ମନ୍ଦିର ଠାରୁ ଆରମ୍ଭ ହୋଇଛି ତାହା କେବଳ ସେଇଠି ଅଟକି ନାହିଁ। ଏଥିରେ ଅନ୍ତର୍ଭୁକ୍ତ ରହିଛି ଆମ ଓଡ଼ିଶାର ଆଦ୍ରଭୂମି, ବିଶାଳ ବେଳାଭୂମି ଓ ମାଳଭୂମି। ଏହି ପ୍ରାକୃତିକ ସୌନ୍ଦର୍ଯ୍ୟର ଅପରୂପ ଗନ୍ତାଘରଟି ଅନେକ ଜୀବନ ଜୀବିକାର, ରୋଜିରୋଟିକୁ ଅପେକ୍ଷା କରିଥିବା ଅନେକଙ୍କ ପାଇଁ ଯେ ଅପାର ସମ୍ଭାବନା ସୃଷ୍ଟି କରିପାରିବ ତାହାକୁ ଆମ ପ୍ରବାସୀ ଭାରତୀୟ ହୃଦୟଙ୍ଗମ କରିପାରିଲେ ବିକଶିତ ଓଡ଼ିଶା ୨୦୩୬ର ସ୍ୱପ୍ନ ସାକାର ହେବାର ପଥ ସୁସ୍ପଷ୍ଟ ଓ ସୁଗମ ହୋଇପାରିବ। ଆଜି ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଶ୍ୱସ୍ତରୀୟ ମର୍ଯ୍ୟାଦା ପାଇଛି। କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ପୂର୍ବଭାରତ ରାଜ୍ୟ ସମୂହର ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଶା ଭରଷାର କେନ୍ଦ୍ର ପାଲଟିଛି। ସେହିପରି ପ୍ରାଚୀନ ଉତ୍କଳୀୟ ସଂସ୍କୃତି ବିକାଶକୁ ଆଗେଇ ନେବାରେ ଓଡ଼ିଶାର ଅନୁପୂରକ ଚିତ୍ର ବିଦେଶରେ ମହାନ ସନାତନ ସଂସ୍କୃତିର ସ୍ମରଣୀୟ ଉଦଘୋଷଣ ବସୁଧୈବକ କୁଟୁକମ୍ୟକମ ସନ୍ଦେଶକୁ ଆହୁରି ଗୌରବପୂର୍ଣ୍ଣ ଓ ମହିମାପୂର୍ଣ୍ଣ କରିପାରିବାର ସକ୍ଷମ ହୋଇପାରିବ। ଓଡ଼ିଶାର ପାରମ୍ପରିକ ଖାଦ୍ୟ ମାଣ୍ଡିଆ ହେଉ ବା ଚାଉଳ ତାହା ଏବେ ଶ୍ରୀଅନ୍ନରେ ପରିଚିତ ପାଇ ବିଶ୍ୱାୟନର ଜୟ ଯାତ୍ରାରେ ନିଜକୁ ମହିମାନ୍ୱିତ କରିଛି। ଏହି ଜାତି କଳିଙ୍ଗ ବୀରର ବୀରତ୍ୱର ପରାକାଷ୍ଠାରେ ଯେଉଁ ଅଖଣ୍ଡ ସାମ୍ରାଜ୍ୟ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା ତାହାପୁଣି ଶାନ୍ତି, ଅହିଂସାର ମନ୍ତ୍ର ଦେଇ ବିଶ୍ୱକୁ ଆଲୋକ ଦେଖାଇଛି। ଜାତିସଂଘର କାନ୍ଥରେ ଆମ ମହାନ ମାନବିକତାର ମନ୍ତ୍ର ଓ ସଂସ୍କୃତି ଲିପିବଦ୍ଧ ହୋଇ କଳିଙ୍ଗ ସାଧବ ପୁଅ ସାତ ସମୁଦ୍ର ତେର ନଈ ପାର ହୋଇ ଯେଉଁ ଦୁଃସାହାସିକ ନୌବାଣିଜ୍ୟର ଅନନ୍ୟ ପରମ୍ପରା, ଅମାପିକ ସାହାସ ଓ ଉଦାହରଣ ସୃଷ୍ଟି କରିଥିଲେ ତାହା ହେଉଛି ଏହି ମାଟିର ଗୌରବ। ଏହି ଜାତି, ଏ ରାଜ୍ୟକୁ ଆହୁରି ବିକାଶିତ ଓ ଗୌରବ ମଣ୍ଡିତ କରିବାରେ ଆମ ପ୍ରବାସର ଧର୍ମପଦ ମାନଙ୍କର ଅନେକ ଦାୟିତ୍ୱ ରହିଛି। ସେମାନଙ୍କ ସହଯୋଗ ଓ ଭଲ ପାଇବା ଆମ ରାଜ୍ୟର ଇତିହାସ ଭବିଷ୍ୟତ ଓ ବର୍ତ୍ତମାନ ପାଇଁ ନିଶ୍ଚିନ୍ତ ଓ ଏକ ସ୍ୱର୍ଣ୍ଣିମ ନିର୍ଣ୍ଣାୟକ ହେବ ଏହା ହିଁ କାମନା। ଆମେ ପ୍ରବାସୀ ଭାରତୀୟଙ୍କ ସହଯୋଗରେ ବିକଶିତ ଭାରତ ଗଢ଼ିବାକୁ ଚାହୁଁଛୁ।


+ଅର୍ଥନୈତିକ ସଚିବ, ଆଇଏମଏ, ଓଡ଼ିଶା ଶାଖା,
ମୋ : ୯୧୩୨୪୩୩୩୩୩





### ମୋ ପ୍ରିୟା !

**ମୋତିଲାଲ ମେହେର**

ଏ ଜହ୍ନ, ତୁ ବାଦଲ
ତଳେ ଟିକେ ଲୁଚିଯା
ତୋର କି ରୂପ, ତୋର କି ରଙ୍ଗ ?
ମୋର ଗେହ୍ଲେଇ ପ୍ରିୟା ତୋ ଠୁ
ଆହୁରି ସୁନ୍ଦର
ମୋ ପ୍ରିୟାକୁ ଦେଖିଲେ,
ତୁ ଲାଜେଇ ଯିବୁ ।
ଏ ଫୁଲ, ତୁ ଗଛରୁ ଝଡି
ମଉଳି ଯା ଥରେ
ତୁ କି ନରମ, ତୁ କି କୋମଳ ?
ମୋ ପ୍ରିୟା ତୋଠୁ ବଳି ଆହୁରି ସୂକ୍ଷ୍ମ
ତା ସ୍ପର୍ଶରେ, ତୁ ଆପେ
ଆପେ ମଉଳି ଯିବୁ।
ଏ କୋଇଲି, ତୁ ଆଉ
ଗାଆନାରେ ଗୀତ
ତୋ ସ୍ୱରରେ କାହିଁ ମିଠା,
କାହିଁ ମାଦକତା ?
ତୋ ଠୁ ମିଠା ମୋ ପ୍ରିୟାର କଥା
ତୁ କଥା ହେଲେ ତା ସହ,
ଜହର ଖାଇ ଦେବୁ।
ଏ ପାହାଡି ଝରଣା,
ଅଟକି ଯାଆ ଥରେ
ସର୍ପିଳ ଗତିରେ ବହି ଯାଆନା
ଆଗକୁ ଆଗକୁ
ତୁ କି ଅସ୍ଥିର, ତୋର କି
ଚଂଚଳତା ?
ତୋ ଠୁ ଆହୁରି
ଚଳ ଚଞ୍ଚଳ ମୋ ପ୍ରିୟା
ତୋ ବାଟେ ଆସିଲେ ସେ,
ତୁ ବାଟ ଭାଙ୍ଗି ଦେବୁ।

+ଆଡିଶ,
ବୀରମହାରାଜପୁର, ସୁବର୍ଣ୍ଣପୁର

### ରେବତୀର ସ୍ରଷ୍ଟା

**ଦୀନବନ୍ଧୁ ପୋଇ**

ବାଲେଶ୍ୱର ଜିଲ୍ଲା ମଲ୍ଲିକାଶ ପୁରେ
ମାଆ କୋଳମଣ୍ଡନ କରି
ଜନମିଲ ତୁମେ ସଂକ୍ରାନ୍ତି ତିଥିରେ
ଶାରଳାଙ୍କୁ କାନ୍ଧେ ଧରି ।

ଅଠରଶ ତେୟାଳିଶି ଜାନୁଆରୀ
ମାସର ତେର ତାରିଖେ
ଜନମ ହୋଇକି ମାତା ପିତାଙ୍କର
ହସ ଫୁଟାଇଲ ମୁଖେ ।

ଶିଶୁ ଶୈଶବ ଯେ ଦୁଃଖେ କଟିଥିଲା
ମାତୃପିତୃ ହରା ହୋଇ
ଈଶ୍ୱରଙ୍କ କୃପା ଯା ଶିରେ ରହିଛି
ତାକୁ କେ ରୋକିବ ସେହି ।

ମାତୃପିତୃ ସ୍ନେହ ବଞ୍ଚିତ ହୋଇବି
ବଢାଇଲ ରାଜ୍ୟ ଶିରୀ
ଗଳ୍ପ ରଚନାରେ ଅଦ୍ୱିତୀୟ ହେଲ
ନାହିଁ କେ ତୁମରି ସରି ।

ଜନମ ଲଭିଲ କେତେ ହିତ କଲ
ଆମରି ଓଡିଶା ପାଇଁ
ଭାଷା ସୁରକ୍ଷାର ସାଜି କର୍ଣ୍ଣଧାର
ମାନଟି ଦେଲ ବଢାଇ ।

ତୁମର ରେବତୀ କାହାଣୀ ଏମିତି
ଯାହାଥିଲା ସତ କଥା
ରଚିଲ ଭିତରେ ସମାଜ ହିତରେ
ସମାଜ ସଂସ୍କାର ପ୍ରଥା ।

ମାମୁ ପ୍ରାୟଶ୍ଚିତ ଲଛମା ଏମିତି
ଥିଲା ଉପନ୍ୟାସ ଚାରି
ସମାଜ ଚରିତ୍ର ନିଛକ ଚିତ୍ରଣ
କରିଛ ହେ ତୁମେ ସୂରି ।

ସାହିତ୍ୟାକାଶେ ଉଜ୍ଜଳ ତାରକା
ତୁମେ ଆହେ ବ୍ୟାସକବି
ତୁମେ କଲମରେ ନିଛକ ଘଟଣା
ଲେଖୁଥିଲ ସବୁ ଭାବି ।

ତୁମ ଜନ୍ମ ଦିନେ ପଡ ତୁମେ ମନେ
ଘେନ ଆମ ଶ୍ରଦ୍ଧାଞ୍ଜଳି
ତୁମ ଯଶ କୀର୍ତ୍ତି ଆଉ ଭାଷା ପ୍ରୀତି
ହେଉ ସଦା ଆମେ ଭାଳି ।

+ଗୋରଡାପାଳ, କରମୂଳ
ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

### ସଂସାର

**ପ୍ରମୋଦ କୁମାର ମହାପାତ୍ର**

ଦିନ ଚାଲିଗଲା, ରାତି ବିତି ଗଲା,
ମରମର କଥା ମରମେ ରହିଲା,
ପାଗ ଭିଡୁଭିଡୁ କଚେରୀ ସରିଲା।

ଏହି ଦୁନିଆଁ ଗୋଟାଏ ପାନ୍ଥଶାଳା
କେଇଦିନ ପାଇଁ
ଏଠି ଲୀଳାଖେଳା,
କେହି ରହିଛି କି
ସବୁଦିନ ପାଇଁ,
ଦେବତା ବି ମରେ
ପୂରିଗଲେ ବେଳା।

ସମୟ ବିତିଲା ଆପଣା ଚିନ୍ତାରେ
ଲୋଭ, ମୋହ, ମାୟା
ପୁରେଇ ସ୍ୱାର୍ଥରେ,
ପଥଵଣା ହୋଇ
ଅନ୍ଧ ଯେହ୍ନେ ଧାଇଁ,
ପାପର ନଦୀରେ
ଭାସିଯାଏ ଭେଳା।

ନିରାଶା ମରୁରେ ଆଶା ହିଁ ସାହାରା
ମଝି ଦରିଆରେ ଯେହ୍ନେ ଧ୍ରୁବ ତାରା,
ଇତି ରୁ ଆରଂଭ
ଆରଂଭ ରୁ ଇତି,
ଭଙ୍ଗା,ଗଢ଼ା ଜୀବନର ଚନ୍ଦ୍ରକଳା।

+କଳାପାଣି, ବରଗଡ଼,
ମୋ - ୯୪୩୭୫୭୮୩୧୧

## ସଂକ୍ରାନ୍ତି ପୁରୁଷ ଫକୀରମୋହନ

### ତାନଶ୍ରୀ ପାଣିଗ୍ରାହୀ



ଓଡ଼ିଆ ଭାଷାର ଗର୍ବ ଗୌରବ
ହେ ପୂଜ୍ୟ ଫକୀରମୋହନ
ସେନାପତି ସାଜି ରକ୍ଷାକଲ ତୁମେ
ଓଡ଼ିଆ ଭାଷାର ମାନ...

ଭାଷାର ସଂଗ୍ରାମେ ବଳିଦାନ ଦେଇ
ଭାଷାକୁ କଲ ଉଦ୍ଧାର
ଭରିଦେଇଗଲ ପ୍ରତିଟି ଓଠରେ
ଓଡ଼ିଆ ଭାଷାର ସ୍ୱର...

ଭୂମିଷ୍ଠ ହୋଇଲ ମଲ୍ଲିକାଶପୁରେ
ମକର ସଂକ୍ରାନ୍ତି ଦିନ
ପିତା ଲକ୍ଷ୍ମଣ ମାତା ତୁଳସୀଙ୍କ
କୋଳରେ ନେଲ ଜନମ...

ସମ୍ବାଦବାହିକା, ବୋଧଦାୟିନୀ
ପତ୍ରିକାର ପ୍ରତିଷ୍ଠାତା
ଓଡ଼ିଆ ଭାଷାର ସମୃଦ୍ଧି ପାଇଁ
ସଦା ଥିଲା ତୁମ ଚିନ୍ତା...

ତୁମରି ସୃଷ୍ଟି ଛମାଣ ଆଠଗୁଣ୍ଠ
ମାମୁଁ ଲଛମା ବିଖ୍ୟାତ
ମହାଭାରତକୁ ଅନୁବାଦ କରି
ବ୍ୟାସକବି ନାମେ ଖ୍ୟାତ...

ରେବତୀ ଗଳ୍ପ ମାଧ୍ୟମରେ ତୁମେ
ନାରୀଶିକ୍ଷା ପ୍ରଚାରିଲ
ଡାକମୁନସୀରେ ଅସହାୟ ବାପା
ନିର୍ଯ୍ୟାତିତ ଜଣାଇଲ...

ତୁମର ଅମର ଲେଖନୀ ପାଇଁ ହିଁ
ହୋଇଛି ଉତ୍କଳ ଧନ୍ୟ
ଅନବଦ୍ୟ ସୃଷ୍ଟି ସାହିତ୍ୟ ତୁମର
ଚିର ଶାଶ୍ୱତ ଅମ୍ଳାନ...

ରଜ ସଂକ୍ରାନ୍ତିରେ ନେଲ ଯେ ବିଦାୟ
ଖୋଜୁଛୁ ତୁମ ପରଶ
ଝୁରୁଅଛି ଏଇ ବାଲେଶ୍ୱର ମାଟି
କାହିଁଗଲ ତୁମେ ବ୍ୟାସ...

ତୁମେ ଏ ଉତ୍କଳେ ସଂକ୍ରାନ୍ତି ପୁରୁଷ
ସଦା ଚିର ମହୀୟାନ
ଇତିହାସ ବକ୍ଷେ ତୁମ ଭାଷା ପ୍ରୀତି
ଥିବ ଚିର ଆୟୁଷ୍ମାନ ।

+ବାଲେଶ୍ୱର
ମୋ -୯୩୩୭୩୦୪୨୯୫

# ଫକୀର ମୋହନଙ୍କ ଲୁହ

### ଉଦୟ ନାରାୟଣ ଦାସ



ରାତି ସାଢ଼େ ତିନ ।

ବୋଧ ହୁଏ। ଶାନ୍ତି କାନନରେ ଫକୀର ମୋହନ ନିଜେ ତିଆରି କରି ଛିଡ଼ା କରାଇଥିବା ମୂର୍ତ୍ତିଟିକୁ କିଏ ଜଣେ ଭୟଙ୍କର ଲୋକ (କେଜାଣି ମଣିଷ କି ଅସୁର କି ପିଶାଚ କି ଜମଦୂତ ଅନ୍ଧାରରେ ଜାଣି ହେଉ ନାହିଁ) ଉପାଡ଼ି ଚାଲିଛି, ଭଙ୍ଗା ଭଙ୍ଗୀ ବି କରୁଛି। ହେଲେ ମୂର୍ତ୍ତିଟି ଏତେ ସହଜରେ ଉପୁଡୁ ନାହିଁ, ଯେହେତୁ ମଞ୍ଜ ବହୁ ଗଭୀରକୁ ଯାଇଛି ବ୍ୟାସ କବିଙ୍କ ଉଦ୍ୟମରେ। କିନ୍ତୁ ସେଇ ଭୀଷଣ କାୟ ଜୀବଟି ବି ଛାଡୁନାହିଁ। ଯେମିତି ହେଲେ ସେ ମୂର୍ତ୍ତିକୁ ବାହାର କରିବ। ରାତି ପାହିଲେ ମୂର୍ତ୍ତିର ଜନ୍ମ ବାସର। ସେଥିପାଇଁ ଏଇ ଦିନକୁ ମୂର୍ତ୍ତି ଅପେକ୍ଷା କରିଥାଏ। ଅନେକ ଲୋକ ଆସିନ୍ତି, ମୂର୍ତ୍ତିକୁ କେତେ କେତେ ଫୁଲ, ଝାଲେରି କାଗଜରେ ସଜାଡି ଦିଆଯାଏ। ବଡ ବଡ ବିଜ୍ଞ ଲୋକେ ତାଙ୍କ ବିଷୟରେ ଅନେକ ଚର୍ଚ୍ଚା କରନ୍ତି। ସେଇ ଦିନ ମୂର୍ତ୍ତି ଟିକେ ଗର୍ବିତ /ଉତ୍‌ଫୁଲିତ ହୁଏ, ଯାହାହେଉ ଲୋକେ ତାକୁ ମନେ ରଖିଛନ୍ତି ଶହେରୁ ଅଧିକ ବର୍ଷ ପାରେ ବି, ଏଇ କଥା ଭାବି।

କିନ୍ତୁ ମୂର୍ତ୍ତି ଭାବି ନ ଥିଲା, ଦିନ ହେବା ପୂର୍ବରୁ ତା ସହ ଏମିତି ଅନ୍ତର୍ଘାତି କାମ ଏଇ ଜୀବ କରିବ ବୋଲି। ଟଣା ଓଟରାରେ ମୂର୍ତ୍ତିକୁ ବହୁତ କଷ୍ଟ ହେଇ ତା ଆଖିରୁ ରକ୍ତ ସବୁ ଲୁହ ହେଇ ନିଗିଡ଼ି ଯାଉଛି ଝର ଝର। ହେଲେ ନିଷ୍ଠୁର ସେଇ ବିଶାଳ କାୟ ଜନ୍ତୁଟି ଛାଡୁ ନାହିଁ।

ଶେଷକୁ ମୂର୍ତ୍ତିଟି କହୁଛି, 'ତୁ କିଏରେ କାହିଁକି ମୋତେ ଏତେ ହିନସ୍ତା କରୁଛୁ ?'

ସେଇ ଜୀବ କହୁଛି, 'ତୁ ମୋତେ ଜାଣିନୁ ? ମୁଁ ବିକାଳ, କାଳର ସାନ ଭାଇ। ଭାଇ ପଠେଇଛି ତୋତେ ଏଠୁ ନେଇ ଯିବା ପାଇଁ।

ପପ'କାହିଁକି ନେଇଯିବୁ ? ବିସ୍ମିତ ହେଇ ମୂର୍ତ୍ତି କହିଲା।

ପପ 'ତାର ଏଇ ଓଡ଼ିଆ ଜାତି ପାଇଁ ଆଉ ଆବଶ୍ୟକତା ନାହିଁ ରେ ମୂର୍ତ୍ତି। ଭାଇ ତୋତେ ଅନ୍ୟ ଯାଗାକୁ ପଠେଇ ଦେବେ, ଯେଉଁ ମାଟିରେ ତୋର ସମ୍ମାନ ରହିବ।'

ମୂର୍ତ୍ତିଟି ବିମର୍ଷ ହେଇ କହିଲା, 'ମୁଁ ତ ଓଡ଼ିଆ ଭାଷା ଉନ୍ନତି ପାଇଁ ବହୁତ କାମ କଲି। ଏଇ ଭାଷାକୁ କିଛି ଲୋକ ଲୋପ କରି ଦେଉ ଥିଲା ବେଳେ ମୁଁ ଏହାକୁ ଉଦ୍ଧାର କଲି। ଏଇ ଭାଷା ପାଇଁ ଆନ୍ଦୋଳନ କଲି। ନୂଆ କରି କଥା ସାହିତ୍ୟ ସର୍ଜନା କଲି। ଆହୁରି ବହୁତ କାମ କରିଛି। ସେଥିପାଇଁ ଏଇ ଜାତି ମୋତେ ସ୍ମରଣରେ ରଖିଛି। ମୋତେ ପୂଜା କରୁଛି। ତୁ ରହ, ସକାଳ ହେଉ ଦେଖିବୁ ମୋ ଜନ୍ମ ଦିନ ଏଠି କେତେ ଧୁମ୍ ଧାମରେ ପାଳନ ହେବ। ମୋ ବିଷୟରେ ଲୋକେ କେତେ କେତେ କଥା କହିବେ। କେତେ କୋକିଳ କଣ୍ଠରେ ଗୀତ ଗାଇବେ।' ସେଇ ଜୀବଟି ଅଟହାସ୍ୟ କରି କହିଲା, 'ଯାଃ, ତୁ କିଛି ଜାଣିନୁ। ତୋ ଲେଖାକୁ ଆଉ କେହି ମାନୁ ନାହାନ୍ତି ଏଇ କୃତଘ୍ନ ଓଡ଼ିଆ ଲୋକ ମାନେରେ। ତୁ ଏଠି ମିଛରେ ଖରା ବର୍ଷାରେ ପଡିଛୁ।'

ମୂର୍ତ୍ତି କହିଲା, 'ଆରେ ତୁ ଶୁଣ, ମୁଁ ଆହୁରି କଣ କଣ ସବୁ କରିଛି। ମୁଁ ଏଇ କାନନ ମୋ ବଂଶର କାହା ପାଇଁ ନ ଦେଇ ଜାତି ପାଇଁ ଉତ୍ସର୍ଗ କରି ଦେଇଛି। ଏଠି ସାହିତ୍ୟ ହେବ। ସେଥିପାଇଁ ଘର ହେଇଛି। ଫୁଲ ଫଳ ଗଛ ଲଗାଇ ଦେଇଛି, ଲୋକେ ବୁଲି ବୁଲି ସାହିତ୍ୟ ସଭା କରିବେ, ସାହିତ୍ୟ ଗୀତ ଗାଇବେ। ପୋଖରୀ ଖୋଳି ଦେଇଛି। ସେଥିରେ ପଦ୍ମ ଫୁଲ ଫୁଟିଛି। ମାଛ ଛାଡିଛି। ମଳୟ ଶୀତଳ ପବନ ବହୁଛି। ସେମାନେ ସଞ୍ଜ ହେଲେ ଏଇଠି ବସିବେ। ସଭା କରି ମୋ ନିର୍ମିତ ପୋଖରୀରୁ ମାଛ ଧରି ଖାଇବେ। ନିଜ ସାହିତ୍ୟ ପଢିବେ ନିଜେ ପଢିବେ। ଖୁସିରେ ଗପ ହେବେ।'

ଜୀବଟି କହିଲା, 'ଥାଉ ଥାଉ ବହୁତ କହିଲୁ ତୋ କୀର୍ତ୍ତି କଥା।ଏବେ ମୋ କଥା ଶୁଣ, ବେ ଓଲୁ, ଏବେ ତୋର ସମୟ ଶେଷ ହେଇ ଯାଇଛି ଏଇ ଜାତି ପାଇଁ। ତୋ ଗପର ନାମକୁ ନେଇ ଲୋକେ ତୋତେ ଗାଳି ଦେଲେଣି। କଣ ସିନେମା କରିଥାନ୍ତେ। କିଛି ଲୋକ ବିରୋଧ କରୁଛନ୍ତି। ତୁ କୁଆଡ଼େ ନାରୀ ଅସ୍ମିତା ବିରୁଦ୍ଧରେ କହିଛୁ ? ଆରେ ଆହୁରି ତୁ କି ଉପନ୍ୟାସ ଲେଖିଥିଲୁ ସେଥିରେ ତୁ ନିଜେ ଖରାପ ଲୋକ ହେଇ ଭଲ ଲୋକଙ୍କର ଚରିତ୍ର ସଂହାର କରିଛୁ? ତୋ ନିଜ ଦୁର୍ଗୁଣ ଲୁଚେଇ ଦେଇଛୁ?' ଜୀବଟି ପୁଣି ଟିକେ ନିଃଶ୍ୱାସ ନେଇ କହିଲା, 'ହଁ ଏବେ ଏବେ କିଏ ଜଣେ ପ୍ରବୀଣ ଲେଖକ କହୁଛି ବଡ ପାଟି କରି, ଓଡ଼ିଆ କଥା ସାହିତ୍ୟକୁ ତୁ ନଷ୍ଟ କରି ଦେଇଛୁ? ଓଡ଼ିଆ ପରମ୍ପରାକୁ ତୁ ପୋଡ଼ି ଦେଇଛୁ? ଆହୁରି ଶୁଣ, ରାଜଧାନୀର ବାଣୀ ବିହାର ମୁଖ୍ୟ ଗେଟ୍ ପାଖରେ ତୋ ମୂର୍ତ୍ତି ଘୋଡାଇ ଆଉ ଗୋଟେ ସୁନ୍ଦର ସ୍ଥାପତ୍ୟ ତିଆରି ହେଇ ଗଲାଣି। ତୋତେ ସେଠୁ ଲୁଚାଇ ଦିଆ ଯାଇଛି। ଜାଣିଛୁ ସେଇ ଜାଗା ହେଉଛି ଏଇ ଜାତି ପାଇଁ ଶିକ୍ଷାର ମୂଳ କେନ୍ଦ୍ର । ତୋର ଏଇ ମୁଁହ ଘୋଡାଇ ଦେଲା ବେଳେ ବି କେହି ଜଣେ ଓଡ଼ିଆ ପଢୁଆ ପୁଅ ମୁହିଁ ଖୋଲିଲା ନାହିଁ। ଏଇ ସବୁରୁ ତୁ ବୁଝ ତୋର ଏଠି କି ସମ୍ମାନ! ସେଥିପାଇଁ ମୋ ଭାଇ କାଳ ଏଇ ଜାତି ଉପରେ କ୍ଷୁବ୍ଧ ହେଇ ଯାଇଛି। ସେ ସ୍ଥିର କରିଛି ତୋତେ ଏଠୁ ନେଇ ଆଉ ଗୋଟେ ଜାତି ପାଖରେ ଜନ୍ମ ଦେବ। ଯେଉଁ ଜାତି ସାହିତ୍ୟ, କଳା, ସ୍ଥାପତ୍ୟ ବୁଝନ୍ତି। ତୁ ସେଇ ମାଟିରେ କାମ କରି ପୂଜା ପାଇବୁ। ଏଠୁ ତୁ କାହିଁକି ଆଉ ରହିବୁ? ଏଇ ଜାତି ତୋତେ ଚିହ୍ନିଲା ନାହିଁରେ। ଆଉ କିଛି ଦିନ ପରେ ତୋ ମୂର୍ତ୍ତି ଉପରେ ସେଇ ଅକୃତଜ୍ଞ ଲୋକେ ଇଂରାଜୀ ପଢୁଥିବା ପିଲାମାନେ ମୂତିବେରେ।' ମୂର୍ତ୍ତି ଖୁବ୍ କାନ୍ଦିଲା ଓ କହିଲା, 'ନାରେ ଭାଇ, ଯେତେ ଯାହା ହେଲେବି ମୁଁ ଏଇ ଜାତିକୁ ଛାଡି ଯାଇ ପାରିବି ନାହିଁ। ମୋ ଭାଷା ମୋତେ ବଡ, ମୋ ଜାତି ମୋତେ ବଡ। ତୁ ମୋ ବ୍ୟଥା ଯାଇ ତୋ ଭାଇକୁ କହ। ସେ ମୋତେ ଏଇଠି ରଖନ୍ତୁ। ମୋ ଲୋକେ ଗୋଟେ ଦିନ ନିଶ୍ଚେ ବୁଝିବେ। ଜୀବଟି ଟିକେ ରହି ଗଲା। କଣ ଭାବି କହିଲା, ହଉ ତୁ ଯଦି ଚାହୁଛୁ ଏଇଟି ମାରିବୁ ତେବେ ମୁଁ ବଡ ସହିତ କଥା ହୁଏ। ତା'ଭାଇକୁ ଶୁନ୍ୟରୁ କଥା ହେଲା କେମିତି ଗୋଟେ ଧ୍ୟାନ ମାଧ୍ୟମରେ। ଏହା ଥିଲା ଗତ ରାତିର ମୁଁ ଦେଖି ଥିବା ସ୍ୱପ୍ନ ଠିକ୍ ରାତି ସାଢ଼େ ତିନରେ। ସତ କଥା ରାତି ପାହିଲେ ଫକୀର ମୋହନଙ୍କ ଜୟନ୍ତୀ ସମାରୋହ। ମୁଁ ବିଛଣାରୁ ଉଠି ଦୌଡ଼ିଲି, ପ୍ରାତ ଭ୍ରମଣରେ ଶାନ୍ତି କାନନକୁ। ସେଠି ଯାଇ ଦେଖିଲି ଫକୀର ମୋହନଙ୍କ ମୂର୍ତ୍ତି ଠିକ୍ ଅଛି, ହେଲେ ତାଙ୍କ ଆଖିରୁ ରକ୍ତ ସବୁ ଲୁହ ହେଇ ନିଗିଡ଼ି ପଡୁଛି ଝର ଝର। ତାଙ୍କ ଆଖି ପୋଛି ଦେଲି, ହେଲେ ଯେତେ ପୋଛିଲେ ବି ଲୁହ ଆହୁରି ବହୁ ଥିଲା। ମୁଁ ତାଙ୍କୁ ଭୂମିଷ୍ଠ ପ୍ରଣିପାତ କଲି ଓ ଅବସାଦରେ ଘରକୁ ଫେରିଲି ସେଇ ବ୍ରାହ୍ମ ମୁହୂର୍ତ୍ତରେ।



+ବାଲେଶ୍ୱର

## ଚହଲ ପଡିଛି

### ଅଳକା ରାୟ



ଚହଳ ପଡିଛି
ଚାଷୀ କ୍ଷତିପୂରଣ ଦାବିକରି
ତା କ୍ଷେତର କ୍ଷତକୁ
ବଖାଣୁଛି ସର୍ବସମ୍ମୁଖରେ
ପୌଷରେ ଲହରାଉଥିବା ତା ଫସଲ
ଅଚାନକ୍ ମାଡିଆସିଥିବା ବର୍ଷା।
ପୁରୁଷର
ନିର୍ଦ୍ଦୟତାରେ ଉଜୁଡି ଯାଇଛି
ଅବପାତର ଚକ୍ରବ୍ୟୂହ ଏଡାଇ ନପାରି
ଝାସ ଦେଇଛି ତା ଚିତ୍ରିତ ଆଁରେ।

ଚହଳ ପଡିଛି
ଉତ୍ସବ ମୁଖର ରାଜଧାନୀ
ଏବେ ରକ୍ତ ରଂଜିତ
ନିଶାକୁ ବିରୋଧକରି
ଗଡିଛି ଗୋଟେ ମୁଣ୍ଡ
କଟାମୁଣ୍ଡ ବଦଳରେ
ମିଳିଛି କିଛି ଲକ୍ଷ
କ୍ଷତିପୂରଣ ବାବଦରେ।

ଚହଳ ପଡିଛି
ପ୍ରବାସୀ ଭାରତୀୟଙ୍କ ଆଗମନରେ
ସଜେଇ ହୋଇଛି ଭୁବନେଶ୍ୱର
ବଧୂ ବେଶରେ
ରାଜ୍ୟକୁ ସମୃଦ୍ଧଶାଳୀ କରିବା
ଆଶାରେ
ବିଦେଶରେ ଯଶ ପାଇବା ନିଶାରେ।

ଚହଳ ପଡିଛି
ସ୍ୱାମୀ ବିବେକାନନ୍ଦଙ୍କ ସ୍ୱନକ୍ଷତ୍ର
ଦିବସରେ
କିପରି ଭାରତକୁ ପରିଚିତ ଦେଲେ
ବିଶ୍ୱ ଦରବାରରେ
କିପରି ହିନ୍ଦୁତ୍ୱକୁ ଉପସ୍ଥାପନ କଲେ
ବିଶ୍ୱ ସମୁଦାୟ ସମ୍ମୁଖରେ!!!

+ ମୋ: ୭୯୭୮୩୩୨୦୬୧

# ଶ୍ରୀଜୀଉଙ୍କ ଦେବାଭିଷେକ ଉତ୍ସବ

### ଭୋଲାନାଥ ସାହୁ



ଶ୍ରୀମନ୍ଦିର ଶ୍ରୀଜୀଉମାନଙ୍କର ପୂଜା ଆରାଧନା ନିମନ୍ତେ ଉଦିଷ୍ଟ ମନ୍ଦିର । ଶ୍ରୀମନ୍ଦିର ଏକ ନୀତି ବହୁଳ ମନ୍ଦିର । ଶ୍ରୀମନ୍ଦିରର ପ୍ରଚଳିତ ନୀତି ବହୁ ପୁରାତନ । ଏଠାରେ ପ୍ରଚଳିତ ନୀତି ଓ ଏତେ ସଂଖ୍ୟକ ସେବକ ବିଶ୍ୱର କୌଣସି ମନ୍ଦିରରେ ଥିବାର ଦେଖାଯାଏ ନାହିଁ । ଶ୍ରୀମନ୍ଦିରରେ ପାଳିତ ବହୁ ବିଧ ଯାତ୍ରା ମଧ୍ୟରୁ ଦ୍ୱାଦଶ ଯାତ୍ରା ପ୍ରଧାନ ଅଟେ । ନୀଳାଦ୍ରି ମହୋଦୟ, ସ୍କନ୍ଧପୁରାଣ, ବାମଦେବସଂହିତା, ବ୍ରହ୍ମପୁରାଣ ଓ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ମହାପ୍ରଭୁଙ୍କ ନୀତିକାନ୍ତିର ବର୍ଣ୍ଣନା ରହିଛି । ଏ ସମସ୍ତ ନୀତିକାନ୍ତି ସ୍ୱୟଂ ଜଗନ୍ନାଥ ରାଜାଇନ୍ଦ୍ରଦ୍ୟୁମ୍ନଙ୍କୁ କହିଥିବାର ପୁରାଣଶାସ୍ତ୍ର ସୂଚିତ କରେ । ଶ୍ରୀମନ୍ଦିରରେ ପାଳିତ ମୁଖ୍ୟ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅଷ୍ଟମଯାତ୍ରା ଭାବରେ ପୁଷ୍ୟାଭିଷେକ ଉତ୍ସବ ଅନ୍ୟତମ ।

ପୌଷମାସ ପୂର୍ଣ୍ଣମୀ ତିଥୀରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଅଭିଷେକ ଉତ୍ସବ ପାଳନ କରାଯାଏ । ଏହି ଅଭିଷେକ ଉତ୍ସବ ପୌଷ ମାସରେ ପଡୁଥିବାରୁ ଏହାକୁ ପୁଷ୍ୟାଭିଷେକ ଉତ୍ସବ କହନ୍ତି । ଏହି ଦିବସରେ ଶ୍ରୀଜୀଉ ମାନଙ୍କର ନବାଙ୍କବେଶ ମଧ୍ୟ କରାଯାଏ । ଅଭିଷେକ ଉତ୍ସବ ନିମନ୍ତେ ଏକାଦଶୀ ତିଥିରେ ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଅଙ୍କୁରାରୋପଣ ପାଇଁ ୪ଟି ଦ୍ୱାରଥିବା ସୁନ୍ଦର ମଣ୍ଡପଟିଏ ନିର୍ମାଣ କରାଯାଏ । ନିଳାଦ୍ରୀ ମହୋଦୟରେ ଏହାର ନିର୍ଦ୍ଦେଶନାମାର ବର୍ଣ୍ଣନା ହେଉଛି–

ଚତୁରସ୍ରଂ ଚତୁର୍ଦ୍ୱାରଂ
ବିତାନୋତମମଣ୍ଡିତମ୍ ।
ପତାକାବଳିଭିର୍ବ୍ୟାପ୍ତମଙ୍କୁରାରୋପଣାୟ ବୈ ॥

ଚତୁର୍ଦ୍ଦଶୀ ରାତ୍ରରେ ଶ୍ରୀଜୀଉମାନଙ୍କ ଚନ୍ଦନଲାଗି ଶେଷ ହେବାପରେ ଅଭିଷେକଉତ୍ସବର ଅଭିବାସକର୍ମ ଆରମ୍ଭ କରାଯାଇ ଶେଷ ହୁଏ । ଉକ୍ତଦିନରେ ଭୋଗମଣ୍ଡପକୁ ଧୂଆ-ପ୍ରକ୍ଷ୍ୟାଳ କରାଯାଇ ଚାନ୍ଦୁଆଟିଏ ବନ୍ଧାଯାଏ । ସେଠାରେ ହାଣ୍ଡିରେ ଏକହାଣ୍ଡି ଘିଅ ଓ ରୋଷକୂପରୁ ଜଳଆଣି ରଖାଯାଏ । ଘିଅକୁ ୨୧ଟି ଗଡୁରେ ଓ ଜଳକୁ ୮୭ଟିଗଡୁରେ ଭାଗ ଭାଗ କରି ରଖାଯାଏ । ଏହାପରେ ଜଗନ୍ନାଥ, ବଳଭଦ୍ର, ଶୁଭଦ୍ରା ଓ ସୁଦର୍ଶନଙ୍କ ସମ୍ମୁଖରେ ୪ଟି ପଂକ୍ତି କରି ୬ + ୬ + ୬ +୩ (ଗଡୁଘିଅ) ଓ ୨୫ + ୨୫ + ୨୫ + ୧୨ (ଗଡୁ ଜଳ) ସର୍ବମୋଟ ୧୦୮ ଗଡୁ ଘିଅ ଓ ଜଳ ଚାନ୍ଦୁଆତଳେ ରଖାଯାଏ । ଗଡୁ ଗୁଡ଼ିକୁ ଚେମେଡ଼ିପତନି ଘୋଡ଼ାଇ ଫୁଲ ଚନ୍ଦନ ଦିଆଯାଇ ଅଧିବାସ ଶେଷ ହେବା ପରେ ଭୋଗ ମଣ୍ଡପକୁ ମୁଦ ଦିଆଯାଏ ।

ପୂର୍ଣ୍ଣମୀ ତିଥିରେ ସକାଳଧୂପ, ମଇଲମ, ତଡ଼ପ ଉତରୀଲାଗି ଓ ପୂଜାପାଠ ଶେଷ ହେବା ପରେ ଭୋଗ ମଣ୍ଡପ ଘରକୁ ଖୋଲାଯାଏ । ସୁଧସୁଆର ରୋଷଘରୁ ଲୁହାଡ଼ଙ୍କିରେ ନିଆଁଆଣି ଘିଅକୁ ଗରମକରି ଜଳ ଗଡୁରେ ମିଶାଇଥାନ୍ତି । ଏହିସମୟରେ ମୁଆଁସିଆଙ୍କ ଦ୍ୱାରା ଯଜ୍ଞପୀଠ ନିର୍ମିତ ହୋଇଥାଏ ଓ ଦେଉଳପୁରୋହିତ ହୋମ କରିଥାନ୍ତି । ଗରାବଡୁମାନେ ଗଡୁସବୁକୁ ହାତରେଧରି ଘଂଟ, ଛତ୍ର, କାହାଳୀ ସହ ପଟୁଆରରେ



୪ଥର ପରିକ୍ରମା କରି ୪ଟି ଧାଡ଼ିରେ ଆଣି ରଖନ୍ତି । ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ପ୍ରସାଦଲାଗି ହେବାପରେ ଧୂପଦୀପ ଓ ନୈବେଦ୍ୟ ଦେଇ ଜଳଲାଗି କରନ୍ତି । ପୂଜାପଣ୍ଡା ଓ ଦେଉଳପୁରୋହିତ ଅଧିବାସପାତ୍ରୀ ନିର୍ମାଣପାଖରେ ଧରିଥାନ୍ତି । ଗରାବଡୁମାନେ ଘିଅ ଓ ଜଳ ଉକ୍ତପାତ୍ରୀରେ ତର୍ପଣଲାଗି କରନ୍ତି । ପୂଜାପଣ୍ଡା ସର୍ବଦେବାଦେବୀଙ୍କୁ କ୍ଷମାଭିକ୍ଷାକରି କହନ୍ତି–

ସ୍ନାପୟାର୍ମ ମୁରାଧିଶ ! ଅପରାଧଂ କ୍ଷମସୁମେ ।
ଇତ୍ୟୁକ୍ତ୍ୱା ତଜ୍ଜଳୈର୍ଦେବଂ ପୁରୁଷମୁକ୍ତେନ ସେଚୟେତ ॥

ଶ୍ରୀଜଗନ୍ନାଥଙ୍କ ବାଡ଼ରେ ମଇଲମହୋଇ ତଡ଼ପ ଉତରୀୟଲାଗି ହେବାପରେ ମହାଲକ୍ଷ୍ମୀ ଆଜ୍ଞାମାଳ ପାଇ ୭ ପାହାଚଦ୍ୱାରରୁ ପାଲିଙ୍କିରେ ବିଜେ ହୋଇ ଲକ୍ଷ୍ମୀ ମନ୍ଦିରକୁ ଯାଆନ୍ତି । ଜଗମୋହନ ଖଟବିଜେକରାଇ ମାଜଣା, ବନକଲାଗି ଓ ବେଶ ହୁଏ । ଶ୍ରୀଜଗନ୍ନାଥଙ୍କ ଅଭିଷେକବେଶ, ଅଳଙ୍କାରଲାଗି, ମାଳଚୁଳ କର୍ପୁରଲାଗି ପରେ ପାଣିପଢ଼ି, ଟେରାବନ୍ଧାଯାଇ, ଘଂଟ ଛତ୍ର କାହାଳୀସହ ପଟୁଆରରେ ଆସେ । ଏହାପରେ ମହାଲକ୍ଷ୍ମୀ ବହୁଡ଼ାବିଜେ କରି ଶ୍ରୀଅଙ୍ଗଲାଗି ହୁଅନ୍ତି । ଭିତରଛ ମହାପାତ୍ର ଲକ୍ଷ୍ମଣରୂପରେ ଦଣ୍ଡଛତ୍ରଧରି ରତ୍ନସିଂହାସନ ଉପରେ ମହାପ୍ରଭୁଙ୍କ ବାଡ଼ରେ ଉପସ୍ଥିତ ରହନ୍ତି । ପାଳିଆମେକାପ ହନୁମାନ ରୂପରେ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀପୟର ନିକଟରେ ଆଣ୍ଠୁମାଡ଼ି ବସିରହିବେ । ଷୋଡ଼ଷଉପଚାରରେ ପୂଜାପରେ ଫୁଲଶର, ଫୁଲ ଆୟୁଧ ଲାଗି ହୋଇଥାଏ । ସିଂହାସନ ଉପରେ ଓ ତଳେ ଆଲଟ-ଚାମର କରାଯାଏ ।

ବାସ୍ତବରେ ଏହା ଏକ ଉତ୍କର୍ଷ ବିଧି ବ୍ୟବସ୍ଥା । ସେବକ ବଇଠାଧରି ମହାପ୍ରଭୁଙ୍କ ବାଡ଼ରେ ଠିଆହୋଇ ରହନ୍ତି । ଫୁଲ, ଧନୁଶର ଓ ଗଦିପ୍ରସାଦ ମଇଲମ ହୋଇ ରତ୍ନସିଂହାସନ ତଳକୁ ଆସେ । ଦକ୍ଷିଣଘରେ ଭୋଗ ସରିଲେ ରଘୁନାଥ ଭିତରସିଂହାସନକୁ ବିଜେହୋଇ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇଲେ ହାତରେ ବିଜେ ହୋଇଆସି ୭ ପାହାଚ ଦ୍ୱାର ପାଖରେ ପାଲିଙ୍କିରେ ଲକ୍ଷ୍ମୀଙ୍କ ମନ୍ଦିରକୁ ବାହାର ଅଭିଷେକ ନିମନ୍ତେ ଯାଆନ୍ତି । ସେଠାରେ ଭଦ୍ରାସନରେ ବିଜେହୋଇ ମହାସ୍ନାନ ହୁଏ । ସରଘରୁ ଭୋଗଆସି ଭୋଗବଢ଼ିଲେ ବନ୍ଦାପନା ହୁଏ ଓ ରଘୁନାଥ ବାହୁଡ଼ାବିଜେ କରି ଦକ୍ଷିଣଘରକୁ ବିଜେ କରିବା ପରେ ଶ୍ରୀଜୀଉ ମାନଙ୍କର ଅଭିଷେକ ଉତ୍ସବ ଯାତ୍ରାର ଶେଷ ହୁଏ ।

ଶ୍ରୀଜଗନ୍ନାଥ ସକଳ ଶକ୍ତିର ଆଧାର । ତାଙ୍କର ଦର୍ଶନ, ନାମ ସ୍ମରଣ ଓ ଭକ୍ତିଭାବ ସମର୍ପଣରେ ଭକ୍ତର ଜୀବନ ଧନ୍ୟହୁଏ । ଯେଉଁମାନେ ତାଙ୍କ ବିଷୟରେ ଶୁଣିବାକୁ ଆଗ୍ରହ ପ୍ରକାଶ କରନ୍ତି, ସେମାନେ ପାପ-ତାପ-ଯନ୍ତ୍ରଣାରୁ ମୁକ୍ତି ପାଇଥାନ୍ତି ।

ଜୟ ଶ୍ରୀଜଗନ୍ନାଥ...

+ପ୍ରାକ୍ତନ ପ୍ରାଧାପକ ଓ ମୁଖ୍ୟ
ଶିକ୍ଷା ବିଭାଗ
ଉଦଳା ମହାବିଦ୍ୟାଳୟ, ଉଦଳା,
ମୟୂରଭଂଜ
ମୋ:୯୯୩୭୧୫୧୩୧୦

## ଜଣେ ଈଶ୍ୱରଙ୍କ ଜନ୍ମ ହେବାର ବେଳ

### ଜ୍ଞାନେନ୍ଦ୍ର ପଣ୍ଡା



କେହି ଯଦି ସତରେ ବଞ୍ଚିଛ
ତେବେ ଥରେ ଆସ ଦେଖିବ
ସ୍ୱଚ୍ଛ ଦିବାଲୋକର ଆକାଶ ତଳେ
ତଥାକଥିତ ଶିକ୍ଷିତଙ୍କ ବସ୍ତିରେ
ଓଡ଼ିଆ ଭାଷାର ଶ୍ୱାସରୁଦ୍ଧ ଛଟପଟ ଆତ୍ମା
କେମିତି ଆଜି ପାଣି ଟୋପାଏ ମାଗୁଛି..!

ଦେଖ...ଦେଖିଯାଅ
ଭୂମି ପରେ କେମିତି ଲୋଟୁଛି
ଧୂଳିଧୂସର ରକ୍ତ ଜୁଡୁବୁଡୁ ଦେହ ତା'ର...
ଆସ ଥରୁଟିଏ ଦେଖିଯାଅ... !
ଅଥଚ ଆତତାୟୀ କିଏ ?
ଅର୍ଦ୍ଧମୃତ ଓଡ଼ିଆ ଭାଷା
ତଳେ ପଡ଼ି କ୍ଷୀଣ ସ୍ୱରରେ କହୁଥିଲା
ମୋତେ ନ୍ୟାୟ ଦିଅ...ମୋତେ ନ୍ୟାୟ ଦିଅ !

ଭିଡ଼ ଭିତରେ
ବଢ଼ି ଚାଲିଥିଲା ସଂଖ୍ୟାରେ
କ୍ରମଶଃ କାନ୍ତିଲାଲର ଚରିତ୍ର.. !

ଦଳଟିଏ ବିଦ୍ରୁପ କରି କହୁଥିଲେ...
'ଓଡ଼ିଆ ଏକ୍ ଟା ସ୍ୱତନ୍ତ୍ର ଭାଷା ନୋୟ..!'
ଅଛୁଆଁ ଏଇ ଓଡ଼ିଆ ଭାଷା,, ତାକୁ ଲିଭାଇ ଦିଅ !
ତାକୁ ପୁଣି କି ନ୍ୟାୟ ଦରକାର !

ମୁହଁରେ ତୁଣ୍ଡି ମାରି ଦେଖୁଥିଲେ
ଭାଷା ପ୍ରଚାର ସମିତିର ନାମଧାରୀ ମିଛ ପୁରୋଧାଗଣ,
ପୁରସ୍କାର ନାମରେ କିଣି ଆଣିଥିବା ମାନପତ୍ରର ଚେକ୍ ଧାରୀ, ଅନ୍ଧାରରେ ନିଜ ଭାଷାକୁ ବିକିଦେଇ, ସକାଳେ ନିଜକୁ
ସାହିତ୍ୟର ନିସ୍ୱ ପ୍ରଚାରକ ବୋଲାଉଥିବା କିଛି ପ୍ରତାରକ,
କୋର୍ଟ ପ୍ୟାଣ୍ଟ ପରିହିତ ଦଳେ ସାହିତ୍ୟ ପ୍ରକାଶକ,
ଏବଂ ଅନ୍ତରାଳରେ ଏ ସବୁ ଦେଖି ହସିହସି ଗଡି ଯାଉଥିବା
ଖୋଦ୍ ରାଜା ଓ ତାଙ୍କ ଆନୁଗତ୍ୟର ପାରିଷଦ ବର୍ଗ !

ଶାଗୁଣା, ବିଲୁଆ ମଢ଼ ଖାଇବାରେ ଲାଳାୟିତ
ସେମାନଙ୍କ ଆଖିରେ କାହୁଁ ଆସିବ ଆବେଗ ?

ସମସ୍ତେ ଚୁପ୍ ଚାପ୍ !
ଆଶ୍ରାହୀନ ଓଡ଼ିଆ ଭାଷା ଭରସା ଟିକେ ନ'ପାଇ
ବେଶ୍ କରୁଣ ଦିଶୁଥିଲା !

ଭିଡ଼ ଭିତରୁ ଏତିକିବେଳେ ବାହାରି ଆସୁଥିଲେ
ଜଣେ ଜୀର୍ଣ୍ଣଶୀର୍ଣ୍ଣ ଶରୀର ଧାରୀ ଈଶ୍ୱର !

ସେ ଈଶ୍ୱର କହିଉଠିଲେ...--'ବନ୍ଦେ ଉତ୍କଳ ଜନନୀ...'
ନା ସେ କହୁନ'ଥିଲେ ବରଂ ସେ ଗର୍ଜୁଥିଲେ ...
ଯେମିତି ସେ ପଞ୍ଚଜନ୍ୟ ଶଙ୍ଖ ଫୁଙ୍କି
ଭାଷା ଯୁଧର ଆହ୍ୱାନ ଦେଉଥିଲେ..!
ଓଃ... ସେ ସ୍ୱର କି ତୀବ୍ର, ବଜ୍ର ଓ ଗମ୍ଭୀର
ଯେଉଁ ସ୍ୱରରେ ଛତ୍ରଭଙ୍ଗ ଦେଉଥିଲେ
ଧୁର୍ତ୍ତ ଶାଗୁଣା ଓ ବିଲୁଆଙ୍କ ଦଳବଳ ।

ଯେମିତି ଈଶ୍ୱରଙ୍କୁ ଚିହ୍ନି ପକଉଥିଲା
ପାଖରେ ଉତ୍କଳ ଜନନୀର ପତାକା ଘୋଡ଼ି
ଥର ଥର କମ୍ପୁଥିବା ପାଗଳଟିଏ,,
ପ୍ରଥମ କରି ଅପୂର୍ବ ଚମକ ଆଜି ଖେଳୁଥିଲା
ପାଗଳଟିର ଆଖିରେ...।

ସେ ସବୁ ଶକ୍ତି ସଞ୍ଚୟ କରି ଚିତ୍କାର
କରି କହିଉଠୁଥିଲା...
'ଫକୀରମୋହନ ଆସିଗଲେ...' !
'ଫକୀରମୋହନ ଆସିଗଲେ...' !

ସେଇ ଜୀର୍ଣ୍ଣଶୀର୍ଣ୍ଣ ଈଶ୍ୱରଙ୍କ କୋଳରେ
ବେଶ୍ ଶାନ୍ତି ଓ ଅଭୟରେ ନିଶ୍ୱାସ ମାରୁଥିଲା
ମୋ ମାଆ ଓଠର' 'ପ୍ରଥମ ଓ ଶେଷ ଭାଷା'।

ପଥଧାରରେ ଶୋଇଥିବା ଅଜ୍ଞାତ ଚରିତ୍ର ସବୁ
ଅଣ୍ଟା ସଳଖି ଛିଡ଼ା ହେଉଥିଲେ...
ଧୀରେ ଧୀରେ ବଦଳି ଯାଉଥିଲା
ସେମାନଙ୍କ ଚେହେରା
ସେମାନେ ଏଥର ଦିଶୁଥିଲେ ଜଣେ ଜଣେ...

ରାଧାନାଥ,-- ମଧୁ ସୂଦନ,--ଗୌରୀଶଙ୍କର
ଓ ସେମାନଙ୍କ ଭଳି ଅନ୍ୟ ମାନେ...

ସକାଳକୁ ସମ୍ବାଦପତ୍ରର ମୁଖ୍ୟ ପୃଷ୍ଠାରେ ଚିତ୍ରିତ
ହୋଇଥିଲା
'ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା'..ର ପ୍ରମାଣପତ୍ର।
ମୋ ଆଖିରେ ଉତୁରୁଥିଲା
ସେଇ ଈଶ୍ୱରମାନଙ୍କ ଆଖିର ଅବଶିଷ୍ଟ ଲୁହ..!
ପଢୁପଢୁ ସେ ଲୁହରେ ଭିଜି ଯାଉଥିଲା
ସମ୍ବାଦପତ୍ରର ମୁଖ୍ୟ ପୃଷ୍ଠା,
ପାଖ ପଡ଼ୋଶୀ ଘରେ ନୂଆ ବିଦ୍ୟାର୍ଥୀଟିଏ
ଖଣ୍ଡି ଖଣ୍ଡି ଗଳାରେ ଘୋଷୁଥିଲା...
'ଅରଣା ମଇଁଷି ରହିଛି ଅନାଇ
ମଇଁଷିର ପାଖ ନ' ଯାଅ ଦନାଇ ।'...

# ନିଆରା ସଂସ୍କୃତି ଓ ମକର ପର୍ବ



**ଧ୍ରୁବ ଚରଣ ବେହେରା**

ସଂସ୍କୃତି ଓ ପରମ୍ପରାରେ ପରି ପୂର୍ଣ୍ଣ ପବିତ୍ର ଦେବ ଭୂମି ଭାରତ ବର୍ଷ ତା'ର ମହନୀୟତା ଗୁଣ ପାଇଁ ସାରା ବିଶ୍ୱରେ ଯୁଗେ ଯୁଗେ ପରିଚିତ । ଅତି ପୁରାତନ ସବୁ ଧର୍ମ ମାନଙ୍କ ଗୁରୁ କୁହା ଯାଉଥିବା ସନାତନ ଧର୍ମ ଓ ମହାନ୍ ସଂସ୍କୃତି, ଜଗନ୍ନାଥ ସଂସ୍କୃତି ମଣିଷ ଜୀବନକୁ ଏକ ଧର୍ମ ଓ ନ୍ୟାୟ ପରାୟଣ କରି ମଣିଷକୁ କୁପଥରୁ ସୁ ପଥକୁ ଟାଣି ଆଣି ଏକ ନୈତିକ ଜୀବନ ଜିଇଁ ବାର କଳା ଶିଖାଏ । ପର୍ବ ପର୍ବାଣୀ ମଣିଷ ମନରେ ବା ସମାଜରେ ଭକ୍ତି ଭାବ ସୃଷ୍ଟି କରି ପରସ୍ପର ମଧ୍ୟରେ ସମାଜରେ ଭାଇଚାରାରେ ବଞ୍ଚିବାକୁ ଦିଗ୍ ଦର୍ଶନ ଦେଇଥାଏ । ଭାରତରେ ବିଭିନ୍ନ ଜାତି ଧର୍ମ ଓ ବର୍ଣ୍ଣର ଲୋକମାନେ ବସ ବାସ କରନ୍ତି । ତେଣୁ ଆମ ଦେଶ ଭାରତ ବିଭିନ୍ନତା ମଧ୍ୟରେ ଏକତାକୁ ଏକ ସୁନ୍ଦର ଦୃଷ୍ଟି କୋଣରେ ଦେଖେ । ଏକ ସର୍ବ ବୃହତ୍ ଗଣତନ୍ତ୍ରକୁ ସୁଚାରୁ ରୂପେ ଚଳାଇ ଆସୁଛି ଏହି ମହାନ୍ ଦେବ ଭୂମି । ଯାହାର ଶାନ୍ତି ମୈତ୍ରୀ ଧ୍ୱଜା ସଦା ସର୍ବଦା ଫର ଫର ହୋଇ ଉଡୁଛି । ପ୍ରକୃତିର ଋତୁ ପରିବର୍ତ୍ତନ ସହିତ ମଣିଷ ସମାଜରେ ଏହି ଭାରତ ଭୂମିରେ ବିଭିନ୍ନ ଋତୁରେ ବିଭିନ୍ନ ପର୍ବ ପର୍ବାଣୀ ପଡେ । ସେଥି ମଧ୍ୟରୁ ମକର ପର୍ବ ଅନ୍ୟତମ । ପ୍ରାକୃତିକ ଦୃଷ୍ଟି କୋଣରୁ ଦେଖିବାକୁ ଗଲେ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସକାଳ ଶକ୍ତିର ଆଧାର ସୂର୍ଯ୍ୟ ଦେବ ବର୍ଷରେ ଦୁଇଥର ନିଜର ଗତି ପରିବର୍ତ୍ତନ କରିଥାନ୍ତି । ଏହା ପ୍ରତି ଛଅ ମାସରେ ଥରେ ସଂଗଠିତ ହୋଇଥାଏ । ସୂର୍ଯ୍ୟ ଦକ୍ଷିଣାୟନ ଓ ଉତ୍ତରାୟଣ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଉତ୍ତରାୟଣ ଗତି ସେତେବେଳେ ହୋଇଥାଏ ସେତେବେଳେ ପୃଥିବୀ ପୃଷ୍ଠରେ ପୌଷମାସ ଅନ୍ତରେ ପୃଥିବୀ ଧନୁ ରାଶି ଛାଡି ମାଘ ମାସରେ ମକର ରାଶିରେ ପ୍ରବେଶ କରିଥାନ୍ତି । ପ୍ରତ୍ୟେକ ବର୍ଷ ଜାନୁଆରି ମାସର ୧୪ ତାରିଖକୁ ମକର ପର୍ବ ଭାବେ ପାଳନ କରାଯାଏ । ମାଘ ମାସର ପ୍ରତିପଦା ଠାରୁ ସୂର୍ଯ୍ୟ ଉତ୍ତରାୟଣରେ ଅବସାନ କରନ୍ତି । ତେଣୁ ପୃଥିବୀ ପୃଷ୍ଠରେ ଧୀରେ ଧୀରେ ଶୀତର ପ୍ରକୋପ ସରି ସରି ଆସିଥାଏ ଓ ତାପମାତ୍ର ଭୂପୃଷ୍ଠରେ ଧୀରେ ଧୀରେ ବଢିବାକୁ ଆରମ୍ଭ କରିଥାଏ । ଏହି ସମୟରେ ପ୍ରକୃତି କୋଳ ଅତି ଆନନ୍ଦ ଓ ଉତ୍ସବ ମୁଖର ହୋଇ ଉଠେ । ବସନ୍ତର ଧୀର ଆଗମନ, ପ୍ରକୃତି କୋଳରେ ସୁନ୍ଦର କାକଳୀ ସଂଗୀତ ସାଙ୍ଗକୁ ଆମ୍ବ ବଉଳର ମହ ମହ ବାସ୍ନା ପ୍ରତ୍ୟେକ ପ୍ରାଣୀ ମନରେ ଖୁସି ସଂଞ୍ଚାର କରିଥାଏ । ନିର୍ମଳ ଆକାଶ ଓ କଅଁଳିଆ ଖରା ର ଉଷ୍ମତା ନିଆରା ପରିବେଶ ଭିତରେ ମକର ପର୍ବ ଅତି ଆନନ୍ଦ ଉଲ୍ଲାସର ସହ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଆବାଳ ବୃଦ୍ଧ ବନିତା ପର୍ଯ୍ୟନ୍ତ ଏହି ପର୍ବକୁ ମାନିଥାନ୍ତି । ମକର ପର୍ବକୁ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ନାମରେ ମାନନ୍ତି । ଗୁଜୁରାତିମାନେ ଏହି ପର୍ବକୁ ଉତାରାୟଣ ପର୍ବ ଭାବେ ପାଳନ କରୁଥିବା ବେଳେ ରାଜସ୍ଥାନ , ବିହାର ଓ ଝାରଖଣ୍ଡ୍ ରେ ସକରାତ୍ ନାମରେ ପାଳନ କରନ୍ତି । ତାମିଲନାଡୁରେ ମକର ସଂକ୍ରାନ୍ତି କୁ ପୋଙ୍ଗଲ ପର୍ବ



ଭାବେ ପାଳନ କରୁଥିଲା ବେଳେ ଉତ୍ତରପ୍ରଦେଶରେ ଖେଚୁଡି ପର୍ବ ଭାବେ ପାଳନ କରନ୍ତି । ଏହା ପଛରେ କିଛି ଧାର୍ମିକ ଭାବନା ବି ରହିଛି ପୁରାଣରେ ବର୍ଣ୍ଣିତ ଅଛି ଯେ ସ୍ୱୟଂ ଭଗବାନ ବିଷ୍ଣୁ ସବୁ ଅସୁର ବା ଦାନବ ମାନଙ୍କୁ ନିପାତ କରି ସେମାନଙ୍କ ଶିରକୁ ମନ୍ଦାର ପର୍ବତ ଉପରେ ପୋତି ଦେଇ ପୃଥିବୀ ପୃଷ୍ଠରେ ଯୁଦ୍ଧର ସମାପନ ଘୋଷଣା କରିଥିଲେ । ଏହାର ମୁଖ୍ୟ ସାରାଂଶ ଏହା ଯେ ସମସ୍ତ ନାକାରାତ୍ମକ ଭାବନାର ଅନ୍ତ କରି ସାକାରତ୍ମକ ଭାବନାକୁ ମଣିଷ ମନରେ ସୃଷ୍ଟି କରିବା ପାଇଁ ସାରା ଭାରତ ବର୍ଷରେ ଯେଉଁ ପର୍ବ ପାଳନ କରାଯାଏ ତାହାର ନାମ ମକର ପର୍ବ । ମକର ସଂକ୍ରାନ୍ତି ଦିନ ପିତାମହ ଭିଷ୍ମ ଙ୍କର ମଧ୍ୟ ଇଚ୍ଛାମୃତ୍ୟୁ ହୋଇଥିଲା । ପିତାମହ ଭୀଷ୍ମ ନିଜର ମଥା ପ୍ରଭୁ କେଶବଙ୍କ ପାଦ ତଳେ ଅର୍ପଣ କରି ଦେଇଥିଲେ । ମକର ସଂକ୍ରାନ୍ତି ଦିନ ହିଁ ଭଗୀରଥ ନିଜ ତପସ୍ୟା ବଳରେ ସ୍ୱୟଂ ଭାଗବାନ ଶିବଙ୍କ ଜଟାରୁ ନିଜ ସାଥିରେ ଗଙ୍ଗା, ଜାହ୍ନବୀ ବା ପୁଣ୍ୟୋତୟାଙ୍କୁ ଗଙ୍ଗୋତ୍ରୀ ରୁ ଆଣି ଗଙ୍ଗା ସାଗର ରେ ମିଶାଇ ଥିଲେ । ତେଣୁ ଭାରତୀୟ ଓ ଆର୍ଯ୍ୟ ପରମ୍ପରା ଅନୁସାରେ ଆର୍ଯ୍ୟ ନାରୀଗଣ ମକର ସଂକ୍ରାନ୍ତି ଦିନ ଗଙ୍ଗା ସାଗର ରେ ନିଜର କେଶ ପ୍ରଖ୍ୟାଳନ ବା ବୁଡ ପକାଇଥାନ୍ତି । ଏହି ବୁଡ ଦ୍ୱାରା ସେମାନଙ୍କର ପତି ପରମେଶ୍ୱରଙ୍କର ଆୟୁଷ ବୃଦ୍ଧି ହେବା ସହିତ ନୀରୋଗ ପରିବାର ଜୀବନ ଯାପନ କରିବାର ପ୍ରଥା ରହି ଆସିଛି । ଉତ୍କଳ ସଂସ୍କୃତି ରେ ଜଗନ୍ନାଥ ସଂସ୍କୃତି ମହାନ୍ ଭୂମିକା ଗ୍ରହଣ କରେ । ମହାପ୍ରଭୁ କୋଟି କୈବଲ୍ୟ ନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ବଡ ଦେଉଳରୁ ପୌଷ ମାସରେ ମାଆ ମହାଲକ୍ଷ୍ମୀ ନିଜ ବାପ ଘର ବରୁଣ ପୁରୁକୁ ଗମନ କରିଥାନ୍ତି ।ସେଥି ପାଇଁ ବିବାହିତ ନାରୀ ମାନେ ପୌଷ ମାସରେ ବାପ ଘରକୁ ଯିବାର ପ୍ରଥା ପ୍ରଚଳିତ ଅଛି । ବାପା ଘରକୁ ଗଲାବେଳେ ଧନୁ ମୁଆଁ ନେଇ ସାଥିରେ ଯାଇଥାନ୍ତି । ପୌଷ ମାସରେ କୌଣସି ବିବାହ ବ୍ରତ ଉତ୍ସବ ପାଳନ କରାଯାଇ ନଥାଏ । ଆଉ ମାଘ ମାସ ପଶନ୍ତିରେ ବା ପ୍ରତିପଦାରେ ବାପ ଘରୁ ମହାଲକ୍ଷ୍ମୀ ବଡ ଦେଉଳକୁ ଫେରିଥାନ୍ତି । ଆସିଲା ବେଳେ ଜଗନ୍ନାଥଙ୍କ ପାଇଁ ମକର ଚାଉଳ ନେଇକି ଆସିଥାନ୍ତି ଯାହାକି ଭଲ ଭାବରେ ତାକୁ ଚୂନା କରାଯାଇ ଘିଅ, ସର, କ୍ଷୀର , ମହୁ , ଗୁଡ , ଆଖୁ , ଡାଳିମ୍ବ ଦାନା, ଅଦା, ଛେନା ଓ ଅନେକ ସୁସ୍ୱାଦୁ ଫଳ ଇତ୍ୟାଦି ପକାଇ ବନା ଯାଇଥାଏ । ଓଡିଶାର ପ୍ରତ୍ୟେକ ଘରେ ଘରେ ଏହି ଭୋଗ ଜଗନ୍ନାଥଙ୍କ ପୂଜା ଉଦ୍ଦେଶ୍ୟ ରେ ମକର ପର୍ବ ଦିନ ଲାଗି କରା ଯାଇଥାଏ । ତେଣୁ ମକର ପର୍ବ ଭାରତର ପ୍ରତ୍ୟେକ ପ୍ରାନ୍ତରେ ମହା ସମାରୋହ ରେ ପାଳନ କରାଯାଇଥାଏ । ଏହି ମକର ପର୍ବ କୁ ଦାକ୍ଷିଣାତ୍ୟର ଲୋକମାନେ ବଡ ଦିନ ଭାବେ ପାଳନ କରିଥାନ୍ତି । ଜଳ ଓ ଅଗ୍ନିର ସମନ୍ୱୟ ଏହି ପର୍ବରେ ଦେଖିବାକୁ ମିଳେ । ଦକ୍ଷିଣ ଭାରତରେ ଲୋକମାନେ ଏହି ପୋଙ୍ଗଲ ଉତ୍ସବ ପୂର୍ବରୁ ନଦୀ ଜଳକୁ ଅଗ୍ନିରେ ଗରମ କରି(ଅଳ୍ପ ଉଷୁମ) ସେଥିରେ ସ୍ନାନ କରି ସାରିବା ପରେ ନୂତନ ବସ୍ତ୍ର ପରିଧାନ କରି ପୂଜା ବିଧି ଅନୁସରଣ କରି ଦୀର୍ଘ ତିନି ଦିନ ପର୍ଯ୍ୟନ୍ତ ମହା ସମାରୋହ ରେ ପାଳନ କରନ୍ତି । ସେ ଯାହା ହେଉ କହିବାକୁ ଗଲେ ଭାରତୀୟ ସଂସ୍କୃତିରେ ମକର ପର୍ବ ନିଆରା ଭାବେ ପ୍ରତି ପୁର ପଲ୍ଲୀରେ ମହା ଆଡମ୍ବର ରେ ପାଳନ କରା ଯାଇଥାଏ ପଞ୍ଜାବରେ ଲୋହଡି ଭାବେ ଏହି ପର୍ବକୁ ପାଳନ କରିଥାନ୍ତି ଓ ଗୁଡି ଉଡାଇ ଥାନ୍ତି ତେଣୁ ଏହାକୁ ଗୁଡି ଉଡା ପର୍ବ ମଧ୍ୟ କୁହା ଯାଇଥାଏ। ଆସାମର ପ୍ରଥମ ବିହୁ ମଧ୍ୟ ଏହି ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଯାଏ । ମହାନ୍ ଦିନ ଭାବେ ମକର ପର୍ବ ଆମ ଭାରତୀୟ ସଂସ୍କୃତିରେ ବେଶ୍ ସୁନ୍ଦର ଓ ଭାଇଚାରାର ସଭ୍ୟତାକୁ ଏକାଠି କରିବାରେ ସହାୟକ ହୋଇ ପାରିଛି । ଓଡିଶାର ପ୍ରତ୍ୟେକ ପୁର ପଲ୍ଲୀ ଏହି ପର୍ବ ଉତ୍ସବ ମୁଖର ହୋଇଉଠେ ।ନାରୀ ପୁରୁଷ ଓ କୁଆଁରୀ ମାନେ ନବ ବସ୍ତ୍ର ପରିଧାନ କରି ପରସ୍ପର ମଧ୍ୟରେ ମକର ଚାଉଳ ବାଣ୍ଟି ନିଜକୁ ସ୍ନେହ ସଂପର୍କର ଡୋରି ରେ ବାନ୍ଧି ଦେଇଥାନ୍ତି । ଅନେକ ଦେବାଳୟରେ ମହା ଆଡମ୍ବର ପୂର୍ଣ୍ଣ ମକର ଯାତ୍ରା ପାଳନ କରା ଯାଇଥାଏ । ସେଥି ମଧ୍ୟରେ ମାଆ କାଳିଜାଇଙ୍କ ପୀଠ ଅନ୍ୟତମ । ଦୂର ଦୂରାନ୍ତରୁ ଅନେକ ଭକ୍ତ ମାନଙ୍କର ସମାଗମ ଏଠି ହୋଇଥାଏ । ମକର ସଂକ୍ରାନ୍ତିର ପୁଣ୍ୟ ଅବସର ରେ ମାଆ କାଳିଜାଇ ପୀଠ କୋଳାହଳ ସହିତ ପୂଜାର୍ଚ୍ଚନାରେ ଝଲସି ଉଠେ । ମରାଳମାଳିନୀ ଚିଲିକା ରାଣୀର କାଳିଜାଇ ପୀଠ ଦେଖିବାକୁ ସେଦିନ ଲାଗେ ସତେ ଯେମିତି ଇନ୍ଦ୍ରମହଲର ଭବ୍ୟତା ସହିତ କୈଳାଶ ନଗରୀ ପରି । ସବୁଜ ବନାନୀ ସହିତ ଚିଲିକା ରାଣୀ ନୀଳ ଜଳରାଶି ମାଆ କାଳିଜାଇ ପୀଠର ପାଦ ପଖାଳି ଦେଉଥାଏ । ଶାନ୍ତ, ରମ୍ୟ ପରିବେଶ ସାଙ୍ଗକୁ ସମୀର ର ଶୀତଳ ଛୁଆଁ ସହିତ ବିହଙ୍ଗ କାକଳୀଙ୍କ କୋଳାହଳ ଭିତରେ ମକର ପର୍ବ 'ମା' କାଳିଜାଇଙ୍କ ପୀଠ ଲାଗେ ଯେମିତି ପୂଜା ନୈବେଦ୍ୟର ମହାତୀର୍ଥ ଟିଏ । ଯାତ୍ରୀ ସମାଗମ ଭିତରେ ମକର ମେଳା ଭାଇଚାରା ପ୍ରତିଷ୍ଠା କରିବା ସହିତ, ସମସ୍ତଙ୍କୁ ଏକାଠି କରି ଏକତାର ରଜ୍ଜୁରେ ସ୍ନେହ, ଓ ପ୍ରେମର ପୂଜା ନୈବେଦ୍ୟ ବାଣ୍ଟି ଦେବା ହେଉଛି ଏମିତି ଏକ ପର୍ବ ଯାହା ବିଭିନ୍ନତା ମଧ୍ୟରେ ଏକାତକୁ ସ୍ୱାଗତ କରିବାର ଉଦାହରଣ ଓ ମାଇଲ ଖୁଣ୍ଟ । କହିବାକୁ ଗଲେ ସନାତନ ସଂସ୍କୃତି ଥିବା ପର୍ବ ପର୍ବଣୀ ମାନଙ୍କ ମଧ୍ୟରୁ ମକର ମେଳା ଏକ ନିଆରା ପରବ । ସମସ୍ତ ଭାରତବାସୀଙ୍କୁ ହୃଦୟରୁ ବହୁତ ବହୁତ ଶୁଭେଚ୍ଛା ଓ ଅଭିନନ୍ଦନ କରୁଛି ଏହି ପବିତ୍ର ପାବନ ପର୍ବରେ । ପ୍ରଭୁ ଜଗତର ନାଥ ଜଗନ୍ନାଥ କୋଟି କୈବ୍ୟଲ୍ୟ ନିଧି ଆପଣଙ୍କ ଜୀବନକୁ ସ୍ନେହ ପ୍ରେମ ଖୁସିରେ ଭରି ଦିଅନ୍ତୁ ହୃଦୟରୁ ଏହି ପ୍ରାର୍ଥନା କରୁଛି।

ଭାରତୀୟ ସାମରିକ ସେବା ।
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ:୮୩୨୮୯୩୦୫୫୪

# ମକର ସଂକ୍ରାନ୍ତି ଓ ଗୁଡ଼ି ଉଡ଼ାଇବା ନେଇ ସାତର୍କତା



**ପ୍ରଦେଶ ପ୍ରତ୍ୟୁଷ**

ଯେତେବେଳେ ପ୍ରତିଯୋଗିତାମୂଳକ ହୋଇଯାଇଛି, ସେତେବେଳେ ଏହାର ନୀତି ନିୟମ ପ୍ରସ୍ତୁତି ପ୍ରଣାଳୀ ଓ ପ୍ରକ୍ରିୟାରେ ପରିବର୍ତ୍ତନ ହୋଇ ଯାଉଛି। ଜଣେ ଜଣଙ୍କର ସୂତାକୁ କାଟିବାକୁ ଗୁଡ଼ି ସୂତାକୁ ଧାରୁଆ କରାଯାଇଛି।

କାହା ଗୁଡ଼ି କେତେ ଉଚ୍ଚକୁ ଯିବ ତାହାକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ଚାଲୁଅଛି। ଗୁଡ଼ି



ଦେଶରେ ପାଳିତ ପ୍ରାଚୀନ ପରମ୍ପରା ଗୁଡିକ ମଧ୍ୟରୁ ମକର ସଂକ୍ରାନ୍ତି ଅନ୍ୟତମ। ଚଳିତ ବର୍ଷ ଜାନୁୟାରୀ ୧୪ତାରିଖରେ ମକର ପର୍ବ ପାଳନ ହେବ। ଏହି ଅବସରରେ ଗୁଡ଼ି ଉଡାଇବାର ଏକ ପରମ୍ପରା ରହିଛି । ମାତ୍ର ଏବେ ଏହି ଗୁଡ଼ି ଉଡାଇବା ଜନସାଧାରଣଙ୍କ ପାଇଁ ବିପଦର କାରଣ ସାଜିଛି। ବହୁ ସଚେତନ ନାଗରିକ ତଥା ବୁଦ୍ଧିଜୀବୀ ଗୁଡ଼ି ଉଡାଇବା ଉପରେ କଟକଣା ଲଗାଇବା ପାଇଁ ଦାବି କରୁଛନ୍ତି।

ପ୍ରତିବର୍ଷ ଗୁଡ଼ି ଉଡ଼ାଇବା ଦ୍ୱାରା ଏହା ମାଞ୍ଜା ସୂତା ବେକରେ ଲାଗି ଏକାଧିକ ବାଇକ ଆରୋହୀ, ସାଇକେଲ ଆରୋହୀଙ୍କ ସମେତ ପଶୁ ପକ୍ଷୀଙ୍କ ପ୍ରାଣହାନି ଭଳି ଦୁର୍ଘଟଣା ଘଟୁଛି । ଏତେ ଅଘଟଣ ପରେ ମଧ୍ୟ ପ୍ରଶାସନ କିମ୍ବା ଲୋକେ ଚେତୁ ନଥିବା ଯୋଗୁଁ ଏଥିରେ କଟକଣା ଲଗାଇବା ପାଇଁ ହାଇକୋର୍ଟରେ ଏକ ମାମଲା କରାଯାଇଛି ।

ମାଞ୍ଜାସୂତାରେ ଗୁଡ଼ି ଉଡାଇବା ଦ୍ୱାରା ଅନେକ ଜୀବନହାନି ହେଉଛି । ଏ ନେଇ ସରକାର ଓ ପ୍ରଶାସନ କଟକଣା ଲଗାଇବା ଉଚିତ।

ପରମ୍ପରା ଅନୁଯାୟୀ ଗୁଡ଼ି ଉଡାଇବାରେ କୌଣସି ଅସୁବିଧା ନାହିଁ। ହେଲେ ଏହା ଉଡ଼ାଇବାବେଳେ ଅନ୍ୟ ଜଣଙ୍କର ଗୁଡ଼ିକୁ ଯଦି କାଟି ଦିଆଯାଇପାରେ ତା'ହେଲେ ସିଏ ନେବ ଜିତାପଟ। ଏହି ପ୍ରତିଦ୍ୱନ୍ଦ୍ୱିତାରେ ମୁଖ୍ୟ କାର୍ଯଟଦାର ହେଲା ଗୁଡ଼ି ଉଡ଼ାରେ ବ୍ୟବହୃତ ମାଞ୍ଜାସୂତା। ପ୍ରତିବର୍ଷ ମାଞ୍ଜାସୂତା ଲାଗି ଲୋକଙ୍କ ବେକ ଓ ଅନ୍ୟାନ୍ୟ ଅଙ୍ଗ କଟି ଯାଉଥିବାବେଳେ ପ୍ରାଣହାନିର ଆଶଙ୍କା ରହୁଛି।

ନାଇଲନ ସୂତାକୁ ଘାତକ କରିବାକୁ ସୂତା ଉପରେ ଅଠା ସାହାଯ୍ୟରେ କାଚଗୁଣ୍ଡ ସହିତ ଧାତୁ ଗୁଣ୍ଡ ଓ ଧାର ଥିବା ସେହିଭଳି ଜିନିଷ ଲାଗୁଛି। ଫଳରେ ଏହି ସୂତା ଲାଗିବା କ୍ଷଣି ସାଧାରଣ ସୂତାରେ ଉଡୁଥିବା ଗୁଡ଼ି ସହଜରେ କଟିଯାଏ। ତେଣୁ କିଛି ଗୁଡ଼ି ଉଡ଼ାଳି ମାଞ୍ଜାସୂତା ବ୍ୟବହାର କରନ୍ତି। କିନ୍ତୁ ଗୁଡ଼ି ଉଡ଼ାଇବାରେ ବ୍ୟବହାର କରାଯାଉଥିବା ଏହି ସୂତା ବିଭିନ୍ନ କାରଣରୁ କଟିଯାଇ ଏଣେତେଣେ ପଡୁଛି। ସେଥିରେ ଛନ୍ଦିହୋଇ ସାଧାରଣ ଲୋକ କେବଳ ଖଣ୍ଡିଆ ଖାବରା ହେଉନାହାନ୍ତି, ବେଳେବେଳେ ଲୋକଙ୍କ ଜୀବନ ମଧ୍ୟ ଯିବାର ପରିସ୍ଥିତି ଉପୁଜୁଛି। ଏହି ମାରାତ୍ମକ ସୂତା ଲାଗି ଦିନକୁ ଦିନ ଆହତଙ୍କ ସଂଖ୍ୟା ବଢ଼ି ଚାଲିଛି। କିନ୍ତୁ ଏହି ସୂତା ଉପଧରେ କୌଣସି ପ୍ରତିବନ୍ଧକ ଲଗା ଯାଉନାହିଁ। ଏହାର ଆମଦାନି ଓ ବିକ୍ରି ବନ୍ଦ କରିବାଲାଗି ମଧ୍ୟ କୌଣସି କଡ଼ା ପଦକ୍ଷେପ ଗ୍ରହଣ କରା ଯାଉନାହିଁ।

ତେବେ ଆଗକୁ ଜାନୁଆରୀ ୧୪ ତାରିଖରେ ରାଜ୍ୟରେ ମକର ପର୍ବ ପାଳନ କରାଯିବ। କଟକ ସହରରେ କମିଶନରେଟ ପୋଲିସକୁ ଅଡୁଆ କଲାଣି ମାଞ୍ଜାସୂତା । କାରଣ କଟକରେ ମକରରେ ଗୁଡ଼ି ଉଡ଼ାଇବା ଏକ ପୁରୁଣା ପ୍ରଥା।

ପ୍ରତିବର୍ଷ ମାଞ୍ଜାସୂତା ଜନିତ ଅଘଟଣ ଘଟୁଥିଲେ ମଧ୍ୟ ଲୋକେ ସଚେତନ ହେଉନାହାନ୍ତି। ଫଳରେ ନିରୀହ ଲୋକଙ୍କ ଜୀବନ ସଙ୍କଟରେ ପଡୁଛି।ମାଞ୍ଜାସୂତା ଲାଗି ଲୋକଙ୍କ ଗଳା କଟି ଯାଇଥିବା ଓ ଦୁଇଜଣ ବାଇକ ଆରୋହୀ ଆହତ ହୋଇଥିବା ଖବର ମଧ୍ୟ ଆସିଥିଲା। ଏହାପରେ କମିଶନରେଟ ପୋଲିସ ପଦକ୍ଷେପ ନେବା ଆରମ୍ଭ କରିଛି। ମାଞ୍ଜାସୂତା ଗୋଦାମରେ ଚଢ଼ାଉ କରାଯିବା ସହ ଡାକବାଜି ଯନ୍ତ୍ରରେ ସତର୍କ କରାଯାଉଛି। ଚଢ଼ାଉ ସତ୍ତ୍ୱେ ମାଞ୍ଜାସୂତା ଜବତ କରାଯାଇପାରୁ ନାହିଁ। ବର୍ତ୍ତମାନ ଏଥିନେଇ ପୋଲିସକୁ ଅଧିକ ତତ୍ପରତା ଦେଖାଇବା ଉଚିତ। କାରଣ ଏଥିରେ ଟିକିଏ ବି ଅବହେଳା ପ୍ରଦର୍ଶନ ନୀରିହ ଜୀବନ ନେଇ ଯାଉଛି। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ପୋଲିସ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରୁଥିଲେ ମଧ୍ୟ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁ ନାହିଁ।

ପ୍ରଶାସନ ତରଫରୁ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଗୁଡ଼ି ନ ଉଡ଼ାଇବା ଓ ମାଞ୍ଜାସୂତା ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ଏପରିକି ନିୟମ ଖିଲାପକାରୀଙ୍କୁ ଗିରଫ କରାଯିବା ନେଇ ସର୍ବସାଧାରଣରେ ସ୍ୱର ଉଠୁଛି।

ବାସ୍ତବିକ୍ ଏକଥାକୁ ଆମେ ସମସ୍ତେ ଗୁରୁତର ସ୍ହ ନେଇ ବୁଝିବା ଉଚିତ୍। ଆମର ଟିକିଏ ଖୁସି ଅନ୍ୟ ପାଇଁ କାଳ ହେଉଛି। ଏଣୁ ଆମକୁ କିଏ କହୁ କି ନକହୁ, ଆମେ ଯଦି ସତର୍କ ହୋଇଯିବା , ତାହେଲେ ଆମେ ସୁରକ୍ଷିତ ରହିବା ସହ ଅନ୍ୟ ମାନେ ବି ସୁରକ୍ଷିତ ରହିବେ।

କୁରୁମଟାଙ୍ଗର,ମହୁଲପଡ଼ା,
ଢେଙ୍କାନାଳ
ମୋବାଇଲ:୭୦୦୮୪୩୧୨୫୭

# ମକର ସଂକ୍ରାନ୍ତିର ପୌରାଣିକ ମହତ୍ୱ



**ଡ଼ଃ. ତପନ କୁମାର ପାଳ**





ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ସୂର୍ଯ୍ୟ ନାରାୟଣଙ୍କ ସ୍ତୁତି କରି ଅନ୍ଧକାରରୁ ଆଲୋକ ଆଡ଼କୁ ଯିବା ଲାଗି ଏହି ପର୍ବ ପ୍ରେରଣା ପ୍ରଦାନ କରିଥାଏ। ଏହି ପର୍ବ ଜୀବନରେ ଶୁଷ୍କତାକୁ ସମାପ୍ତ କରି ନୂତନ ଶକ୍ତି ଭରିଥାଏ। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବାକୁ ମକର ସଂକ୍ରାନ୍ତି କୁହାଯାଏ। ଭାରତ ଭୂଖଣ୍ଡ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ। ମକର ସଂକ୍ରାନ୍ତି ପୂର୍ବରୁ ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧରେ ଥାଆନ୍ତି। ମକର ସଂକ୍ରାନ୍ତି ପର ଠାରୁ ସେ ଉତ୍ତର ଗୋଲାର୍ଦ୍ଧକୁ ପ୍ରବେଶ କରିଥାନ୍ତି। ଏହାର ଅର୍ଥ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧରେ ଥାଆନ୍ତି। ସୂର୍ଯ୍ୟ ନିକଟକୁ ଆସୁଥିବାର ମକର ସଂକ୍ରାନ୍ତିରେ ତାଙ୍କର ପୂଜା କରାଯାଇଥାଏ। ମକର ସଂକ୍ରାନ୍ତିର ଅନେକ ପୌରାଣିକ ମହତ୍ୱ ରହିଛି। ସୂର୍ଯ୍ୟଙ୍କ ଉତ୍ତରାୟଣ ଠାରୁ ସମସ୍ତ ଧାର୍ମିକ କାର୍ଯ୍ୟ ଆରମ୍ଭ ହୋଇଥାଏ। ମହାଭାରତ ଯୁଦ୍ଧ ସମୟରେ ଶର ଶଯ୍ୟାରେ ଶୋଇଥିବା ପିତାମହ ଭୀଷ୍ମ ସୂର୍ଯ୍ୟଙ୍କ ଉତ୍ତରାୟଣ ହେବାକୁ ଅପେକ୍ଷା କରିଥିଲେ। ସୂର୍ଯ୍ୟ ଉତ୍ତରାୟଣ ହେବା ମାତ୍ରେ ସେ ପ୍ରାଣ ତ୍ୟାଗ କରିଥିଲେ। ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଦିନ ଭଗବାନ ସୂର୍ଯ୍ୟ ନିଜ ପୁତ୍ର ଶନିକୁ ଦେଖା କରିବା ଲାଗି ତାଙ୍କ ଘରକୁ ଯାଇଥିଲେ। ଶନିଦେବ ମକର ରାଶିର ସ୍ୱାମୀ ହୋଇଥିବାରୁ ଏହି ଦିବସର ନାମ ମକର ସଂକ୍ରାନ୍ତି ହୋଇଥିଲା। ମକର ସଂକ୍ରାନ୍ତି ଦିନ ଦେବୀ ଗଙ୍ଗା ଭଗୀରଥଙ୍କ ପଛେ ପଛେ ଆସି କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚିଥିଲେ। ଏହାପରେ ଭଗୀରଥଙ୍କ ବଂଶର ଉଦ୍ଧାର ହୋଇଥିଲା। ଶେଷରେ ଦେବୀ ଗଙ୍ଗା ସାଗରରେ ମିଶିଥିଲେ। ସେଥିପାଇଁ ମକର ସଂକ୍ରାନ୍ତି ଦିନ ଗଙ୍ଗାସାଗର ସ୍ନାନର ବିଶେଷ ମହତ୍ତ୍ୱ ରହିଛି। ଭାରତର ଅଧିକାଂଶ ଅଞ୍ଚଳରେ ମକର ସଂକ୍ରାନ୍ତି ପାଳିତ ହୁଏ। ଏକଦା ପ୍ରାଚୀନ ରୋମାନ୍ ଓ ଇହୁଦିମାନେ ମଧ୍ୟ ଏହି ପର୍ବ ପାଳନ କରୁଥିବା ଜଣାଯାଏ। ଏହି ଦିନରୁ ମାଘ ମାସ ଆରମ୍ଭ ହୁଏ। ଦକ୍ଷିଣ ଭାରତରେ ଏହା ନବ ବର୍ଷର ପ୍ରଥମ ଦିନ। ଦକ୍ଷିଣ ଭାରତୀୟମାନେ ଏହାକୁ କହନ୍ତି ପୋଙ୍ଗଲ। ପୋଙ୍ଗଲରେ ଅଗ୍ନି ଉତ୍ସବ ପାଳନ ସହ ନବ ବସ୍ତ୍ର ପିନ୍ଧାଯାଏ ଏବଂ ପିତୃପୁରୁଷଙ୍କୁ ପିଣ୍ଡଦାନ କରାଯାଏ। ମକରରେ ଓଡ଼ିଆ ଘରମାନଙ୍କରେ ହୋମ ହୁଏ। ନୂଆ ଅରୁଆ ଚାଉଳ, ନୂଆ ଗୁଡ଼, ଛେନା, ନଡ଼ିଆ, କଦଳୀ, ଘିଅ, ଖିରି ଆଦି ମିଶାଇ ମକର ଚାଉଳ ପ୍ରସ୍ତୁତ କରାଯାଏ। ଏହି ଭୋଗ ଦେବତାଙ୍କୁ ଅର୍ପଣ କଲା ପରେ ସାହି ପଡ଼ିଶାରେ ବଣ୍ଟାଯାଏ। ଏହି ଦିନରେ ଗଙ୍ଗାସାଗର ମେଳା ଅନୁଷ୍ଠିତ ହୁଏ। ମକର ସଂକ୍ରାନ୍ତିରୁ ସୂର୍ଯ୍ୟଙ୍କ ଗତି ଉତ୍ତରାୟଣ ଓ ତେଜ ପ୍ରଖର ହୁଏ। ସୂର୍ଯ୍ୟ, ମକର ରାଶିରୁ ବିଷୁବ ରେଖା ଆଡ଼କୁ ଗମନ କରନ୍ତି। ଏହି ସମୟରେ ମୃତ୍ୟୁ ହେଲେ, ଦେବଲୋକ ପ୍ରାପ୍ତ ହେଉଥିବା ଏକ ହିନ୍ଦୁ ବିଶ୍ୱାସ। ପିତାମହ ଭୀଷ୍ମ ଇଚ୍ଛାମୃତ୍ୟୁ ବର ପାଇଥିଲେ। ସେ ଶରଶଯ୍ୟାରେ, ସୂର୍ଯ୍ୟଙ୍କ ଉତ୍ତରାୟଣକୁ ଅପେକ୍ଷା କରିଥିଲେ।

+ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ,
ଦେଉଳ ସାହି, ତୁଳସୀପୁର, କଟକ

## ଗୁଡ଼ି ଯାଏ ଉଡ଼ି ଉଡ଼ି

**ନଳିନୀ ଦାଶ**

ପୁରୁଣା କଥାକୁ ଭୁଲିଯାଇ ଆମେ
ସଭିଏଁ ଯିବାରେ ମିଶି
ମକର ପରବେ ଗୁଡ଼ି ଉଡେଇବା
ବାଣ୍ଟି ଦେବା ହସ ଖୁସି ।

ଧରଣୀ କୋଳରେ ରଙ୍ଗ ବେରଙ୍ଗର
ଫୁଲ ଫୁଟି ଛୁଟେ ବାସ
ଶୀତ ଋତୁଟିରେ ପୁଣ୍ୟ ପର୍ବନେଇ
ଆସିଛି ପଉଷ ମାସ ।

ମନୁ ହିଂସାଭାବ ଦୂରେଇବା ଆମେ
ଏକମନ ହୋଇ ଚଳି
ସଭିଏଁ ମିଶିଣ ଦୁଃଖ ବିପଦକୁ
ଆମେତ ଦେବାରେ ଟାଳି ।

ତିଆରିଛେ ଗୁଡ଼ି ନାଲି ନେଳି ଧଳା
କାଗଜରେ ଅଠା ଦେଇ
ନଟେଇରେ ସୂତା ଖୋଲିଲେ ଉଡ଼ିବ
ଗୁଡ଼ି ଗୀତ ଦେବା ଗାଇ ।

ଭୋକଦୁଃଖ ଭୁଲି ଟିକି ଚଢ଼େଇଟି
ଗାଉଛି ଗଛରେ ଗୀତ
ମକର ବସିବା ସବୁ ଦୁଃଖ ଭୁଲି
ସାଜିବା ସବୁରି ମିତ ।

ପବନରେ ଗୁଡ଼ି ଉଡ଼ି ଉଡ଼ି ଯିବ
ବିଲ ବନ ପଥ ଡେଇଁ
ଖୁସିର ବାରତା ବାଣ୍ଟି ଦେଇଯିବ
ଆକାଶକୁ ଯିବ ଛୁଇଁ ।

ମୁଆଁ ଓ ମକର ପୂଜା ହୋଇଥାଏ
ସବୁ ଦେବାଦେବୀ ପାଶେ
ଶ୍ରଦ୍ଧାର ସହିତ ମକର ଖାଆନ୍ତି
ସଭିଏଁ ମନ ହରଷେ ।

ଭାଇଚାରା ଭାବ ସବୁମନେ ଜାଗେ
ଏହି ମକର ପରବେ
ମକର ମେଳଣ କରି ବୁଡ଼ ଦେଇ
ପାଳନ୍ତି ସର୍ବେ ଗରବେ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯



# ହାତିଆଡିହା ଶିବମୁନି ଯୋଗାଶ୍ରମ ଆନୁକୂଲ୍ୟରେ ଅନ୍ନପ୍ରାଶନ୍ନ ସଂସ୍କାରର କାର୍ଯ୍ୟକ୍ରମ



ରୂପସା , ୧୩/୧ (ନି.ପ୍ର): ସାସାମିଲ ହସନପୁର ଗ୍ରାମସ୍ଥିତ ମୁନି ଜଗଦୀଶ ପରିଡାଙ୍କ ବାସଭବନରେ, ମୁନି ସମାଜର ଜ୍ୟୋତି, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତମୁନିଜୀଙ୍କ ଅଧକ୍ଷତାରେ, ମୁନି ଜଗଦୀଶ ପରିଡା - ମୁନିମତୀ ମୁଷମା ପରିଡାଙ୍କ ଜ୍ୟେଷ୍ଠ ସୁପୁତ୍ର ମୁନି ଉମାଶଙ୍କର ପରିଡା-ମୁନିମତୀ ବେବୀରାଣୀ ପରିଡାଙ୍କ ଏକମାତ୍ର ସୁକନ୍ୟା ବିଦ୍ୟାଂଶୀ ତନୟା ପରିଡାଙ୍କର ଅନ୍ନପ୍ରାଶନ୍ନ ସଂସ୍କାର କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି । ମଞ୍ଚାସୀନଥିଲେ, ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ଭୂୟାଁ, ବରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ମୁନି, କୋଷାଧକ୍ଷ ଯୋଗୀ ଭିକାରୀ ଚରଣ ମୁନି, ଯୋଗ ଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନାମିସ୍ତ୍ରୀ ମହୋଦୟା ପ୍ରମୁଖ । ସମୂହ ପ୍ରଣବ, ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ ବିଦ୍ୟାଶୀ ତନୟାଙ୍କୁ ଅମୃତ- ଅନ୍ନ ସେବନ କରାଯାଇଥିଲା । ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ଯେଉଁ ପରିବାରରେ ପ୍ରତିଦିନ ପ୍ରଣବ ଓଁ କାର ନାଦ ତରଙ୍ଗାୟିତ ହୋଇଥାଏ, ସେଠାରେ ସୁଖଶାନ୍ତି ଆନନ୍ଦ ସଦାସର୍ବଦା ଭରି ରହିଥାଏ ବୋଲି ବକ୍ତାମାନେ ବିବିଧ ଉଦାହରଣ ଦେଇ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଉପସ୍ଥିତଥିଲେ, ମୁନିମତୀ ଶକୁନ୍ତଳା ପରିଡା, ସେ ମୁନି ସଙ୍ଗୀତ ଗାନକରିଥିଲେ । ଭୋଳାଶଙ୍କର ପରିଡା, ଶଚିରାଣୀ ପରିଡା, ତିଳୋତ୍ତମା ପରିଡା, ସୁଶୀଳା ପରିଡା, ସରସ୍ୱତୀ ପାତ୍ର, ସାବିତ୍ରୀ ବେହେରା, କାଞ୍ଚନ ସାହୁ, କୃଷ୍ଣଚନ୍ଦ୍ର ସାହୁ, ରେଣୁକା କେହେରା, ଇପ୍ସିତା ବେହେରା, କନକଲତା ପରିଡା, ସରିତା ପରିଡା, ଉଜ୍ଜଳ କୁମାର ପରିଡା ପ୍ରମୁଖ। ଶେଷରେ କୁମାରୀ ମାନସୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# କହ୍ନେଇ ପଣ୍ଡା ସ୍ମୃତି ସଂସଦ ପକ୍ଷରୁ ପୂଜ୍ୟ ପୂଜା ଓ ସମ୍ବର୍ଦ୍ଧନା ସଭା

ବାସୁଦେବପୁର, ୧୩/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଘଟ ବାସୁଳି ମନ୍ଦିର ପରିସରରେ ଆଦର୍ଶ ବ୍ୟକ୍ତିତ୍ୱ କହ୍ନେଇ ପଣ୍ଡା ସ୍ମୃତି ସଂସଦ ପକ୍ଷରୁ ପୂଜ୍ୟ ପୂଜା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ଆଧାତ୍ମିକ ପ୍ରବଚକ ବଂଶୀଧର ପଣ୍ଡା ସଭାପତିତ୍ୱ କରିଥିଲେ। ପଣ୍ଡିତ ହୃଷୀକେଶ ରଥ, ନାଟ୍ୟକାର ପୁରୁଷୋତ୍ତମ ବେହେରା, ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ପରିଡା, ବାଇ ଚଢେଇ ର ସମ୍ପାଦକ କବି ବିକାଶ କୁମାର ଶତପଥୀ, ବେତଡ଼ା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ବେଣୁଧର ପରିଡ଼ା, ଅଶୋକ ନାୟକ, ବାସୁଦେବପୁର ସମାଜର ସାମ୍ବାଦିକ ବୈ ଲୋଚନ ସାହୁ, ଶିକ୍ଷକ ଅମୂଲ୍ୟ ବାରିକ, ପ୍ରଧାନ ଶିକ୍ଷକ ରତ୍ନାକର ମହାଲିକ ପ୍ରମୁଖ ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଏହି ନିଆରା କାର୍ଯ୍ୟକ୍ରମ କୁ ପ୍ରଶଂସା କରିଥିଲେ। ବହୁ କବି ସାହିତ୍ୟିକ କଳାକାର, ସଙ୍ଗୀତ ନିର୍ଦ୍ଦେଶକ, କଣ୍ଠଶିଳ୍ପୀ, ସମାଜସେବୀ ଶିକ୍ଷାବିତ ଙ୍କୁ ଏହି ଅବସରରେ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ମଧୁସୂଦନ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପକ ବ୍ରଜ ମୋହନ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିକ୍ଷାବିତ୍ ପରମାନନ୍ଦ ଓଝା ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଶଶାଙ୍କ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଆୟୋଜକ ତଥା ବେତଡ଼ା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଚିତ୍ତ ରଞ୍ଜନ ପଣ୍ଡା ସମସ୍ତ ଙ୍କୁ ଅଭିନନ୍ଦନ ଜଣାଇ ଥିଲେ। କବି ଓ ଶିକ୍ଷକ ସଦାନନ୍ଦ ପାଣିଗ୍ରାହୀ, ନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା ,ଜଗବନ୍ଧୁ ପଣ୍ଡା,ରମାକାନ୍ତ ଶଙ୍ଖୁଆ,ଓ ଅନ୍ୟାନ୍ୟ କର୍ମ କର୍ତ୍ତା ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡ଼ା, କବି ବିଭୂତି ଭୂଷଣ ସେନାପତି, କଲ୍ୟାଣୀ ନନ୍ଦ, କୈଳାସ ଚନ୍ଦ୍ର ପାଢ଼ୀ,ଆମ ଗାଁ ସାହିତ୍ୟ ପତ୍ରିକାର ସମ୍ପାଦକ କବି ରତ୍ନାକର ପଣ୍ଡା, କବି ଅନିତା ପଣ୍ଡା, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, ସାମ୍ବାଦିକ ନାରାୟଣ ପ୍ରାସାଦ ବାରିକ୍ ଓ ବହୁ ଜ୍ଞାନୀ ଗୁଣୀ ବୁଦ୍ଧିଜୀବୀ ଏହି ଉତ୍ସବରେ ଯୋଗ ଦେଇଥିଲେ।

# ତେଘରୀ ସାଧୁଚରଣ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ଛାତ୍ରଛାତ୍ରୀଙ୍କ ଧାରଣା



ଜଳେଶ୍ୱର, ୧୩/୧ (ନି.ପ୍ର): ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ବିରୋଧ କରି ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ସମ୍ମୁଖରେ ଦେଲେ ଧାରଣା। ଶେଷରେ ଅଦକ୍ଷଙ୍କ ହସ୍ତକ୍ଷେପ ପରେ ହଟିଲା ଧାରଣା। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନରେ ତେଘରୀ ଠାରେ ଥିବା ସାଧୁଚରଣ ଉଚ୍ଚ ବିଦ୍ୟାଳୟ ପରିସରରେ ଦୀର୍ଘ ଦିନ ହେବ ସାଇକେଲ ଷ୍ଟାଣ୍ଡ,ପିଇବା ପାଣି, କ୍ଲାସ ରୁମରେ ଇନଭେଟର ବ୍ୟବସ୍ଥା ନହେବା, ଅଧ୍ୟାପକ ଅଭାବ ଆଦି ସମସ୍ୟା ଲାଗି ରହିଛି ।ଉକ୍ତ ସମସ୍ୟା ସମାଧାନ ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପିଲାମାନେ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହେଉ ନ ଥିବାରୁ ପିଲାମାନେ ଆଜି ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ତନୁଜ କୁମାର ହୁଇ ବିଦ୍ୟାଳୟର ସମସ୍ୟା ବିଷୟରେ ଆସନ୍ତା ଦୁଇଦିନ ମଧ୍ୟରେ ଉପଜିଲ୍ଲାପାଳଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।ତେବେ ଅଦକ୍ଷଙ୍କ ପ୍ରତିଶୃତି ପରେ ଧାରଣା ହଟିଥିଲା।

# ଅଟଳ ଯୁବ ସଙ୍ଗମର ବାର୍ଷିକ ଉତ୍ସବ ଉଦ୍ୟାପିତ ଦିବସ



ବାଲେଶ୍ୱର , ୧୩/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଗନ୍ଧିସ୍ମୃତି ଭବନରେ ଅଟଳ ଯୁବ ସଙ୍ଗମ ର ବାର୍ଷିକ ଉତ୍ସବ ସଭାପତି ବିକାଶ କୁମାର ପାଢ଼ୀ ଙ୍କ ସଭାପତିତ୍ୱରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ରବିବାର ୧୨/୧/୨୦୨୫ ରିଖ ଅଟଳ ଯୁବ ସଙ୍ଗମ ର ୪ ର୍ଥ ବର୍ଷ ର ଦ୍ୱିତୀୟ ଦିବସ ଅଟେ । ଏହି ଦ୍ୱିତୀୟ ଦିବସ ରେ ମୁଖ୍ୟ ଅତିଥି ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇ ପ୍ରଦୀପ ପ୍ରୋଯୋଜନ କରିଥିଲେ ଓ ଅତିଥି ପରିଚୟ ଧିରେଜ୍ ମହାନ୍ତି ଦେଇଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ର ମହତ୍ତ୍ୱ ଗୁଣ ପାଇଁ ଓଡ଼ିଶା ତଥା ସାରା ଦେଶରେ ଲୋକେ ସୁଖ ଶାନ୍ତିରେ ରହୁଛନ୍ତି । ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା ପାଇଁ ଲୋକଙ୍କର ବହୁତ୍ ସୁବିଧା ହେଉଛି । ସମ୍ମାନୀୟ ଅତିଥି ଭାବେ ମ୍ୟୁନିସପାଲିଟି ଚେୟାରମେନ ସବିତା ସାହୁ , ବାଲେଶ୍ୱର ଉପ ଜିଲ୍ଲାପାଳଙ୍କ ପ୍ରଥମେଶ ଅରବିନ୍ଦ ରାଜ ସିର୍କେ ଅଟଳ ଯୁବ ସଙ୍ଗମ ର ଚେୟାରମେନ ପର୍ଶୁରାମ ବେହେରା , ଚେୟାରମେନ ସନ୍ଦିପ୍ତ ବାବୁ ( ବାପି ଭାଇ ), ସାଧାରଣ ସଂପାଦକ ସଞ୍ଜୟ ଦାସ, ଉପ ସଭାପତି ମାନ୍ମୟ ଦାସ , ସଞ୍ଜୟ ପ୍ରଧାନ , କାହ୍ନୁ ଚରଣ ମହାଲିକ , କୋଷାଧକ୍ଷ ପ୍ରହ୍ଲାଦ ଦାସ , ଉପଦେଷ୍ଟା ଆଶ୍ରୀତା ଦାସ ଧିରେନ ମହାନ୍ତି , ୟୁଥ୍ ସଭାପତି ସୌଭାଗ୍ୟ ମାନସ ନାୟକ ମଞ୍ଚରେ ମଞ୍ଚାସୀନ ଥିଲେ । ବିଭିନ୍ନ କାର୍ଯ୍ୟକ୍ରମରେ ସମାଜ ସେବୀ ମାନଙ୍କୁ ମୁଖ୍ୟ ଅତିଥି ଓ ଜିଲ୍ଲାପାଳଙ୍କ ଦ୍ୱାରା ଉତ୍ତରୀୟ ,ମାନପତ୍ର ଦେଇ ସମ୍ମାନିତ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାର ପାର୍ଟିସିପେଟ କରିଥିବା ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ସଭା ଶେଷରେ ଅଟଳ ଯୁବ ସଂଗମର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଆଗଭର ସହ ଦର୍ଶକ ମାନେ ଦେଖି ଆନନ୍ଦ ଲାଭ କରିଥିଲେ । ସର୍ବ ଶେଷରେ ମନ୍ମୟ ଦାସ ଧନ୍ୟବାଦ୍ ଦେଇଥିଲେ । ଏହି କାର୍ଯ୍ୟ କ୍ରମକୁ ଅଟଳ ଯୁବ ସଂଗମର୍ ସମସ୍ତ କର୍ମକର୍ତ୍ତା ପରିଚାଳନା ରେ ସାହଯୋଗ କରିଥିଲେ ।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର **ST-OT-ARC-VHF- 2024-25**, ତାରିଖ **୧୧.୦୧.୨୦୨୫**। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ସିନିୟର ଡିଭିଜନାଲ ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟର (Co)/ଖଡ଼ଗପୁର-୭୨୧ ୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ ୧୨:୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି ଏବଂ ଏହା ୧୨:୩୦ ଘଣ୍ଟାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** ବାର୍ଷିକ ମରାମତି ଏବଂ ନିନ୍ଦା ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ଡିଭିଜନରେ ୦୨ ବର୍ଷ ପାଇଁ PTT ସମେତ ହସ୍ତଚାଳିତ ୫୦ VHF (ୱାକି-ଟକି) ସେଟ୍, ୨୫ ୱାଟ୍ ବେସ୍ ଷ୍ଟେସନ VHF ସେଟ୍ ପାଇଁ ଚୁକ୍ତିନାମା। **ଟେଣ୍ଡର ମୂଲ୍ୟ:** ୨୨,୫୦,୬୧୯/-। **EMD: 45,000/-**। **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** କୌଣସି ନାହିଁ। **ଖୋଲିବାର ତାରିଖ:** ୦୬.୦୨.୨୦୨୫। **ସମାପ୍ତି ଅବଧି:** ୭୩୦ ଦିନ। **ଦାଖଲ ତାରିଖ:** ୦୬.୦୨.୨୦୨୫ ର ୧୨:୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ବର୍ଣ୍ଣନା ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ।
(PR-1007)

# ଅନିଲ ଏବଂ ହଂସିତାଙ୍କ ସମ୍ପତି ବିକ୍ରି ଉପରେ ରୋକ

ଭୁବନେଶ୍ୱର, ୧୩/୧ (ନି.ପ୍ର): ରାଜଧାନୀରୁ ହାଇପ୍ରୋଫାଇଲ ଠକ ଦମ୍ପତି ହଂସିତା ଅଭିଲିପ୍ସା ଏବଂ ଅନିଲ ମହାନ୍ତି ଗିରଫ ଘଟଣା । ଅନିଲ ଏବଂ ହଂସିତାଙ୍କ ସମ୍ପତି ବିକ୍ରି ଉପରେ ରୋକ ଲାଗିଛି । ଆୟକର ବିଭାଗ ଆରଟିଓ ଏବଂ ଆଇଜିଆରକୁ ଚିଠି ଲେଖିଛି । ଦାମୀ କାର ବିକ୍ରି ନହେବା ପାଇଁ ଆରଟିଓକୁ ୫ଟି ଗାଡିର ତଥ୍ୟ ଦେଇଥିଲା ଆୟକର ବିଭାଗ । ସେହିସବୁ ଦାମୀ ଗାଡିକୁ ବ୍ଲକ କରିଛି ଆରଟିଓ । ସେହିଭଳି ହଂସିତା ଏବଂ ଅନିଲଙ୍କର ମିଳିଥିବା ସମ୍ପତି ବିକ୍ରି ନହେବା ପାଇଁ ଆଇଜିଆରକୁ ଚିଠି ଲେଖିଛି ଆୟକର ବିଭାଗ ।

# ପଞ୍ଚମ ବାର୍ଷିକ ବାବୁ ଭାଇଜାନ୍ ଡିପିଏଲ୍ ଚ୍ୟାଲେଞ୍ଜ ଟ୍ରଫି: କେକେଆରକୁ ହରାଇ ରାହୁଲ ଇଲେଭେନ୍ ଚମ୍ପିୟାନ




ରୂପସା, ୧୩/୧ (ନି.ପ୍ର): ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ବୀର ହନୁମାନ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଦରଖୁଲି ପଡ଼ିଆରେ ଆୟୋଜିତ ପଞ୍ଚମ ବାର୍ଷିକ ବାବୁ ଭାଇଜାନ୍ ଡିପିଏଲ୍ ଚ୍ୟାଲେଞ୍ଜ ଟ୍ରଫି ଟି-୧୨ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍ୟାପିତ ହୋଇଯାଇଛି । ଖାନ୍ ନାଇଟ୍ ରାଇଡ଼ର୍ସ(କେକେଆର) ଓ ରାହୁଲ ଇଲେଭେନ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମେ କେକେଆର୍ ବ୍ୟାଟିଂ କରି ୧୦.୩ ଓଭରରେ ୭୮ ରନ୍ କରି ଅଲଆଉଟ୍ ହୋଇଯାଇଥିଲା । ଜବାବରେ ରାହୁଲ ଇଲେଭେନ୍ ୮.୩ ଓଭରରେ ୩ ଉଇକେଟ୍ ବିନିମୟରେ ୭୯ ରନ କରି ଚମ୍ପିୟାନ ହୋଇଥିଲା । ଦଳ ପକ୍ଷରୁ ମିହିର କୁମାର ପାଲ ମ୍ୟାନ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ । ଅମ୍ପାୟାର ବୀରେନ୍ଦ୍ର ସିଂ ଓ ଅମିତ କୁମାର ସିଂ ମ୍ୟାଚ୍ ପରିଚାଳନା କରିଥିଲେ । ରାଜା ସିଂ ଓ ବ୍ରଜ ସିଂ ସ୍କୋରିଂ ଦାୟିତ୍ୱରେ ଥିଲେ । ତାରାକାନ୍ତ ସିଂ ଧାରା ବିବରଣୀ ପ୍ରଦାନ କରିଥିଲେ । ପୂର୍ବତନ କ୍ରିକେଟିୟର ବାଞ୍ଛାନିଧି ଦେଙ୍କ ପୌରହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ବିଶିଷ୍ଟ ଶିଳ୍ପପତି ଅବଦୁଲ ଅମିନ ଖାନ, ସମ୍ମାନିତ ଅତିଥି ରାଜସ୍ଥାନର ଶିଳ୍ପପତି ଜିସାନ୍ ଜୀ ଯୋଗଦେଇ ଚାମ୍ପିୟନ ଦଳକୁ ୨୦ହଜାର ଓ ରନର୍ସ ଅପ୍ ଦଳକୁ ୧୬ହଜାର ଟଙ୍କାର ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଭାବେ ନାଟ୍ୟକାର ନିର୍ଦ୍ଦେଶକ ସନ୍ତୋଷ ନାରାୟଣ ଦାସ ଯୋଗଦେଇ କ୍ରୀଡ଼ା ମାଧ୍ୟମରେ ଭାଇଚାରା ସୃଷ୍ଟି ହେବା ସହ ଦେଶର ଗୌରବ ବୃଦ୍ଧି ହୋଇଥାଏ ବୋଲି କହିଥିଲେ । ସମ୍ମାନନୀୟ ଅତିଥି ଭାବେ ସମାଜସେବୀ ସରୋଜ ଲେଙ୍କା, ମହିଳା ନେତ୍ରୀ ମୋନାଲିସା ସାମଲ, ଶଶୀଭୂଷଣ ପଣ୍ଡା, ଅବଦୁଲ ସଲିମ ଖାନ୍, ଶ୍ରୀକାନ୍ତ ବୁଗୁଡ଼ାଇ, ଗୟାଧର ପ୍ରଧାନ, ମାନସ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । କ୍ଲବ ସଭାପତି ରବିରାମ ସିଂ ଓ ସମ୍ପାଦକ ବ୍ରଜକିଶୋର ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଦରଖୁଲି ପ୍ରିମିୟର ଲିଗ୍ (ଡିପିଏଲ୍) ଟୁର୍ଣ୍ଣାମେଣ୍ଟକୁ ସଭ୍ୟ ଦୀପୁ ସିଂ, ରଞ୍ଜନ ସିଂ, ସେବାକର ସିଂ, ଲକ୍ଷ୍ମଣ ସିଂ, ଜିତୁ ସିଂ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଶଙ୍ଖ ଭବନ...

ସରକାରଙ୍କ ପାଖରୁ ଜାଗା ନେଇ ବିଜେଡି ରାଜ ମହଲ ପରି କାର୍ଯ୍ୟାଳୟଟିଏ ତିଆରି କରିଥିଲା। କର୍ପୋରେଟ ହାଉସ୍‌ଙ୍କଠାରୁ ଚାନ୍ଦା ଆଦାୟ କରି ବିଜେଡି କାର୍ଯ୍ୟାଳୟ ନିର୍ମାଣ କରିଥିଲା। ଏବେ ଆଉ କର୍ପୋରେଟ ହାଉସ୍‌ଙ୍କ ପାଖରୁ ଟଙ୍କା ଆସୁନି। ସେଥିପାଇଁ କାର୍ଯ୍ୟାଳୟ ଚଳାଇବାକୁ ହୋଟେଲ୍‌ର ଆବଶ୍ୟକତା ପଡୁଛି। ଯଦି ଏବେଠାରୁ ରାଜ୍ୟ ସରକାର ଏହାକୁ ସଜ୍ଞାନକୁ ନନେବେ, ତାହାହେଲେ ଆଗାମୀ ଦିନରେ ବିଜେଡି କାର୍ଯ୍ୟାଳୟ ଷ୍ଟାର ହୋଟେଲ୍‌ରେ ପରିଣତ ହୋଇପାରେ। ବିଜେଡି କାର୍ଯ୍ୟାଳୟ ଆଉ କାହା ବ୍ୟକ୍ତିଗତ ଘରେ ଚାଲିପାରେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଜଗା ପ୍ରଧାନ ଆହୁରି କହିଛନ୍ତି, ଏଠି ବିଜେଡି ସ୍ପଷ୍ଟ କରୁ ଯେ ହୋଟେଲ କରିବେ ନା କାର୍ଯ୍ୟାଳୟ କରିବେ। ଯଦି ହୋଟେଲ କରିବେ, ତାହାହେଲେ କାର୍ଯ୍ୟାଳୟ ପାଇଁ ମିଳିଥିବା ସେ ଜାଗାର ଅନୁମତି ବାର୍ଯ୍ୟାପ୍ତି କରାଯାଉ। ବେଳ ଥାଉଥାଉ ରାଜ୍ୟ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦାବି କରିଛନ୍ତି ବିଜେପି ନେତା ଜଗନ୍ନାଥ ପ୍ରଧାନ। ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ହୋଟେଲ୍ ମନ୍ତବ୍ୟର ଜବାବ ରଖିଛନ୍ତି ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ। ସେ କହିଛନ୍ତି, ରେଲୱେର କ୍ୟାଣ୍ଟିନ୍ ଅଛି। ସଂସଦରେ ମଧ୍ୟ କ୍ୟାଣ୍ଟିନ୍ ରହିଛି। ଅବଶ୍ୟ ଖାଇବା ଲୋଭ କାହାର ଅଛି, ତାହା ମିଡିଆରେ ଦେଖାଯାଉଛି। ମୁଁ ବିଜେପି ନେତାଙ୍କୁ ନିମନ୍ତ୍ରଣ କରୁଛି, ତାଙ୍କର ଯେତେବେଳେ ଖାଇବାକୁ ଇଚ୍ଛା ହଉଛି ସେତେବେଳେ ଶଙ୍ଖ ଭବନ କ୍ୟାଣ୍ଟିନକୁ ଆସି ଶୁଦ୍ଧ ସାକାହାରି ଖାଦ୍ୟ ଖାଆନ୍ତୁ। ବିଜେପିର କିଛି କାମ ନାହିଁ ବୋଧହୁଏ। ଶଙ୍ଖ ଭବନ ଯେଉଁଦିନ ତିଆରି ହୋଇଥିଲା, ସେଦିନ କୁହାଯାଇଥିଲା ଏହା ଲୋକଙ୍କ ଅଫିସ। ପ୍ରତିଦିନ ବୈଠକ ବସୁଛି। କର୍ମୀଙ୍କ ସହିତ ନେତା ଓ ସାଧାରଣ ଲୋକ ଆସି ଖାଉଛନ୍ତି। କ୍ୟାଣ୍ଟିନ୍‌ରେ ଖାଇବା କ'ଣ ଖରାପ ବୋଲି ପ୍ରଶ୍ନ କରିଛନ୍ତି ଅରୁଣ ସାହୁ।

## ଲୋକସେବା ଭବନରୁ ...

ଗିରଫ ବ୍ୟାସଦେବ ରଣା ଠାରୁ ପଞ୍ଚାୟତିରାଜ ବିଭାଗର ଜାଲ୍ ଆଇକାର୍ଡ ମଧ୍ୟ ଜବତ ହୋଇଛି। ଠକ ବ୍ୟାସଦେବ ଘର କଳାହାଣ୍ଡି ନର୍ଲାରେ। ସେ କିଛି ଦିନ ହେବ ଭୁବନେଶ୍ୱରର ଏକାମ୍ର ଅଞ୍ଚଳରେ ରହୁଥିଲା। ତା'ର ବୟସ ୪୭ ବର୍ଷ ବୋଲି ପୁଲିସ୍ କହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବ୍ୟାସଦେବ ରଣା ଜାଲ ପରିଚୟପତ୍ର ଦ୍ୱାରା ବର୍ଷ ବର୍ଷ ଧରି ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗର ସେକ୍ସନ ଅଫିସର ବୋଲି ନିଜର ପରିଚୟ ଦେଉଥିଲା। ସେ ଉକ୍ତ ଜାଲ ପରିଚୟପତ୍ର ଦ୍ୱାରା ଅବଧାରେ ଲୋକସେବା ଭବନ ଭଳି ସରକାରୀ ପେଣ୍ଠ ସ୍ଥଳରେ ପ୍ରବେଶ କରୁଥିଲା। ଲୋକଙ୍କୁ ଚାକିରି ଦେବା ନାଁରେ ସେ ଟଙ୍କା ଲୁଟ କରୁଥିଲା। ସେ ପୁରୀ ଜିଲ୍ଲା ପିପିଲିର ଜଣେ ଯୁବକଙ୍କୁ ସରକାରୀ ଚାକିରିର ପ୍ରତିଶ୍ରୁତି ଦେଇଥିଲା। ଏଥିପାଇଁ ତାଙ୍କ ଠାରୁ ବିଭିନ୍ନ ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ମଧ୍ୟ ଠକି ନେଇଥିବା ଅଭିଯୋଗ ହୋଇଛି। ତେବେ ଟଙ୍କା ନେଇ ସେ ଚାକିରି ନ ଦେବାରୁ ଯୁବକ ଜଣଙ୍କ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗର ତଦନ୍ତ କରି ବ୍ୟାସଦେବ ରଣାକୁ ଶୁକ୍ରବାର ଦିନ ଲୋକସେବା ଭବନର ଗେଟ ପାଖରୁ ଗିରଫ କରିଛି। ଗିରଫ ପରେ ସମ୍ପୃକ୍ତ ଠକକୁ ପୁଲିସ୍ କୋର୍ଟ ଚାଲାଣ କରିଛି। ତା' ପାଖରୁ ମିଳିଥିବା ପରିଚତ୍ର ପତ୍ର ୧-୪-୨୦୨୦ରେ ଇସ୍ୟୁ ହୋଇଥିବା ଉଲ୍ଲେଖ ରହିଛି। ସେହିପରି ଏହାର ବୈଧତା ୩୧-୧୨-୨୦୨୪ ଯାଏ ରହିଥିଲା। ଏହାର ଅର୍ଥ ସେ ସମ୍ଭବତଃ ୪ ବର୍ଷ ଧରି ଲୋକସଭା ଭବନର କର୍ମଚାରୀ ଭାବେ ପରିଚୟ ଦେଇ ଲୋକଙ୍କୁ ଠକି ଚାଲିଥିଲା। ୩୧ ଡିସେମ୍ବରରୁ ତା'ର ପରିଚୟପତ୍ରର ଅବଧି ଶେଷ ହୋଇଥିଲେ ହେଁ ସେ କେମିତି ଲୋକସଭା ଭବନକୁ ଯାଉଥିଲା, ତା'ହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବିଏସକେୱାଇକୁ ବିଦାୟ: ଏଣିକି ...

ମିଳିବ ନୂଆ କାର୍ଡ। ଦିଲ୍ଲୀରେ କେନ୍ଦ୍ର ଏବଂ ରାଜ୍ୟ ଭିତରେ ସ୍ୱାକ୍ଷର ହେଲା ଗଣ୍ଠଟ । ବିଜ୍ଞାନ ଭବନରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି ଏମ୍‌ଓୟୁ । ରାଜ୍ୟର ପ୍ରାୟ ୧ କୋଟି ପରିବାରର ସାଢେ ୩ କୋଟି ଲୋକ ଏହି ଯୋଜନାରେ ଉପକୃତ ହେବେ। ରାଜ୍ୟ ଯୋଜନା ଗୋପବନ୍ଧୁ ଜନଆରୋଗ୍ୟ ଏବଂ କେନ୍ଦ୍ରର ଆୟୁଷ୍ମାନ ଭାରତ ମିଶି ଗୋଟିଏ କାର୍ଡ ଦିଆଯିବ। ଆଜି ଏମଓୟୁ ହୋଇଥିବା ବେଳେ କାର୍ଡ ତିଆରି ଏବଂ ବାଣ୍ଟିବା ପରେ ଫେବ୍ରୁଆରୀ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ। ବଡ଼ କଥା ହେଲା ଆୟୁଷ୍ମାନ ଭାରତ ଯୋଜନାରେ ଜଣେ ହିତାଧିକାରୀ ସାରା ଦେଶରେ ପ୍ରାୟ ୩୦ ହଜାର ମେଡିକାଲରୁ ମାଗଣା ଚିକିତ୍ସା ସୁବିଧା ପାଇପାରିବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାତ୍ର ୯୫୭ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ମିଳୁଥିଲା। ଏହା ସହ ଆୟୁଷ୍ମାନ ଭାରତରେ ୧୯ଶହ ୪୯ ପ୍ରକାର ମେଡିକାଲ ସେବା ସହ ମେଡିକାଲରୁ ଡିସାଚାର୍ଜ ହେବା ପରର ୧୫ ଦିନ ପର୍ଯ୍ୟନ୍ତ ମଧ୍ୟ ମେଡିସିନ ସୁବିଧା ରହିଛି। ଓଡ଼ିଶାରେ ଯଦି ଉଭୟ ସ୍କିମ୍ ମର୍ଜ ହୁଏ ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ୬୭ ଲକ୍ଷ ଏବଂ ଆୟୁଷ୍ମାନ ଭାରତରେ ୩୩ ଲକ୍ଷ ପରିବାର ରହିବେ। ଆୟୁଷ୍ମାନ ଭାରତରେ ମହିଳା ହିତାଧିକାରୀଙ୍କ ପାଇଁ ୧୦ ଲକ୍ଷ ଏବଂ ପୁରୁଷ ହିତାଧିକାରୀଙ୍କ ପାଇଁ ୫ ଲକ୍ଷ ସ୍ୱାସ୍ଥ୍ୟବୀମା ରହିବ। ଯୋଜନା ଲାଗୁ ହେବା ପରେ ଚିକିତ୍ସା ଅପେକ୍ଷାରେ ଥିବା ଅନେକ ରୋଗୀ ଖୁସି ବ୍ୟକ୍ତ କରିଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀଙ୍କ ବାରମ୍ବାର ଅନୁରୋଧ ପରେ ବି ଆୟୁଷ୍ମାନ ଭାରତକୁ ଲାଗୁ କରାଉନଥିଲେ ତତକାଳୀନ ବିଜେଡି ସରକାର । ଯେଉଁଥି ପାଇଁ ଏହାକୁ ଲାଗୁ କରିବା ନେଇ ମଧ୍ୟ ବିଜେପି ତାର ନିର୍ବାଚନ ଇସ୍ତାହାରରେ ରଖିଥିଲା । ସେପଟେ ଓଡ଼ିଶା ଆୟୁଷ୍ମାନ ଭାରତ ଗ୍ରହଣ କରିବା ପରେ ଏବେ କେବଳ ପଶ୍ଚିମବଙ୍ଗ ଓ ଦିଲ୍ଲୀ ଏହି ଯୋଜନା ଗ୍ରହଣ କରିନଥିବା ତାଲିକାରେ ରହିଲେ ।

## ୧୫ ତାରିଖରେ...

ମକର ସଂକ୍ରାନ୍ତି ଓ ଅନ୍ୟାନ୍ୟ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ୧୫ ଜାନୁଆରୀ ୨୦୨୫ରେ ହେବାକୁ ଥିବା ୟୁଜିସି ନେଟ୍ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଖୁବଶୀଘ୍ର ଏହି ୱେବସାଇଟରେ ପରୀକ୍ଷାର ନୂଆ ତାରିଖ ଉପଲବ୍ଧ ହେବ। ତେଣୁ ପରୀକ୍ଷା ସମ୍ବନ୍ଧୀୟ ଯେ କୌଣସି ଜରୁରୀ ସୂଚନା ସମ୍ପର୍କରେ ଅବଗତ ହେବା ପାଇଁ ଅଫିସିଆଲ୍ ୱେବସାଇଟ୍ ଉପରେ ନଜର ରଖିବାକୁ ପରୀକ୍ଷାର୍ଥୀଙ୍କୁ ପରାମର୍ଶ ଦିଆଯାଇଛି।

## ଆପ୍ ଉପରେ ବର୍ଷିଲେ...

ପ୍ୟାରିସରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହା ନକରି ଏବେ 'ସ୍ୱଚ୍ଛ ଦିଲ୍ଲୀ ପ୍ରଚାର' ଚଳାଇଛନ୍ତି। ଦିଲ୍ଲୀରେ କେବଳ ଦୁର୍ନୀତି, ପ୍ରଦୂଷଣ ଏବଂ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି ବୋଲି କହିଛନ୍ତି ରାହୁଲ। ଲୋକସଭା ବିରୋଧୀ ଦଳ ନେତା ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ଓ ଅରବିନ୍ଦ କେଜ୍ରିୱାଲ ପଛୁଆବର୍ଗଙ୍କୁ ସେମାନଙ୍କ ଭାଗିଦାରୀ ଦେବାକୁ ଚାହୁଁନାହାନ୍ତି। ହେଲେ ଯଦି କଂଗ୍ରେସ ଦିଲ୍ଲୀରେ ସରକାର ଗଠନ କରେ, ତେବେ ସଂରକ୍ଷଣ ସୀମା ବୃଦ୍ଧି କରିବ ବୋଲି ସେ କହିଛନ୍ତି। ସେହିଭଳି ଶିଳ୍ପପତି ଗୌତମ ଆଦାନୀଙ୍କ ପ୍ରସଙ୍ଗରେ ମଧ୍ୟ କେଜ୍ରିୱାଲଙ୍କୁ ଟାର୍ଗେଟ କରିଛନ୍ତି ରାହୁଲ। ସେ କହିଛନ୍ତି ଯେ, କେଜ୍ରିୱାଲ ଆଦାନୀଙ୍କ ବିଷୟରେ କେବେ କହିଛନ୍ତି କି? ଆମେ ଗରିବ ଓ ପଛୁଆବର୍ଗଙ୍କ ପାଇଁ ସମାନତା ଓ ସେମାନଙ୍କ ଭାଗିଦାରୀ ଚାହୁଁଛୁ। କଂଗ୍ରେସ କେବେ ବି ଜଣେ ଶିଳ୍ପପତିଙ୍କ ହାତରେ ଦେଶ ଚାଲିବାକୁ ଦେବ ନାହିଁ ବୋଲି ସେ କହିଛନ୍ତି।

## ମହାକୁମ୍ଭର ଶୁଭାରମ୍ଭ...

ହୋଇଥିଲେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ। ଏଣେ ହୋମ ଯଜ୍ଞ ଓ ଆଳତୀ ସାଙ୍ଗକୁ ବେଦମନ୍ତ୍ରରେ ପ୍ରକମ୍ପିତ ହେଉଛି ପ୍ରୟାଗତୀର୍ଥର ପରିସର। ଦୀର୍ଘ ବର୍ଷର ବିରଳ ସଂଯୋଗରେ ତ୍ରିବେଣୀ ଘାଟରେ ସ୍ନାନ ସୁଯୋଗକୁ ହାତଛଡ଼ା ନକରିବାକୁ ଯେମିତି ସମସ୍ତେ ପଣ କରିଥିଲେ, ଉତ୍ତମ ବ୍ୟବସ୍ଥାକୁ ପ୍ରଶଂସା ବି କରୁଥିଲେ। କେବଳ ସନାତନୀ ହିନ୍ଦୁ କି ସାଧୁ-ସନ୍ଥ ନୁହଁନ୍ତି, ଆସ୍ଥାର ମହାକୁମ୍ଭରେ ସାମିଲ ହେବାକୁ ଆମେରିକା, ଫ୍ରାନ୍ସ, ରୁଷ ଓ ବ୍ରାଜିଲ ଭଳି ବିଶ୍ୱର କୋଣ ଅନୁକୋଣରୁ ବି ମୋକ୍ଷ ପ୍ରଦାୟିନୀ ସଂଗମସ୍ଥଳକୁ ଛୁଟି ଆସିଛନ୍ତି ଅନେକ ବିଦେଶୀ ଶ୍ରଦ୍ଧାଳୁ। ତେବେ ସବୁଠୁ ଅଧିକ ଚର୍ଚ୍ଚାରେ ଅଛନ୍ତି ଆପଲ ଫାଉଣ୍ଡର ଷ୍ଟିଭ୍ ଜବସଙ୍କ ପତ୍ନୀ ଲରେନ୍ ପାୱେଲ ଜବସ୍। ସେ ଆଜି ସଂଗମରେ ସ୍ନାନ କରି ପାଇଛନ୍ତି ଅନନ୍ୟ ଅନୁଭବ। ମହାକୁମ୍ଭର ପ୍ରଥମ ସ୍ନାନ ତିଥି ପୌଷ ପୂର୍ଣ୍ଣମୀରେ ଦେଢ଼ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଥିବା ସୂଚନା ଦେଇଛନ୍ତି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ତେଣେ ଆସନ୍ତାକାଲି ମକର ସଂକ୍ରାନ୍ତିରେ ହେବ ପ୍ରଥମ ସାହି ସ୍ନାନ। ଭୋର ୫ଟା ୧୫ରୁ ସକାଳ ୭ଟା ୫୫ ମିନିଟ୍ ଭିତରେ ରହିଛି ବିଭିନ୍ନ ଆଖଡ଼ାର ସାଧୁସନ୍ଥଙ୍କ ସହ ଶ୍ରଦ୍ଧାଳୁଙ୍କ ସ୍ନାନ।

## ବାଘ ମାରି ...

କୋମନା ରେଞ୍ଜ ଦେଓଦରା ଗାଁର ଦେବେନ୍ଦ୍ର ଚିନ୍ଧା, ଟିଙ୍କୁ ଚିନ୍ଧା, ପୁସ୍ତମ ଚିନ୍ଧା ଓ ଜଗବନ୍ଧୁ ଚିନ୍ଧା ଜଙ୍ଗଲରେ ଫାସ ବସାଇଥିଲେ। ଦୁର୍ଭାଗ୍ୟକୁ ସେହି ଫାସରେ ଗୋଟିଏ କଲରାପତରିଆ ବାଘ ପଡ଼ି ମରିଯାଇଥିଲା। ଏହି ୪ ଜଣ ବାଘର ମୃତଦେହକୁ ନଦୀ କୂଳକୁ ନେଇଯାଇଥିଲେ। ସେହି ସମୟରେ ସେମାନେ ଶୁଣିବାକୁ ପାଇଥିଲେ ବାଘ ମାଂସ ଖାଇଲେ କୌଣସି ରୋଗ ହେବନାହିଁ। ତେଣୁ ସେହି ୪ ଜଣ ମିଶି ବାଘକୁ କାଟି ଭୋଜି କରି ଖାଇ ଦେଇଥିଲେ। ବାଘ ଶିକାର ନେଇ ଖବର ପ୍ରକାଶ ପାଇବା ପରେ ତତ୍ପର ହୋଇଥିଲା ବନ ବିଭାଗ। ଉକ୍ତ ଗାଁରେ ଚଢ଼ଉ କରି ଦେବେନ୍ଦ୍ର, ଟିଙ୍କୁ ଓ ପୁସ୍ତମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଜଗବନ୍ଧୁ ବନ ବିଭାଗ ହାତରୁ ଖସିଯାଇ ଜଙ୍ଗଲକୁ ପଳାଇ ଯାଇଥିଲା। ସେଠାରେ ଏକ ଗୁମ୍ଫାରେ ରହିଥିଲେ। ସେହି ସମୟରେ ଗୋଟିଏ ଭାଲୁ ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା। ଯେଉଁଥିପାଇଁ ସେ ଗୁମ୍ଫାରୁ ବାହାରି ପାରୁନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ତାଙ୍କୁ ଗୁମ୍ଫାରୁ ଉଦ୍ଧାର କରିଥିଲେ। ବନ ବିଭାଗ ଏ ସମ୍ପର୍କରେ ଜାଣିପାରି ଜଗବନ୍ଧୁଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ଏବେ ତାଙ୍କର ଚିକିତ୍ସା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହେଉଛି। ଗିରଫ ବେଳେ ୩ ଅଭିଯୁକ୍ତ ବାଘ ଶିକାର କରି ଖାଇଥିବା ସ୍ୱୀକାର କରିଥିଲେ। ଏହି ଖବର ପ୍ରକାଶ ପାଇବା ପରେ ଚିନ୍ଧା ଭୁଞ୍ଜିଆ ଆଦିବାସୀ ସମାଜ ପକ୍ଷରୁ ଉଦ୍ ?ବେଗ ପ୍ରକାଶ ପାଇଥିଲା। ଏପରି କାର୍ଯ୍ୟ କରିଥିବା ପରିବାରକୁ ଦଣ୍ଡ ଦେବା ପାଇଁ ଦେଓଦରା ମଣ୍ଡଳର ଏକ ସ୍ୱତନ୍ତ୍ର ବୈଠକ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁସାରେ ୪ ପରିବାରର ୧୩ ଜଣ ସଦସ୍ୟଙ୍କୁ ସାମାଜିକ ବାସନ୍ଦ କରାଯାଇଛି। ଚିନ୍ଧା ଭୁଞ୍ଜିଆ ଆଦିବାସୀ ସମାଜ ବାଘକୁ ମାମୁ ବୋଲି ବିଶ୍ୱାସ କରେ। ଗାଈ, କୁକୁର ଆଦି ପଶୁଙ୍କୁ ଖାଇଥାଏ ବାଘ। ତେଣୁ ବାଘ ମାଂସ ଖାଇବା ଏକ ଅପରାଧ ବୋଲି ବିବେଚନା କରିଥିଲେ।

# ଲଙ୍ଗଳେଶ୍ୱର ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶିଶୁମେଳା ଏବଂ ୨୪ ତମ ବାର୍ଷିକ ଉତ୍ସବ

ଲଙ୍ଗଳେଶ୍ୱର, ୧୩/୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶିଶୁ ମେଳା ଏବଂ ୨୪ତମ ବାର୍ଷିକ ଉତ୍ସବ ଦୁଇ ଦିନ ଧରି ପାଳିତ ହୋଇଯାଇଛି । ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସଭାପତି ନିତ୍ୟାନନ୍ଦ ଦାସ ସଭା ପରିଚାଳନା କରିଥିଲେ ପ୍ରଧାନ ଆଚାର୍ଯ୍ୟା ବୈଜୟନ୍ତୀ ରାଉଳ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଉତ୍ସବକୁ ଉଦଘାଟନ କରି ଏହିଠାରୁ ପିଲାଙ୍କ ଭବିଷ୍ୟତ ଗଠନର ମୂଳ ଦୁଆ ପଡ଼ିଥାଏ ଛୋଟ ଛୋଟ ପିଲା ଙ୍କୁ ନିତି ଶିକ୍ଷା ଦିଆଯିବା ରୁ ଗୁରୁଜୀ/ ଗୁରୁ ମାଆ ଙ୍କ ଭୂମିକା କୁ ପ୍ରଶଂସା କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବରେ ଲଙ୍ଗଳେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସୁଶାନ୍ତ କୁମାର ରାଉଳ,ବସ୍ତା ଅବସରପ୍ରାପ୍ତ ଅନୁଶିକ୍ଷାଧିକାରୀ ଅନିରୁଦ୍ଧ ମଣ୍ଡଳ,ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ ପ୍ରମୁଖ ମଞ୍ଚାସିନ ଥିଲେ ।ପରିଚାଳନା କମିଟି ସଦସ୍ୟ ଅଭୟ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଅନୁଷ୍ଠାନର ଶିଶୁ କଳାକାରମାନଙ୍କ ଦ୍ୱାରା ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁଜୀ, ଗୁରୁମା ଏବଂ ପରିଚାଳନା କମିଟି ସଦସ୍ୟ ସଦସ୍ୟାମାନେ ପରିଚାଳନା କରିଥିଲେ। ରବିବାର ବିଦ୍ୟାଳୟ ପରିସରରେ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି।




# ଗୋଟିଏ ଦିନରେ ୭ଟି ରେକ୍ ଖଲାସ କରି ରେକର୍ଡ ସୃଷ୍ଟି କଲା ପାରାଦୀପ ବନ୍ଦର

ପାରାଦୀପ, ୧୩/୧ : ପାରାଦୀପ ବନ୍ଦର ଆଇରନ୍ ଓର୍ ହ୍ୟାଣ୍ଡଲିଙ୍ଗ ପ୍ଲାଣ୍ଟ ରେ ଗୋଟିଏ ଦିନରେ ସାତ ଗୋଟି ରେକ୍ ପରିଚାଳନା କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛି । ଗତକାଲି ରବିବାର ପାରାଦୀପ ବନ୍ଦର ଏହି ସଫଳତା ହାସଲ କରିଛି । ପାରାଦୀପ ବନ୍ଦର ଆଇରନ୍ ଓର୍ ହ୍ୟାଣ୍ଡଲିଂ ପ୍ଲାଣ୍ଟ ରେ ରବିବାର ଦିନ ସାତ ଗୋଟି ଥର୍ମାଲ କୋଇଲ୍ ରେକ୍ ପରିଚାଳନା କରିଥିଲା। ଗତ ଆର୍ଥିକ ବର୍ଷରେ



ପାରାଦୀପ ବନ୍ଦର ଛଅ ଗୋଟି ରେକ୍ ଗୋଟିଏ ଦିନରେ ପରିଚାଳନା କରିଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହାକୁ ଅତିକ୍ରମ କରିବାରେ ସକ୍ଷମ ହୋଇପାରିଛି।

# ଆଦର୍ଶ ଶିକ୍ଷକ ଅଗସ୍ତି ବେହେରାଙ୍କ ଦେହାନ୍ତ

ବାରିପଦା , ୧୩/୧ (ନି.ପ୍ର): ବାରିପଦା ବ୍ଲକ ତଥା ମୁନିସିପାଲିଟିର ଜଣେ ଆଦର୍ଶ ଶିକ୍ଷକ ଅଗସ୍ତି ବେହେରା ଆଜି ପୂର୍ବାହ୍ନ ୧୦. ୩୦ ରେ ୭୫ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ଓ ଉଦଳା ବ୍ଲକର ବଡଖମ୍ବ ପ୍ରାଥମିକ ବିଦ୍ୟାଳୟରୁ ଚାକିରି ଆରମ୍ଭ କରି ବାରିପଦା ମୁନିସିପାଲିଟିର ବଳରାମପୁର ପ୍ରାଥମିକ ତଥା ଆରତୀ ବିଦ୍ୟା ମନ୍ଦିରରେ ଦୀର୍ଘ ବର୍ଷ ଧରି ଶିକ୍ଷକତା କରି ଚାକିରିରୁ ଅବସର ଗ୍ରହଣ କରିଥିଲେ ଓ ଜଣେ ମେଳାପୀ, ଛାତ୍ରବତ୍ସଳ, ସମୟାନୁବର୍ତ୍ତୀ ଶିକ୍ଷକ ଭାବେ ସେ ଛାତ୍ରଛାତ୍ରୀ ଓ ଅବିଭାବକ ମହଲରେ ବେଶ ପରିଚିତ ଥିଲେ ଓ ଶିକ୍ଷକ ଭାବେ ତାଙ୍କର କାର୍ଯ୍ୟକଳାପ ଯୁବ ଶିକ୍ଷକ ମାନଙ୍କ ପାଇଁ ଉଦାହରଣ ହୋଇ ରହିବ ଓ ତାଙ୍କର ବହୁ ଛାତ୍ରଛାତ୍ରୀ ଆଜି ସମାଜରେ ଉଚ୍ଚ ପଦପଦବୀରେ ଅବସ୍ଥାପିତ ଓ ସେ ବହୁ ଦିନରୁ ଅସୁସ୍ଥ ଥିଲେ ଓ ଖବର ପାଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ଓ ଦାରୋଗାଦାହି ସ୍ଥିତ ଶ୍ମସାନ ଘାଟରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଯାଇଛି ଓ ତାଙ୍କର ଏକ ମାତ୍ର ପୁତ୍ର ରାଧେଶ୍ୟାମ ବେହେରା ମୁଖାଗ୍ନି ଦେଇଥିଲେ ।

# ଉଦ୍ଘାଟିତ ହେଲା ବାଲେଶ୍ୱର ଜିଲ୍ଲାସ୍ତରୀୟ ମେଳା କୋଶମ୍ବ-୨୦୨୫



ବାଲେଶ୍ୱର, ୧୩/୧ (ନି.ପ୍ର): ବହୁ ପ୍ରତିକ୍ଷିତ ବାଲେଶ୍ୱର ଜିଲ୍ଲାସ୍ତରୀୟ ମେଳା କୋଶମ୍ବ-୨୦୨୫ ଓ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ସ୍ଥାନୀୟ ପୋଲିସ ଲାଇନ୍ ପଡିଆରେ ଉଦ୍ଘାଟିତ ହୋଇଯାଇଛି। ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ତଥା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏହି ବିଶାଳ ମହୋତ୍ସବର ଆୟୋଜନ କରାଯାଇଛି ଓ ଏହି ମହୋତ୍ସବର ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଶାସକ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦାନ କରି ଏହି ୭ ଦିନ ବ୍ୟାପି ହେବାକୁ ଥିବା ବାର୍ଷିକ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ମାନୀୟ ଅତିଥିଭାବେ ମାନ୍ୟବର ବିଧାୟକ, ସିମୁଳିଆ ଶ୍ରୀ ପଦ୍ମଲୋଚନ ପଣ୍ଡା, ମାନ୍ୟବର ବିଧାୟକ, ବାଲେଶ୍ୱର ସଦର ଶ୍ରୀ ମାନସ କୁମାର ଦତ୍ତ, ମାନ୍ୟବର ବିଧାୟକ, ନୀଳଗିରି ଶ୍ରୀ ସନ୍ତୋଷ ଖଟୁଆ, ମାନ୍ୟବର ବିଧାୟିକା, ବସ୍ତା ଶ୍ରୀମତୀ ସୁବାସିନୀ ଜେନା, ମାନ୍ୟବର ବିଧାୟକ, ସୋର ଶ୍ରୀ ମାଧବ ଧଡ଼ା, ମାନ୍ୟବର ଅଧ୍ୟକ୍ଷ, ଜିଲ୍ଲା ପରିଷଦ ଶ୍ରୀ ନାରାୟଣ ପ୍ରଧାନ, ମାନ୍ୟବର ଅଧ୍ୟକ୍ଷା, ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ ଯୋଗଦାନ କରିଥିଲେ ଓ ଏଥି ସହିତ ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର ଶ୍ରୀ ରାଜ ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ବିଶ୍ୱରଞ୍ଜନ ନାୟକ ଓ ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେ ମଧ୍ୟ ମଞ୍ଚାସୀନ ଥିଲେ । ଉଦ୍ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ତଥା ସମ୍ମାନୀୟ ଅତିଥିମାନେ ଫିତା କାଟି ସମାରୋହକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ ଓ ଏହା ପରେ ଅତିଥିବୃନ୍ଦ ସମସ୍ତ ଷ୍ଟଲ ପରିଦର୍ଶନ କରି ଗୋଟିଏ ସ୍ଥଳରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳର ସଂସ୍କୃତି ଓ ବିଭିନ୍ନତାକୁ ଏକ ସାଙ୍ଗରେ ସଙ୍ଗଠିତ କରିପାରିଥିବାରୁ ଜିଲ୍ଲା ପ୍ରଶାସନର ଏହି ପ୍ରୟାସକୁ ଭୁରି ଭୁରି ପ୍ରଶଂସା କରିଥିଲେ। ଏହି ମେଳାରେ କୃଷି, ମିଶନ ଶକ୍ତି, ଶିକ୍ଷା, କ୍ରୀଡ଼ା, ସଂସ୍କୃତି, ନିୟୋଜନ, ସମାଜ ମଙ୍ଗଳ ଏବଂ ଅନ୍ୟାନ୍ୟ ଲାଇନ୍ ବିଭାଗର ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ଷ୍ଟଲ୍ ଏବଂ କୃଷି ଯନ୍ତ୍ରୀକରଣ ଉପରେ ୪୦ ଷ୍ଟଲ୍ ରହିଛି। ବିଭିନ୍ନ କୃଷିଜାତ, ଗ୍ରାମୀଣ, ହସ୍ତଶିଳ୍ପ, କୁଟୀର ଶିଳ୍ପ ଆଦି ଅନେକ ବ୍ୟବହାର୍ଯ୍ୟ ସାମଗ୍ରୀର ପ୍ରଦର୍ଶନ ସହ ବିକ୍ରୟ ଚାଲିଛି। ଆମ ଜିଲ୍ଲା ବାଲେଶ୍ୱରର ରହିଛି ସ୍ୱତନ୍ତ୍ର ବୈଶିଷ୍ଟ୍ୟ । କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରଂପରା, ଭାସ୍କର୍ଯ୍ୟ, କ୍ରୀଡା, କ୍ଷେତ୍ରରେ ବାଲେଶ୍ୱରର ସ୍ଥାନ ଅନନ୍ୟ । ଅମାପ ସବୁଜ ବଣ ଜଙ୍ଗଲ, ପ୍ରାକୃତିକ ଶୋଭାରାଜି, ଦେବାଦେବୀ ପୀଠ, ପର୍ଯ୍ୟଟନ ସ୍ଥଳୀ ପାଇଁ ବାଲେଶ୍ୱର କେବଳ ଓଡିଶାରେ ନୁହେଁ ସମଗ୍ର ଦେଶରେ ସ୍ୱତନ୍ତ୍ର ମର୍ଯ୍ୟାଦା ହାସଲ କରିଛି । କୋଶମ୍ବ-୨୦୨୫ ମେଳା ବାଲେଶ୍ୱର ଜିଲ୍ଲାର ଉନ୍ନୟନ ଓ ସାଂସ୍କୃତିକ ପ୍ରସାରଣର ଦର୍ପଣ ସାଜିବ ବୋଲି ମୋର ଦୃଢ଼ ବିଶ୍ୱାସ ବୋଲି ନିଜ ଅଭିଭାଷଣରେ ମୁଖ୍ୟ ଅତିଥି ଶାସକ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ମତ ପ୍ରକାଶ କରିଥିଲେ। ଏହି ମହୋତ୍ସବର ଉଦ୍ଘାଟନୀ ସଂଧ୍ୟାର ମୁଖ୍ୟ ଆକର୍ଷଣ ତଥା ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଜାତୀୟସ୍ତରର ଖ୍ୟାତିସମ୍ପନ୍ନ ତାରକା ଶାଶ୍ୱତ ଯୋଶୀଙ୍କ କଳାତ୍ମକ ପରିବେଷଣ ସମସ୍ତ ଦର୍ଶକମାନଙ୍କ ମନୋରଞ୍ଜନ କରି ନିଜ କଳା ଦ୍ୱାରା ସମସ୍ତ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ। ଜିଲ୍ଲାପାଳ ଶ୍ରୀ ବିକାଶ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ତ୍ୟୋଦୟ ଚେତନା ମଣ୍ଡଳ ପକ୍ଷରୁ କମ୍ବଳ ବଣ୍ଟନ



କପ୍ତିପଦା, ୧୩/୧ (ନି.ପ୍ର): ଅନ୍ତ୍ୟୋଦୟ ଚେତନାମଣ୍ଡଳ ଲାବଣ୍ୟଦେଇପୁର ଶାଖା ତରଫରୁ ଗରିବ ଓ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଲାବଣ୍ୟଦେଇପୁର ସରପଞ୍ଚ ତୁରାମ ସିଂ ଶୁଭାରମ୍ଭ କରିଥିଲେ । ମୁଖ୍ୟଅତିଥିଭାବେ ଶରତ କଲେଜର ଅଧ୍ୟକ୍ଷ ଡ. ଭଗବାନ ପଣ୍ଡା ଯୋଗ ଦେଇଥିବାବେଳେ ଚେତନା ମଣ୍ଡଳର ସଂଯୋଜକ ପିତାମ୍ବର ସାହୁଙ୍କ ସହିତ ବରେନ୍ କମଳ ଜେଠା, ପ୍ରକୃତିବନ୍ଧୁ ଅର୍ଜୁନ ମହାନ୍ତ, ରସାନନ୍ଦ ସାହୁ ଯୋଗଦେଇଥିଲେ । କପ୍ତିପଦା. ଶରତ ଓ ଲାବଣ୍ୟଦେଇପୁର ଗ୍ରାମ ପଞ୍ଚାୟତର ବିଭିନ୍ନ ସ୍ଥାନରେ କମ୍ବଳ ବଣ୍ଟନ କରାଯାଇଥିଲା ।

# ଶିମିଳିପାଳର କୁମକି ହାତୀ 'ମହେନ୍ଦ୍ର'ର ମୃତ୍ୟୁ

ଭୁବନେଶ୍ୱର, ୧୩/୧ (ନି.ପ୍ର): ଆଖି ବୁଜିଲା ଶିମିଳିପାଳର କୁମକି ହାତୀ 'ମହେନ୍ଦ୍ର' । ଗତକାଲି ବିଳମ୍ବିତ ରାତିରେ ଶିମିଳିପାଳ ଅଭୟାରଣ୍ୟର ଚହଲା ଠାରେ ପୋଷା ହାତୀ 'ମହେନ୍ଦ୍ର'ମୃତ୍ୟୁ ହୋଇଥିବା ସୂଚନା ଦେଇଛନ୍ତି ଶିମିଳିପାଳ କର୍ତ୍ତୃପକ୍ଷ । ଦୀର୍ଘଦିନ ଧରି ଶିମିଳିପାଳରେ କାଠ ମାଫିଆ ଓ ଶିକାରୀ ମାନଙ୍କୁ ଧରିବାରେ ବନବିଭାଗକୁ ସହାୟତା କରି ଆସୁଥିଲା । ଦୁଇ ବର୍ଷ ପୂର୍ବେ ତାକୁ ଅନୁଗୋଳ ସାତକୋଶିଆ ଅଭୟାରଣ୍ୟକୁ ନିଆଯାଇଥିଲା। କିଛି ମାସ ପୂର୍ବରୁ ଶିମିଳିପାଳକୁ ଫେରିବା ପରେ ଦେହ ଅସୁସ୍ଥ ହେବାରୁ ମହେନ୍ଦ୍ରର ଚିକିତ୍ସା ଜାରି ରହିଥିଲା । ମହେନ୍ଦ୍ରର ଆନୁମାନିକ ବୟସ ୬୫ ବର୍ଷରୁ ଅଧିକ । ଆଜି ଏକ ଡ଼ାକ୍ତରୀ ଟିମ୍ ଚହଲା ଠାରେ ପହଂଚି ବ୍ୟବଚ୍ଛେଦ କରିବା ପରେ ମହେନ୍ଦ୍ରର ଶବ ସଂସ୍କାର କରାଯିବ ବୋଲି ସୂଚନା ମିଳିଛି । ମହେନ୍ଦ୍ର ମୃତ୍ୟୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ମାନନୀୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଂଟିଆ ।

# ବାସ୍ତବର ପଚାଶ ବର୍ଷ ପୂର୍ତ୍ତି ଉତ୍ସବ

ବାରିପଦା , ୧୩/୧ (ନି.ପ୍ର): ବାରିପଦା ଠାରେ 'ବାସ୍ତବ' - ୧୯୭୫ମସିହା ମ୍ୟାଟ୍ରିକୁଲେସନ୍ ବ୍ୟାଚର ବନ୍ଧୁମାନଙ୍କ ଦିର୍ଘ ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷେ କାର୍ଯ୍ୟକ୍ରମ ହାତକୁ ନିଆଯାଇ ପ୍ରଥମେ ନର୍ସରୀ ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପିଲା ମାନଙ୍କ ମଧ୍ୟରେ ଚାରୋଟି ଗ୍ରୁପ କରାଯାଇ ଦେଉଳି ରୋଡ଼ ସ୍ଥିତ 'ଗୋବିନ୍ଦମ୍' ଜଙ୍ଗଲ ରିସୋର୍ଟରେ ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୂଷ୍ଠିତ ହୋଇଯାଇଛି । ସେଥିରେ ବାରିପଦା ତଥା ଆଖପାଖର ସ୍କୁଲ ପିଲାମାନଙ୍କ ମଧ୍ୟରେ ଖୁବ୍ ଆକର୍ଷଣୀୟ ଢଙ୍ଗରେ କରାଯାଇଥିବା ଯୋଗୁ ସମ୍ପୃକ୍ତ ପିଲା ତଥା ଅଭିଭାବକଙ୍କ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ସେଥିରେ ବିଭିନ୍ନ ବର୍ଗରୁ ସର୍ବମୋଟ ୧୧୦ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାକୁ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଉଦଘାଟନ କରିବା ଅବସରରେ ଅତ୍ୟନ୍ତ ଖୁସି ପ୍ରକଟ କରି ଏପରି ଏକ ବିରଳ ଉତ୍ସବ ସଂପୂର୍ଣ୍ଣ ପ୍ରାକୃତିକ ପରିବେଶ ମଧ୍ୟରେ କରାଯିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବୋଲି ପ୍ରକାଶ କରିଥିଲେ ।



ତାଙ୍କର ସଂକ୍ଷିପ୍ତ ଅଭିଭାଷଣରେ ବାସ୍ତବ ସଂସ୍ଥାର କର୍ମକର୍ତ୍ତା ମାନଙ୍କ ଭୂୟସୀ ପ୍ରଶଂସା କରି ବିଭିନ୍ନ କ୍ଷେତ୍ରରେ କିପରି ବାରିପଦା ସହରର ଉନ୍ନତି ପାଇଁ ସମୟପଯୋଗୀ ପରାମର୍ଶ ଓ ବିଶେଷ ଅବଦାନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ବାସ୍ତବ ସଂଗଠନକୁ ବାରିପଦା ସହର ମଧ୍ୟରେ ସ୍ଥାୟୀ ଗୃହ ନିର୍ମାଣ ପାଇଁ ଆବଶ୍ୟକ ଜମି ମ୍ୟୁନିସିପାଲିଟି କର୍ତୃପକ୍ଷଙ୍କ ତରଫରୁ ଯୋଗାଇ ଦିଆଯିବ ବୋଲି ଉଲ୍ଲେଖ କରିଥିଲେ ... ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ରୂପାୟନ କରିବା ପଛରେ ସଂସ୍ଥାର ସଭାପତି ରବିନ୍ଦ୍ରନାଥ ସାହୁ ,ସମ୍ପାଦକ ପ୍ରଦୀପ କିଶୋର ମହାନ୍ତି,ତଥା ସଭ୍ୟ ସୌର ବିହାରୀ ଦାସ , ଚାରୁ ଚନ୍ଦ୍ର ଦାସ , ପ୍ରଦୀପ ପାଣିଗ୍ରାହୀ, ସର୍ବତୋଷ ଦାଶ, ଶାନ୍ତନୁ ପାଢ଼ୀ, ଅନ୍ତର୍ଯ୍ୟାମୀ ସାହୁ ,ସୁକୁମାର ଆଢ୍ୟ, ଚକ୍ରଧର ମହାପାତ୍ର, ଅନନ୍ତ ଦାଶ, ନନ୍ଦଲାଲ ମିଶ୍ର,ଜୟନ୍ତ ସେନାପତି, କାମିନୀ କାନ୍ତ ମାଲାକାର,ମାନବେନ୍ଦ୍ର ମହାନ୍ତିଙ୍କ ବିଶେଷ ଅବଦାନ ପରିଲକ୍ଷିତ ହୋଇଥିଲା । ପୁଣି ସଂଧ୍ୟାରେ ପଚାଶ ବର୍ଷର ବିଶେଷ କାର୍ଯକ୍ରମ ଭିତରେ ଗୋଟେ ନାଟକ ଶହୀଦ ସ୍ମୃତି ଭବନରେ ଆସନ୍ତା ୩୦.୦୧.୨୦୨୫ ଗୁରୁବାର ଅନୁଷ୍ଠିତ ହେବାକୁ ଯାଉଥିବାରୁ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ଗୋଟେ ଭଏସ୍ ଅଡିସନ୍ ଚିନ୍ମୟ ଦାସ ପଟ୍ଟନାୟକଙ୍କ ଅନୁଷ୍ଠାନରେ ଅନୁଷ୍ଠିତ ହୋଇଯାଇଅଛି । ସେହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସଂସ୍ଥାର କର୍ମକର୍ତ୍ତାଗଣ ଦୃଢ଼ ପରିକର ବୋଲି ପରିଲକ୍ଷିତ ହୋଇଥିଲା ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ବେତନଟୀ , ୧୩/୧ (ନି.ପ୍ର): ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ବେତନଟୀ ପୁଲିସ , ବ୍ଲକ ପ୍ରଶାସନ ଓ ଭାରତୀୟ ଜନତା ଦଳ ବେତନଟୀ ମଣ୍ଡଳ ର ମିଳିତ ସହଯୋଗରେ ଆଜି ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ଆଇଆଇସି ସସ୍ମିତା ମହାନ୍ତ ଓ ୩୫ ନମ୍ବର ମଣ୍ଡଳ ସଭାପତି ଙ୍କ ସଂଯୋଜନା ରେ ବେତନଟୀ ଥାନା ଛକ ରୁ ରାଲି ବାହାରି ବେତନଟୀ ଚଣ୍ଡି ଛକ ରାସ୍ତାରେ ଚାଳକଙ୍କୁ ସଡ଼କ ସୁରକ୍ଷା ନିୟମବଳୀ ଉପରେ ସଚେତନତା କରିଥିଲେ। ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ଛାତ୍ରୀ ମାନଙ୍କ ଦ୍ୱାରା ଯମରାଜ ଏବଂ ଚିତ୍ରଗୁପ୍ତ ବେଶ ଧରି ରାସ୍ତାରେ ଯାଉଥିବା ଗାଡ଼ି ଚାଳକ ମାନେ ହେଲେମେଟ ନ ପିନ୍ଧି ଗାଡ଼ି ଚଳାଉଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଗନ ବିହାରୀ ବେହେରା, ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ, ରେଞ୍ଜର ମନୱ୍ୱର ଖାଁ,ଏମ ଭି ଆଇ ଚିନ୍ମୟୀ ମହାନ୍ତ, ପଦ୍ମମାଳୀ ମହିଳା ସଂଘଠନ ର ସମ୍ପାଦିକା ପ୍ରଭାତି ମହାନ୍ତି , ଗୀତାଞ୍ଜଳି ଭୂୟାଁ , ରଞ୍ଜୀତା କର , ମନିଲତା ବଳା , ମିନତୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଭାରତୀୟ ଜନତା ପାର୍ଟିର ତରଫରୁ ଯୁବ ସଂଗଠକ ଚନ୍ଦ୍ରଶେଖର ଧ୍ୱରା, ବିକାଶ କୁମାର ଦାସ,ରାକେଶ ମହାନ୍ତ,ସଞ୍ଜୀବ ଜେନା,ଅରୂପ ଲେଙ୍କା, ବୀରକିଶୋର ବିଶ୍ୱାଳ, ସୁମନ୍ତ ପରିଡ଼ା,ରବୀନ୍ଦ୍ର ମହାନ୍ତି, ତପସ୍ୱୀ ରାଉତ, ବ୍ରହ୍ମାନନ୍ଦ ପରିଡ଼ା, ଜଗା ଦାସ,ଆଗ୍ରିଆ ପଞ୍ଚାୟତ ସରପଞ୍ଚ ମିନତୀ ସିଂ,ମହିଳା ମଣ୍ଡଳ ମହିଳା ମୋର୍ଚ୍ଚାର ସଭାପତି ମିନା ମହାନ୍ତି,ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଅମ୍ବିକା ବାରିକ, ଅନିନ୍ଦିତା ସାହୁ , ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସଡ଼କ ସୁରକ୍ଷା ବାବଦରେ ଲୋକଙ୍କୁ ସଚେତନ କରାଇଥିଲେ ।

# ମାସ୍କ ପିନ୍ଧିବା ନେଇ ଆସିନି କୌଣସି ଗାଇଡ଼ ଲାଇନ

ଭୁବନେଶ୍ୱର, ୧୩/୧ (ନି.ପ୍ର): ଏ ଯାଏଁ ଏଚଏମପିଭିକୁ ନେଇ କେନ୍ଦ୍ର ସରକାର କୌଣସି ମାର୍ଗଦର୍ଶିକା ଆସି ନ ଥିବା କହିଲେ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ଯେ, ଯଦି ମାର୍ଗଦର୍ଶିକା ଆସେ, ସେହି ଅନୁସାରେ ସବୁ ହସ୍ପିଟାଲକୁ ନିର୍ଦ୍ଦେଶ ଦିଆଯିବ । ଏ ଥଂଡା ଜ୍ୱର କରୁଥିବା ବେଳେ ସଂକ୍ରମଣ ସେତେ ବଡ଼ ନୁହେଁ ଯ ଭୁବନେଶ୍ୱରରେ ଷ୍ଟେଟ ଆଇଡିଏସପି ସେଲ ସେଲ ଓ କେନ୍ଦ୍ରରୁ ଏନସିଡିସି ଏହାକୁ ମନିଟର କରୁଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁସାରେ, ଚାଇନାରେ ବି କେଶ କମିଛି। ଭାରତରେ ବି କମୁଛି। ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ଥଣ୍ଡା ଜ୍ୱର କାଶ ହେଲେ ସଂଗରୋଧ ରୁହନ୍ତୁ ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କିଶୋରୀ ମାତୃତ୍ୱ ପରାମର୍ଶ କାର୍ଯ୍ୟକ୍ରମ 'ଯଶସ୍ୱିନୀ'

ଖୋର୍ଦ୍ଧା, ୧୩/୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏବଂ ଆକ୍ସନ ଏଡ଼ର ମିଳିତ ଉଦ୍ୟମରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କିଶୋରୀ ମାତୃତ୍ୱ ପରାମର୍ଶ କାର୍ଯ୍ୟକ୍ରମ ଯଶସ୍ୱିନି ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଚଂଚଳ ରାଣା, ସମ୍ମାନୀୟ ଅତିଥି ଭାବରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଯୋଗଦେଇଥିଲେ । ଜିଲ୍ଲାପାଳ ଶ୍ରୀ ରାଣା କହିଥିଲେ ସମସ୍ତ କିଶୋରୀ ମା ମାଙ୍କୁ ଆମ ପରିବାରର ସଦସ୍ୟ ବୋଲି କହି ଥିଲେ ଏବଂ ଯଦି କୌଣସି ମା ଆଗକୁ ପାଠ କିମ୍ବା କୌଣସି ପ୍ରକାରର ଧନ୍ଦାମୂଳକ ଶିକ୍ଷାରେ ଇଚ୍ଛା ଥିବା ସେମାନଙ୍କୁ ସମସ୍ତ ପ୍ରକାରର ଜିଲ୍ଲା ପ୍ରଶାସନ ତରଫରୁ ସୁବିଧା ଯୋଗାଇ ଦିଆଯିବ । ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସାହୁ ଜିଲ୍ଲାରେ କିପରି ଭାବରେ ଏହି କାର୍ଯ୍ୟକ୍ରମକୁ ଆଗକୁ ନିଆଯାଇପାରିବ, ସେ ବିଷୟରେ ମତ ରଖି ଥିଲେ । ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରି ଥିଲେ । ଆକ୍ସନ ଏଡ଼ର ନେସନାଲ ପ୍ରୋଗ୍ରାମ ଲିଡ଼ ଘାସିରାମ ପଣ୍ଡା କିଶୋରୀ ଗର୍ଭବତୀ ଉପରେ ସମ୍ପୁର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଆଇସିଡିଏସ୍ ପ୍ରୋଜେକ୍ଟ ର ୩୩ ଜଣ କିଶୋରୀ ମା ଓ କିଶୋରୀ ଗର୍ଭବତୀ ଯୋଗ ଦେଇ ଥିଲେ । କାର୍ଯ୍ୟକ୍ରମରେ କିଶୋରୀ ମା ଓ କିଶୋରୀ ଗର୍ଭବତୀ ମାନଙ୍କୁ ସ୍ୱାସ୍ଥ୍ୟ ଟିମ, ମାନସିକ ପରାମର୍ଶ ଟିମ ଏବଂ ଶିକ୍ଷା, ଜୀବିକା ଓ ସାମାଜିକ ନିରାପତା ଟିମ ଆଗରେ ସେମାଙ୍କର ସ୍ୱାମୀଙ୍କ ସହ ଉପସ୍ଥାପନ କରା ଯାଇଥିଲା । ସମସ୍ତ କିଶୋରୀ ମା ଓ କିଶୋରୀ ଗର୍ଭବତୀ ମାନଙ୍କୁ ଚିକିତ୍ସ୍ୟ କରେଇବା ସହିତ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବଧରେ ଅବଗତ କରା ଯାଇଥିଲା । ଏହା ସହିତ ସେମାନଙ୍କୁ ଧନ୍ଦା ମୂଳକ ଶିକ୍ଷା ଓ ଅଧାରୁ ପାଠ ଛାଡି ଥିବା କିଶୋରୀ ମା'ମାନଙ୍କୁ ରାଜ୍ୟ ଶିକ୍ଷା ମୁକ୍ତ ବିଦ୍ୟାଳୟରେ ପାଠ ପଢିବା ପାଇଁ ପରାମର୍ଶ ଦିଆ ଯାଇଥିଲା ।

# ନେତାଜୀ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବସ୍ତା ,୧୩/୧(ନିପ୍ର) ରୂପସା ଥାନା ଅନ୍ତର୍ଗତ ତାହାରପୁର ନେତାଜୀ କ୍ଲବ୍ ସବୁ ବର୍ଷ ଭଳି ଏ ବର୍ଷ ମଧ୍ୟ ଜାନୁଆରୀ ୨୩ ନେତାଜୀ ଜୟନ୍ତୀ ଉପଲକ୍ଷେ ତାର ୩୪ ତମ ବାର୍ଷିକ ଉତ୍ସବ ପାଳନ କରିବାକୁ ଯାଉଛି । ଆଜି ଏହି ଉତ୍ସବ କୁ ନେଇ ନେତାଜୀ କ୍ଲବ୍ ପରିସର ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାୟୀ ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ ଙ୍କ ଅଧ୍ୟକ୍ଷତା ରେ କ୍ଲବର୍ ସାଂସ୍କୃତିକ ସମ୍ପାଦକ ରବିନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିଲେ। ଉପଦେଷ୍ଟା ଜଗନ୍ନାଥ ଗିରି,



ସୁବଳ ପଣ୍ଡା, ବିନୟ ବେହେରା, ମାର୍କଣ୍ଡ ଦାସ, ଲେମ୍ବୁଦୋର ବେହେରା , ଶ୍ରୀଧର ବୁଗୁଡ଼ି , ଅଫିସ ସମ୍ପାଦକ ଅବିନାଶ ବେହେରା , ସମ୍ପାଦକ ପ୍ରଦୀପ ପଣ୍ଡିତ ଙ୍କ ସହ କ୍ଲବ୍ ର ସମସ୍ତ ସକ୍ରିୟ ସଦସ୍ୟ ଉପସ୍ଥିତ ଥିଲେ। ସବୁ ବର୍ଷ ଭଳି ଜୟନ୍ତୀ ଆଗ ଦିନ ଗାଁ ର,ଏସଏଜି ଗ୍ରୁପ ର ମହିଳା ମାନଙ୍କୁ ନେଇ ବିଭିନ୍ନ ପ୍ରକାର ର ଖେଳ , ତା ପର ଦିନ ନେତାଜୀ ପତାକା ଉତ୍ତୋଳନ , ପରେ ପାଖା ପାଖି ୨୦ ରୁ ଅଧିକ ସ୍କୁଲରୁ ଆସିଥିବା ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବକ୍ତୃତ୍ୱ , ସଙ୍ଗୀତ ଆଦି ପ୍ରତିଯୋଗିତା ହୁଏ , ପରେ ମଧ୍ୟାହ୍ନ ଭୋଜନ, ସଂଧ୍ୟା ସଭା କାର୍ଯ୍ୟ ରେ ଅତିଥି ମାନଙ୍କ ର ଅଭିଭାଷଣ ଓ କୃତୀ ଛାତ୍ର ଛାତ୍ରୀ, ଏସଏସଜି ଗ୍ରୁପର ବିଜେତା ମହିଳା ମାନଙ୍କୁ ପୁରସ୍କୃତ କରାଯିବା ର ବ୍ୟବସ୍ଥା କରାଯାଇଛି । ରାତିରେ ସାଂସ୍କୃତିକ କାର୍ଯକ୍ରମ ହେବ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida